

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୩୧ ଅଗଷ୍ଟ ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 31 AUGUST 2020
Vol.No. 30 ■ No. 220■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

SAI SADHANA SCIENCE HIGHER SECONDARY SCHOOL, UDALA
A Fully +2 Science Residential College
Dibyasingpur, Udala,
Dist: Mayurbhanj





2nd Admission is going on
SUMMER COURSE:- 2nd Batch Admission
Starts from: Dt.19.03.2020 and Class Starts
From:- 2nd April (Thursday)
ଏହି SUMMER COURSE FEE କେବଳ ମାତ୍ର
୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢ଼ିବା ର ସୁବ୍ୟବସ୍ଥା ରହିଛି ।
For better development of students are taught by highly and well experienced faculties.
Contact No: 9437294587, 9438232419, 9437443950,

# ଲୋକାଲ୍ ଖେଳନା ପାଇଁ ଭୋକାଲ ହେବା: ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ,୩୦।୮ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମନ କି ବାତରେ ଲୋକ ମାନଙ୍କୁ ଲୋକାଲ ଖେଳଣା ପାଇଁ ଭୋକାଲ ହେବାକୁ ଆହ୍ୱାନ କରିଛନ୍ତି ।ଏହା ଏକ ବଡ ବଜାର ହୋଇଥିବା ବେଳେ ଭାରତୀୟ ଥିମରେ ଖେଳଣା ତିଆରି କରିବାକୁ ସେ ଆହ୍ୱାନ କରିଛନ୍ତି ।

ସେ କହିଛନ୍ତି ଯେ ଆମ ଦେଶରେ ସ୍ଥାନୀୟ ଖେଳଣାର ଗୋଟିଏ ସମୃଦ୍ଧ ପରମ୍ପରା ରହିଛି। ଅନେକ ପ୍ରତିଭାଶାଳୀ ଏବଂ ଦକ୍ଷ କାରିଗର ଅଛନ୍ତି, ଯେଉଁମାନେ ଭଲ ଖେଳଣା ତିଆରି କରିବାରେ ସିଦ୍ଧହସ୍ତ। ଭାରତର କିଛି କ୍ଷେତ୍ର ଟୟ୍ କ୍ଲଷ୍ଟର ଅର୍ଥାତ ଖେଳଣା ତିଆରି କେନ୍ଦ୍ର ରୂପେ ବିକଶିତ ହେବାରେ ଲାଗିଛନ୍ତି। ଯେମିତିକି, କର୍ଣ୍ଣାଟକ ରାମନଗରମ୍‌ର ଚନ୍ନାପାଟଣା, ଆନ୍ଧ୍ରପ୍ରଦେଶ କୃଷ୍ଣା ଜିଲ୍ଲାର କୋଣ୍ଡାପଲ୍ଲୀ, ତାମିଲନାଡୁର ତଂଜୋର, ଆସାମର ଧୁବ୍‌ରୀ, ଉତରପ୍ରଦେଶର ବାରାଣସୀ। ଏମିତି ଅନେକ ଜାଗା ରହିଛି। ଏକଥା ଜାଣି ଆପଣ ଆଶ୍ଚର୍ଯ୍ୟାନ୍ୱିତ ହେବେ ଯେ, ବିଶ୍ୱର ଖେଳଣା ବଜାରରେ ୭ ଲକ୍ଷ କୋଟି ଟଙ୍କାରୁ ଅଧିକର କାରବାର ହୁଏ। ୭ ଲକ୍ଷ କୋଟିର ଏତେ ବଡ଼ କାରବାର, ଅଥଚ ଭାରତର ଅଂଶ ଏଥିରେ ବହୁତ କମ ରହିଛି। ଏବେ ଆପଣ ଚିନ୍ତା କରନ୍ତୁ ତ, ଯେଉଁ ଦେଶର ଗୋଟିଏ ସମୃଦ୍ଧ ପରମ୍ପରା ରହିଛି, ଯେଉଁଠି ଏତେ ସବୁ ବିବିଧତା ଭରି ରହିଛି, ଯୁବଶକ୍ତି ରହିଛି, ଖେଳଣା ବଜାରରେ ତାର ଅଂଶ ଏତେ କମ ହେବା କ'ଣ ଆମକୁ ଶୋଭା ପାଇବ ନାହିଁ ବୋଲି ସେ କହିଛନ୍ତି । ଖେଳଣା ଉଦ୍ୟୋଗର ଏକ ବିଶାଳ କ୍ଷେତ୍ର ରହିଛି। ଗୃହ ଉଦ୍ୟୋଗ ହେଉ, କ୍ଷୁଦ୍ର ଏବଂ ଲଘୁ ଉଦ୍ୟୋଗ ହେଉ, ଏମ.ଏସ.ଏମ.ଇ ହେଉ, ଏହାସହିତ ବଡ଼ ଉଦ୍ୟୋଗ ଏବଂ ବ୍ୟକ୍ତିଗତ ଉଦ୍ୟମୀ ମଧ୍ୟ ଏହାର ପରିସରଭୁକ୍ତ। ଏହାର ଉନ୍ନତି ପାଇଁ ସାରା ଦେଶକୁ ମିଶି ପରିଶ୍ରମ କରିବାକୁ ହେବ। ଆନ୍ଧ୍ରପ୍ରଦେଶର ବିଶାଖାପଟ୍ଟନମ୍‌ର ଶ୍ରୀମାନ ସି.ବି. ରାଜୁଙ୍କ ଗାଁରେ ଏକଦା ଏତି-କୋପକ୍କା ଖେଳଣା ଖୁବ ଚାଲୁଥିଲା। ଏହାର ବିଶେଷତ୍ୱ ଏହାଥିଲା ଯେ, ଏହା କାଠରେ ତିଆରି ହେଉଥିଲା। ଆଉ ଅନ୍ୟ ଏକ ବିଶେଷତ୍ୱ ଥିଲା ଯେ ଏଥିରେ କୌଣସି ପ୍ରକାର କୋଣ ବା ଧାର ରହୁ ନଥିଲା। ସବୁଆଡୁ ଏହା ଗୋଲାକାର ଥିଲା। ତେଣୁ ଛୋଟ ପିଲାଙ୍କୁ ଏହାଦ୍ୱାରା କୌଣସି ପ୍ରକାର ଶାରୀରିକ କ୍ଷତି ହେବାର ସମ୍ଭାବନା ରହୁ ନ ଥିଲା। ସି.ବି. ରାଜୁ ଏତି-କୋପ୍ପକା ଖେଳଣା ପାଇଁ ନିଜ ଗାଁର କାରିଗରମାନଙ୍କ ସହ ମିଶି ଗୋଟିଏ ନୂଆ ଅଭିଯାନ ଆରମ୍ଭ କରିଛନ୍ତି। ଉନ୍ନତ ମାନର ▶▶ପୃଷ୍ଠା ୭

## ରାଜ୍ୟରେ ଆଉ ୧୨ ଜଣଙ୍କର କରୋନାରେ ମୃତ୍ୟୁ: ମୃତ୍ୟୁ ସଂଖ୍ୟା ୪୮୨ ହେଲା

ଭୁବନେଶ୍ୱର,୩୦।୮ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୧୨ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୪୮୨ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ଗଂଜାମ ଜିଲ୍ଲାରୁ ୪ ଜଣ ହୋଇଥିବା ବେଳେ ଖୋର୍ଦ୍ଧା, କଟକ. ମାଲକାନଗିରି ପୁରୀ, ସୁନ୍ଦରଗଡ ଓ ଯାଜପୁର, ରାୟଗଡା ଓ ନବରଙ୍ଗପୁର ଜିଲ୍ଲାରୁ ଜଣେ – ଜଣେ ଅଛନ୍ତି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଭୁବନେଶ୍ୱର ଜଣେ ୫୩ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷ ମୃତ୍ୟୁବରଣ କରିଛନ୍ତି। ସେ ମଧୁମେହ ଓ ଉଚ୍ଚ ରକ୍ତଚାପ ରୋଗରେ ପୀଡିତ ଥିଲେ। କଟକ ଜିଲ୍ଲା ଜଣେ ୬୩ ବର୍ଷୀୟା କରୋନା ସଂକ୍ରମିତ ପୁରୁଷଙ୍କର ମୃତ୍ୟୁ ଘଟିଛି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପ ରୋଗରେ ପୀଡିତ ଥିଲେ । ଗଂଜାମ ଜିଲ୍ଲାର ଜଣେ ୩୫ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି । ସେ ମଧୁମେହରେ ପୀଡିତ ଥିଲେ। ଗଂଜାମ ଜିଲ୍ଲାର ଜଣେ ୩୦ ବର୍ଷୀୟ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ରୋଗରେ ପୀଡିତ ଥିଲେ। ଗଂଜାମ ଜିଲ୍ଲାର ଜଣେ ୬୫ ବର୍ଷୀୟା ମହିଳା କରୋନା ଆକ୍ରାନ୍ତଙ୍କର ମଧ୍ୟ ମୃତ୍ୟୁ ଘଟିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସେ ଉଚ୍ଚ ରକ୍ତଚାପ ଓ ଅନ୍ୟ ରୋଗରେ ପୀଡିତ ଥିଲେ । ଗଂଜାମ ଜିଲ୍ଲାର ଜଣେ ୫୦ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଯାଜପୁର ଜିଲ୍ଲାର ଜଣେ ୬୨ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହରେ ପୀଡିତ ଥିଲେ। ମାଲକାନଗିରି ଜିଲ୍ଲାର ଜଣେ ୫୯ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କର ମୃତ୍ୟୁ ଘଟିଛି। ନବରଙ୍ଗପୁର ଜିଲ୍ଲାର ହିଁ ଜଣେ ୬୨ ବର୍ଷୀୟ ପୁରଷଙ୍କର ମୃତ୍ୟୁ ଘଟିଛି ।ସେ ମଧୁମେହ ଓ ଅନ୍ୟ ରୋଗରେ ପୀଡିତ ଥିଲେ । ପୁରୀ ଜିଲ୍ଲାର ଜଣେ ୪୮ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ସେ କ୍ରନିକ ଲିଭର ରୋଗରେ ପୀଡିତ ଥିଲେ। ରାୟଗଡା ଜିଲ୍ଲାର ଜଣେ ୭୦ ବର୍ଷୀୟ ପୁରୁଷ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ସୁନ୍ଦରଗଡ ଜିଲ୍ଲାର ଜଣେ ୫୯ ବର୍ଷୀୟ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ସେ ଉଚ୍ଚ ରକ୍ତଚାପ ଓ ଅନ୍ୟ ରୋଗରେ ପୀଡିତ ଥିଲେ।

## ଆଜି ବନ୍ୟାଂଚଳ ପରିଦର୍ଶନ କରିବେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୩୦।୮ (ନି.ପ୍ର): ଆସନ୍ତାକାଲି (ସୋମବାର) ମୁଖ୍ୟମନ୍ତ୍ରୀ ନିଜେ ବନ୍ୟାଂଚଳ ପରିଦର୍ଶନ କରିବେ। ବନ୍ୟାଂଚଳ ପରିଦର୍ଶନ ପରେ ବରିଷ୍ଠ ଅଧିକାରୀଙ୍କ ସହ ମୁଖ୍ୟମନ୍ତ୍ରୀ ବୈଠକ କରିବେ ବୋଲି ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀଙ୍କ ସୂଚନା ଦେଇଛନ୍ତି। ରାଜ୍ୟର ବନ୍ୟା ସ୍ଥିତି ସମ୍ପର୍କରେ ସୂଚନା ଦେଇ ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ ରାଜ୍ୟରେ ବନ୍ୟା ପରିସ୍ଥିତି ସୁଧୁରୁଛି। ଲଘୁଚାପ ପ୍ରଭାବରେ ଓଡିଶା ର ଉପକୂଳ ଓ ଉତର ଜିଲ୍ଲା ଗୁଡିକରେ ପ୍ରବଳ ବର୍ଷା ହୋଇଛି। ତେଣୁ ସୁବର୍ଣ୍ଣରେଖା, ବୈତରଣୀ, ବୁଢାବଳଙ୍ଗ ଓ ମହାନଦୀରେ ବନ୍ୟା ଆସିଛି। ମୁଣ୍ଡଳୀ ଠାରେ ରବିବାର ୧୦.୦୨ ଲକ୍ଷ କ୍ୟୁସେକ୍ ଜଳ ପ୍ରବାହିତ ହୋଇଛି। ଆସନ୍ତାକାଲି ୧୦ରୁ ୧୧ ଟା ମଧ୍ୟରେ ମୁଣ୍ଡଳୀରେ ଜଳ ପ୍ରବାହ କମିବ। ମହାନଦୀରେ ଜଳ ପ୍ରବାହ ଯୋଗୁଁ କେନ୍ଦ୍ରାପଡା, ଜଗତସିଂହପୁର, ପୁରୀ ଓ କଟକର କିଛି ଅଂଚଳ ଉପରେ ପ୍ରଭାବ ପଡିବ। ପୁରୀ ଜିଲ୍ଲା ଦେବୀ ଓ ଭାର୍ଗବୀ ନଦୀରେ ଜଳସ୍ତର ବିପଦସଙ୍କେତ ଉପରେ ଅଛି। ପରିସ୍ଥିତି ଉପରେ ତୀକ୍ଷ୍ଣ ଦୃଷ୍ଟି ରଖାଯାଇଛି ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି। ବନ୍ୟାଂଚଳରେ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ଜାରି ରହିଛି। ଏଥିପାଇଁ ପର୍ଯ୍ୟାପ୍ତ ପରିମାଣର ଏନଡିଆରଏଫ୍ , ଓଡ୍ରାଫ୍ ଓ ଅଗ୍ନିଶମ ଟିମ୍ ନିୟୋଜିତ ଅଛନ୍ତି। ଜିଲ୍ଲାପାଳ ମାନଙ୍କୁ ପରିସ୍ଥିତି ଉପରେ ନଜର ରଖିବାକୁ କୁହାଯାଇଛି। ଜଳ ସମ୍ପଦ ବିଭାଗର ଯନ୍ତ୍ରୀମାନେ ୨୪ ଘଂଟା କାର୍ଯ୍ୟ କରୁଥିବାରୁ ମୁଖ୍ୟ ସଚିବ ସେମାନଙ୍କୁ ସାଧୁବାଦ ଜଣାଇଛନ୍ତି।

## ବନ୍ୟାରେ ୨୦ଟି ଜିଲ୍ଲାର ୧୧୨ ବ୍ଲକ ପ୍ରଭାବିତ

■ ୧୪ ଲକ୍ଷ ୩୨ ହଜାର ୭୦୧ ଲୋକ ପ୍ରଭାବିତ
■ ବନ୍ୟାରେ ୧୭ ଜଣ ପ୍ରାଣ ହରାଇଛନ୍ତି
■ ୧,୬୮.୯୦୪ ହେକ୍ଟର ଚାଷ ଜମି ପ୍ରଭାବିତ



ଭୁବନେଶ୍ୱର,୩୦।୮ (ନି.ପ୍ର): ଚଳିତ ବନ୍ୟାରେ ରାଜ୍ୟର ୨୦ଟି ଜିଲ୍ଲାର ୧୧୨ଟି ବ୍ଲକ ପ୍ରଭାବିତ ହୋଇଛି । ବନ୍ୟା ପ୍ରଭାବିତ ଜିଲ୍ଲାମାନଙ୍କ ମଧ୍ୟରେ ଅନୁଗୁଳ, ବରଗଡ, ଭଦ୍ରକ,ପୁରୀ, ବୌଦ୍ଧ, କଟକ. ଢେଙ୍କାନାଳ, ଜଗତସିଂହପୁର, ଯାଜପୁର, ଝାରସୁଗୁଡା, କେନ୍ଦ୍ରାପଡା. କେନ୍ଦୁଝର, ଖୋର୍ଦ୍ଧା, ମୟୁରଭଂଜ, ନୟାଗଡ, ନୂଆପଡା, ପୁରୀ, ସମ୍ବଲପୁର, ସୁବର୍ଣ୍ଣପୁର ଓ ସୁନ୍ଦରଗଡ ଜିଲ୍ଲା ସାମିଲ ରହିଛି । ଏସଆରସି କାର୍ଯ୍ୟାଳୟ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହି ବନ୍ୟାରେ ୧୭ ଜଣ ପ୍ରାଣ ହରାଇଛନ୍ତି । ରାଜ୍ୟର ୮୯୬ଟି ପଂଚାୟତର ୩୨୫୬ ଗ୍ରାମ ଓ ୨୧ଟି ସହରାଂଚଳର ୭୫ଟି ବାର୍ଡର ୧୪ ଲକ୍ଷ ୩୨ ହଜାର ୭୦୧ ଲୋକ ପ୍ରଭାବିତ ହୋଇଛନ୍ତି। ଆଜି ୩୪୦ଟି ଗାଁ ଜଳମଗ୍ନ ହୋଇଥିବା ବେଳେ ୨୬୫୭୨୩ ଜଣ ଲୋକ ଜଳବନ୍ଦୀ ଅଛନ୍ତି। ବନ୍ୟା। ପଭାବିତ ଅଂଚଳର ଲୋକଙ୍କ ପାଇଁ ଆଜି ୩୫୭ଟି ନିଶୁଳ୍କ ରନ୍ଧା ଖାଦ୍ୟ କେନ୍ଦ୍ର ଖୋଲା ଯାଇ ୫୭, ୮୨୪ ଜଣ ଲୋକଙ୍କୁ ଖାଦ୍ୟ ପ୍ରଦାନ କରା ଯାଇଛି । ଏହି ବନ୍ୟାରେ ୧୦, ୩୮୨ଟି ଘର ଭାଙ୍ଗିଛି ତଥା ୪୫ଟି ମେଡିକାଲ ଟିମ ଓ ୪୨ଟି ପଶୁ ଡାକ୍ତର ଟିମ ମୁତୟନ କରା ଯାଇଛି । ବନ୍ୟାରେ ୧,୬୮.୯୦୪ ହେକ୍ଟର ଚାଷ ଜମି ପ୍ରଭାବିତ ହୋଇଛି । ବନ୍ୟା ପ୍ରଭାବିତ ଲୋକଙ୍କ ପାଇଁ ଏନଡିଆରଏଫର ୧୪ଟି ଟିମ, ଓଡ୍ରାଫର ୧୭ଟି ଟିମ ତଥା ଅଗ୍ନିଶମ ବିଭାଗର ୨୨ଟି ଟିମ ମୁତୟନ କରା ଯାଇଛି। ୨୫୪ଟି ବୋଟ ମୁତୟନ କରା ଯାଇଥିବା ବେଳେ ୧୧ ଟି ଜିଲ୍ଲାର ୧୦୭ ଟି ସ୍ଥାନରେ ରାସ୍ତା ଅବରୋଧ ହୋଇଛି । ପାଂଚଟି ଜିଲ୍ଲାରେ ୩୨ ଟି ସ୍ଥାନରେ ଘାଇ ସୃଷ୍ଟି ହୋଇଛି ।

## ଜେଇଇ ଓ ନିଟ୍ ପରୀକ୍ଷା ପରିଚାଳନା ପାଇଁ ବିଏମସିର ସ୍ୱତନ୍ତ୍ର ବ୍ୟବସ୍ଥା

ଭୁବନେଶ୍ୱର,୩୦।୮ (ନି.ପ୍ର): ଜେଇଇ ଓ ନିଟ୍ ପରୀକ୍ଷାର ସୁପରିଚାଳନା ପାଇଁ ବିଏମ୍‌ସି ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ରାଜଧାନୀରେ ୬ଟି ପରୀକ୍ଷା କେନ୍ଦ୍ର କରାଯାଇଛି ଏବଂ ୮ଟି ସ୍ଥାନରେ ରହଣି ବ୍ୟବସ୍ଥା କରାଯାଇଛି। ପିଲାଙ୍କ ରହଣି କେନ୍ଦ୍ରରେ ସ୍ୱତନ୍ତ୍ର କୋଭିଡ୍ ନୀରିକ୍ଷକ ରହିବେ। ପିଲାମାନଙ୍କର ଯିବା ଆସିବା ପାଇଁ ଟ୍ୟାଗିଂ ଓ ରହଣି ବ୍ୟବସ୍ଥା ହେବ। ଏହା ବ୍ୟତୀତ ସବୁ ପରୀକ୍ଷା କେନ୍ଦ୍ରରେ ସାନିଟାଇଜିଂ ବ୍ୟବସ୍ଥା କରାଯିବ ବୋଲି ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ସୂଚନା ଦିଆଯାଇଛି। କରୋନା ସଂକ୍ରମଣ ଆଶଙ୍କା ଥିବାରୁ ପରୀକ୍ଷା କେନ୍ଦ୍ର ବାହାରେ ଭିଡ ନକରିବାକୁ ମାଇକ୍ ମାଧ୍ୟମରେ ସଚେତନ କରାଯିବ। ପରୀକ୍ଷା ପାଇଁ ତ୍ରିସ୍ତରୀୟ ▶▶ପୃଷ୍ଠା ୭

## ବିଧାୟକ ଦେବୀ ମିଶ୍ରଙ୍କୁ କରୋନା



ଭୁବନେଶ୍ୱର, ୩୦ ଅଗଷ୍ଟ - କଟକ ଜିଲ୍ଲାର ବଡ଼ମ୍ବା ନିର୍ବାଚନ ମଣ୍ଡଳୀର ବରିଷ୍ଠ ବିଜେଡି ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ବିଧାୟକ ଶ୍ରୀ ମିଶ୍ର ଟୁଇଟ୍ କରି ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ମୋର ହୋଇଥିବା ଟେଷ୍ଟିଂର ଆନୁଷ୍ଠାନିକ କମ୍ୟୁନିକେସନରୁ କୋଭିଡ ପଜିଟିଭ ହୋଇଥିବା ଜଣାଯାଇଛି। ଅନ୍ୟ କର୍ମଚାରୀଙ୍କ ପରିବାର ବର୍ଗଙ୍କ ରିପୋର୍ଟ ନେଗେଟିଭ ଆସିଛି। ଡ୍ରାଇଭର କରୋନା ପଜଟିଭ୍ ଚିହ୍ନଟ ହେବାପରେ କାଲିଠାରୁ ମୁଁ ଆଇସୋଲେସନରେ ଅଛି। ମୋର ଏବେ କୌଣସି ସଂକ୍ରମଣର ବାହ୍ୟ ଲକ୍ଷଣ ନାହିଁ। ତାପମାତ୍ରା, ଅମ୍ଳଜାନ ସ୍ତର ଠିକ୍ ଅଛି। କିନ୍ତୁ ମୁଁ ପୁରୁଣା ଡାଇବେଟିସ୍ ପୀଡ଼ିତ ଥିବାରୁ ଡାକ୍ତରଙ୍କ ପରାମର୍ଶ ନେଉଛି ବୋଲି ସେ କହିଛନ୍ତି। ବିଧାୟକ ଶ୍ରୀ ମିଶ୍ର କହିଛନ୍ତି, ମୋଟାମୋଟି ମୋର ସ୍ୱାସ୍ଥ୍ୟ ଠିକ୍ ଅଛି। ମୁଁ ଜରୁରୀ କାମକୁ ଟେଲିଫୋନ କନଫେରେନ୍‌ସ ଜରିଆରେ କରୁଛି ଏବଂ କରିବି। କିନ୍ତୁ ବର୍ତମାନ କିଛିଦିନ ପାଇଁ ଛୋଟକଥାରେ ଯୋଗାଯୋଗ ନ କରିବାକୁ ଅନୁରୋଧ କରିଛନ୍ତି ବିଧାୟକ।

## କରୋନାରେ ଦେଶରେ ଗତ ୨୪ ଘଂଟାରେ ୭୮୭୬୧ ନୂଆ ମାମଲା: ୮୪୮ ଜଣଙ୍କର ମୃତ୍ୟୁ

ନୂଆଦିଲ୍ଲୀ,୩୦।୮ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧରେ ୭୮୭୬୧ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଗତ ୨୪ ଘଂଟା ମଧ୍ୟରେ ୮୪୮ ଜଣଙ୍କର ମୃତ୍ୟୁ ଘଟିଛି। ଏହା ସହିତ ଦେଶରେ କୋରୋନା ଆକ୍ରାନ୍ତଙ୍କ ସଂଖ୍ୟା ୩୫,୪୨,୭୩୪ ଲକ୍ଷରେ ରେ ପହଂଚିଛି । ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ଦେଶରେ ମୋଟ ୨୭,୧୩,୯୩୪ ରୋଗୀ ସୁସ୍ଥ ହୋଇ ସାରିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ କରାଯାଇଛି ।

## ହୀରାକୁଦ ଜଳଭଣ୍ଡାରକୁ ଛତିଶଗଡ଼ରୁ ପାଣି ଆସିବା କମିଛି :ଏସଆରସି

ଭୁବନେଶ୍ୱର,୩୦।୮ (ନି.ପ୍ର): ହୀରାକୁଦ ଜଳଭଣ୍ଡାରକୁ ଛତିଶଗଡ଼ରୁ ପାଣି ଆସିବା କମି ଯାଇଛି । କାଲି ସାଢେ ୯ ଲକ୍ଷ କ୍ୟୁସେକ ଜଳ ଆସୁଥିଲା, ଆଜି ୭ ଲକ୍ଷ କ୍ୟୁସେକ ଜଳ ଆସୁଛି । ଏସଆରସି ପ୍ରଦୀପ ଜେନା ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଆମେ ଆଶା କରୁଛୁ ମୁଣ୍ଡଳିରେ ସେହି ୧୦ ଲକ୍ଷ କ୍ୟୁସେକ୍ ଜଳ ରହିବ, ଆଉ ବଢ଼ିବ ନାହିଁ । ସେ କହିଛନ୍ତି ଯେ ପାଂଚଟି ମଧ୍ୟରୁ ତିନୋଟି ନଦୀରେ ବନ୍ୟା ସ୍ଥିତିରେ ସୁଧାର ଆସିଛି । ସୁବର୍ଣ୍ଣରେଖା ନଦୀର ଜଳସ୍ତର ବିପଦ ସଙ୍କେତ ଠାରୁ କମିଲାଣି । ଆସନ୍ତା କାଲି ସନ୍ଧ୍ୟାରୁ ପରିସ୍ଥିତିରେ ସୁଧାର ହେବ ବୋଲି ଆଶା କରାଯାଉଛି । ବର୍ତମାନ ସୁଦ୍ଧା ରାଜ୍ୟର ବିଭିନ୍ନ ନଦୀରେ ୩୨ଟି ଘାଇ ସୃଷ୍ଟି ହୋଇଛି । କେବଳ ଯାଜପୁର ଜିଲ୍ଲାରେ ୨୪ଟି ଘାଇ ସୃଷ୍ଟି ହୋଇଛି, ମହାନଦୀ ସିଷ୍ଟମରେ ମଧ ୨ଟି ଘାଇ ହୋଇଛି । ହୀରାକୁଦ ଡ୍ୟାମ୍‌ରେ ଏବେ ୪୬ ଗେଟ୍ ଦେଇ ଜଳ ନିଷ୍କାସନ ଚାଲିଛି । ଏହାକୁ ବଢାଇବାର ଆବଶ୍ୟକତା ପଡି ନ ପାରେ ବୋଲି କୁହା ଯାଇଛି ।

କରୋନା ସମୟରେ ପ୍ରଧାନମନ୍ତ୍ରୀଙ୍କ ବିଭିନ୍ନ ଜନକଲ୍ୟାଣକାରୀ ପଦକ୍ଷେପ ପ୍ରସଙ୍ଗରେ କେନ୍ଦ୍ରମନ୍ତ୍ରୀଙ୍କ ଟ୍ୱିଟ୍

## କରୋନା ସମୟରେ ଗରିବ ଓ ଅସହାୟଙ୍କ ପାଇଁ ବରଦାନ ସଦୃଶ ହୋଇଛି ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା: ଧର୍ମେନ୍ଦ୍ର



ନୂଆଦିଲ୍ଲୀ/ଭୁବନେଶ୍ୱର,୩୦।୮ (ନି.ପ୍ର): କରୋନା ମହାମାରୀର ଆହ୍ୱାନମୂଳକ ସମୟରେ ମୋଦି ସରକାର ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା (ପିଏମଜିକେୱାଇ) ମାଧ୍ୟମରେ କୋଭିଡ-୧୯ ଦ୍ୱାରା ଆର୍ଥିକ ପ୍ରଭାବିତ ହୋଇଥିବା ଲୋକଙ୍କୁ ଆର୍ଥିକ ସହାୟତା ସ୍ୱରୂପ ସିଧାସଳଖ ବ୍ୟାଙ୍କ୍ ଆକାଉଂଟକୁ ଟଙ୍କା ପଠାଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଶୁଭାରମ୍ଭ ଗରିବ କଲ୍ୟାଣ ଯୋଜନା ଗାଁ, ଗରିବ, ଚାଷୀ, ଶ୍ରମିକଙ୍କ ଅସୁବିଧାକୁ ଦୂର କରିବା ସହ ସମସ୍ତଙ୍କ ପାଇଁ ବରଦାନ ସଦୃଶ ହୋଇଛି ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

କରୋନା ସମୟରେ ପ୍ରଧାନମନ୍ତ୍ରୀଙ୍କ ବିଭିନ୍ନ ଜନକଲ୍ୟାଣକାରୀ ପଦକ୍ଷେପ ପ୍ରସଙ୍ଗରେ ଶ୍ରୀ ପ୍ରଧାନ ଟ୍ୱିଟ୍ କରି କହିଛନ୍ତି ଯେ ସମାଜର ସବୁ ବର୍ଗର ଲୋକମାନେ ଯେପରି କୋଭିଡ଼୍-୧୯ ଆହ୍ୱାନର ମୁକାବିଲା କରିପାରିବେ ସେଥିପାଇଁ ମୋଦି ସରକାର ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇ ଦେବା ପାଇଁ କାର୍ଯ୍ୟ କରୁଛନ୍ତି । ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ଅଧୀନରେ ଗରିବ କଲ୍ୟାଣ ଅନ୍ନ ଯୋଜନା କୋଭିଡ-୧୯ ସମୟରେ "କେହି ଭୋକିଲାରେ ନରୁହନ୍ତୁ", ଏହାକୁ ସୁନିଶ୍ଚିତ କରିଛି । ଏହି ଯୋଜନାରେ ମାଗଣା ଖାଦ୍ୟାନ୍ନ ଓ ସାମଗ୍ରୀ ଯୋଗାଣର ଅବଧି ନଭେମ୍ବର ୩୦ ପର୍ଯ୍ୟନ୍ତ ବୃଦ୍ଧି ହେବା ଦ୍ୱାରା ଦେଶର ୮୦ କୋଟିରୁ ଉର୍ଦ୍ଧ୍ୱ ଲୋକ ଉପକୃତ ହେବେ । ସେହିପରି ବର୍ତ୍ତମାନର କୋଭିଡ-୧୯ ମହାମାରୀ ସମୟରେ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାର ୮ କୋଟିରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ମାଗଣାରେ ଏଲପିଜି ସିଲି'ର ଗରିବ ଲୋକଙ୍କ ଆର୍ଥିକ ବୋଝକୁ ଲାଘବ କରିଛି । ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ଅଧୀନରେ ୧୨ କୋଟିରୁ ଉର୍ଦ୍ଧ୍ୱ ମାଗଣା ▶▶ପୃଷ୍ଠା ୭

## ପଶ୍ଚିମବଙ୍ଗରେ ଲକ୍ ଡାଉନ ପାଇଁ ପ୍ରଭାବିତ ହେବ ଟ୍ରେନ୍ ସେବା

ଭୁବନେଶ୍ୱର,୩୦।୮ (ନି.ପ୍ର): ଆସନ୍ତାକାଲି (ସୋମବାର) ପଶ୍ଚିମବଙ୍ଗରେ ହେଉଥିବା ସମ୍ପୂର୍ଣ୍ଣ ଲକ୍ ଡାଉନ ପାଇଁ ପୂର୍ବ ତଟ ରେଳପଥର ଟ୍ରେନ ଗୁଡିକ ପ୍ରଭାବିତ ହେବ। ଅଗଷ୍ଟ ୩୦ ତାରିଖରୁ ସେପ୍ଟେମ୍ବର ୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ୪ ଟି ଟ୍ରେନ୍ କୁ ବାତିଲ୍ କରାଯାଇଥିବା ବେଳେ ୨ ଟି ଟ୍ରେନ୍ କୁ ଆଂଶିକ ବାତିଲ କରାଯାଇଛି। ସେହିପରି ୨ ଟି ଟ୍ରେନ୍ ର ରହଣୀ ପ୍ରତ୍ୟାହାର କରାଯାଇଛି ବୋଲି ପୂର୍ବତଟ ରେଳବାଇ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନା ଅନୁଯାୟୀ ଯଶୋବନ୍ତପୁରରୁ ଛାଡୁଥିବା ୦୨୨୪୬ ଯଶୋବନ୍ତପୁର -ହାଓଡ଼ା ଦୁରନ୍ତ ସ୍ପେସିଆଲକୁ ୩୦ ଅଗଷ୍ଟ ତାରିଖରେ ଯଶୋବନ୍ତପୁର ଠାରୁ ବାତିଲ କରାଯାଇଛି। ସିଆଲଦାରୁ ଛାଡୁଥିବା ୦୨୨୦୧ ସିଆଲଦା -ଭୁବନେଶ୍ୱର ଦୁରନ୍ତ ସ୍ପେସିଆଲକୁ ୩୧ ଅଗଷ୍ଟ ତାରିଖ ଦିନ ବାତିଲ କରାଯିବ। ସେହିପରି ଭୁବନେଶ୍ୱରରୁ ଛାଡୁଥିବା ୦୨୨୦୨ ଭୁବନେଶ୍ୱର -ସିଆଲଦା ଦୁରନ୍ତ ସ୍ପେସିଆଲ ସେପ୍ଟେମ୍ବର ପହିଲା ଦିନ ଏବଂ ୦୨୦୭୪/୦୨୦୭୩ ଭୁବନେଶ୍ୱର -ହାଓଡ଼ା -ଭୁବନେଶ୍ୱର ଜନ ଶତାବ୍ଦୀ ସ୍ପେସିଆଲ ୩୧ ଅଗଷ୍ଟ ତାରିଖରେ ଉଭୟ ଭୁବନେଶ୍ୱର ଓ ହାଓଡ଼ା ଦିଗରୁ ବାତିଲ କରାଯିବ । ▶▶ପୃଷ୍ଠା ୭

## ରାଉରକେଲାବାସୀଙ୍କୁ ସ୍ୱାୟତ୍ତ ଶାସନ ଦିବସ-୨୦୨୦ର ଶୁଭେଚ୍ଛା

ରାଉରକେଲା ମହାନଗର ନିଗମ ଆପଣଙ୍କ ସେବାରେ କୋଭିଡଜନିତ ସ୍ଥିତିର ସଫଳ ମୁକାବିଲା ଦିଗରେ ରାଉରକେଲା ମହାନଗର ନିଗମର ବିବିଧ ପଦକ୍ଷେପ-

୧) ପ୍ରତିଟି ଅଞ୍ଚଳରେ କୋଭିଡ ପରିଚାଳନା କମିଟି ଗଠନ ।
୨) ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ସର୍ବେକ୍ଷଣ ତଥା ପରୀକ୍ଷଣ ପ୍ରତି ଅଧିକ ଗୁରୁତ୍ୱ ।
(ହେଲପ୍‌ଲାଇନ ନଂ. ୭୬୫୫୦୦୨୨୫୯)
୩) ଏକାନ୍ତବାସରେ ରହୁଥିବା ପଜିଟିଭ୍ ରୋଗୀଙ୍କ ନିମନ୍ତେ ନିୟମିତ ପରାମର୍ଶ
(ହେଲପ୍‌ଲାଇନ୍ ନଂ. ୭୮୪୭୦୫୪୧୬୫)
୪) କୋଭିଡ କେୟାର ସେଣ୍ଟରମାନଙ୍କରେ ପର୍ଯ୍ୟାପ୍ତ ସଂଖ୍ୟକ ଶଯ୍ୟା ବ୍ୟବସ୍ଥା ।
୫) କୋଭିଡ ଗୃହ, ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର, ସ୍ୱତନ୍ତ୍ର ପଞ୍ଜିକରଣ କେନ୍ଦ୍ର ମାଧ୍ୟମରେ କୋଭିଡ ମୁକାବିଲା ନିମନ୍ତେ ସ୍ୱତନ୍ତ୍ର ରଣନୀତି ।
୬) ପ୍ରତିଟି ଅଂଚଳରେ ବ୍ୟାପକ ଟେଷ୍ଟିଂ ଏବଂ ପଜିଟିଭ୍ ରୋଗୀଙ୍କୁ ବିନାମୂଲ୍ୟରେ ଔଷଧ ବିତରଣ ।

କୋଭିଡ ସମ୍ପର୍କିତ ସମସ୍ତ ନିର୍ଦ୍ଦେଶାବଳୀକୁ ପାଳନ କରନ୍ତୁ- ସୁରକ୍ଷିତ ରୁହନ୍ତୁ, ତେବେ ଯାଇ କରୋନା ହାରିବ ରାଉରକେଲା ଜିତିବ ।

Sd
ଆୟୁକ୍ତ
ରାଉରକେଲା ମହାନଗର ନିଗମ

ଆସ ରାଉରକେଲା ଏକ ହେବା- ମିଳିମିଶି କରୋନାକୁ ହରାଇବା

**ରାଉରକେଲା ମହାନଗର ନିଗମ, ରାଉରକେଲା**


# ଓଷ୍ଟାର ପୂର୍ବତନ ସାଧାରଣ ସଂପାଦକ ପରଲୋକ : ଶିକ୍ଷକ ସମାଜରେ ଶୋକ

ଜଳେଶ୍ୱର,୩୦।୮ (ନି.ପ୍ର): ଓଷ୍ଟାର ପୂର୍ବତନ ରାଜ୍ୟ ସାଧାରଣ ସଂପାଦକ ନିଗମାନନ୍ଦ ପାଣିଗ୍ରାହୀଙ୍କ ଗତ ୨୬ ତାରିଖରେ ୭୦ ବର୍ଷ ବୟସରେ ପରଲୋକ ହୋଇଥିବା ଜାଣି ଆଜି ଜଳେଶ୍ୱର ଅଂଚଳରେ ଶୋକ ପ୍ରକାଶ ପାଇଛି । ଆୟୋଜିତ ଏକ ସ୍ମୃତିସଭାରେ ପୂର୍ବତନ ରାଜ୍ୟ ସଭାପତି ତଥା ସର୍ବଭାରତୀୟ ସ୍କୁଲ ମହାସଂଘର ପୂର୍ବତନ ଉପସଭାପତି ଇନ୍ଦୁ ମାଧବ ମହାନ୍ତି ଏଥିରେ ପୌରହିତ୍ୱ କରିଥିଲେ । ଦିବଂଗତ ପାଣିଗ୍ରାହୀ ୧୯୭୬ ମସିହାରେ ନୀଳଗିରି ରୋଡସ୍ଥିତ ବରୁଣ ସିଂ ହାଇସ୍କୁଲରେ ପ୍ରଧାନ ଶିକ୍ଷକ ଭାବେ ଚାକିରୀ ଆରମ୍ଭ କରି ୨୦୦୬ରେ ପ୍ରଧାନ ଶିକ୍ଷକଭାବେ ମହାରାଜପୁର ହାଇସ୍କୁଲ ଓ ପରେ ସାନପାଟପୁର ହାଇସ୍କୁଲରେ ରହି ୨୦୦୮ରେ ଅବସର ଗ୍ରହଣ କରିଥିଲେ । ଜଣେ ଆଦର୍ଶ ଛାତ୍ରବତ୍ସଳ, ଦୃଢମନା, ନିର୍ଭିକ, ସଂଗ୍ରାମୀ ଶିକ୍ଷକ ନେତା ସୁ ସଂଗଠକ ଭାବେ ରେ ରାଜ୍ୟରେ ପରିଚିତ ଥିଲେ । ୧୯୮୩ ମସିହାରେ ରେମୁଣା ବ୍ଲକ ଶିକ୍ଷକ ସଂଘ ସଂପାଦକ, ୧୯୮୬ରେ ବାଲେଶ୍ୱର ଜିଲା ସଂପାଦକ ଓ ୧୯୯୫ରେ ରାଜ୍ୟ ଓଷ୍ଟା ଶିକ୍ଷା ପ୍ରଦସୀପର ସଂପାଦକ ଓ ୨୦୦୦ ମସିହାରେ ଓଷ୍ଟାର ସାଧାରଣ ସଂପାଦକଭାବେ ନିର୍ବାଚିତ ହୋଇ ୨୦୦୪ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ । ତାଙ୍କ ପରଲୋକ ଖବର ଶୁଣି ବାଲେଶ୍ୱର ଜିଲାର ପୂର୍ବତନ ସଭାପତି ଗିରିଜା ଶଙ୍କର ମହାନ୍ତି, କିଶୋର କୁମାର ପଣ୍ଡା, କାମରାଜୁ ମହାରଣ, ପ୍ରେମାନନ୍ଦ ଜେନା, ସୁଧାଂଶୁ ବାବୁ, ଉରଂଜନ ସେନପତି ପ୍ରମୁଖ ଶୋକ ବାର୍ତ୍ତା ପଠାଇଥିବା ବେଳେ ଶଶାଙ୍କ ସେଖର ମହାନ୍ତି, ରମେଶ ଚନ୍ଦ୍ର ନାୟକ, ଅକ୍ଷୟ କୁମାର ମିଶ୍ର, ଅଜିତ୍ କୁମାର ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖି ସମଗ୍ର ଶିକ୍ଷକ ସମାଜ ଜଣେ ସଂଗ୍ରାମୀ ବଂଧୁଙ୍କୁ ହରାଇଲା ବୋଲି କହିବା ସହିତ ଶ୍ରଦ୍ଧା ସୁମନ ପ୍ରଦାନ ଓ ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରିଛନ୍ତି ।

# କୋର୍ଟ ଅବଜ୍ଞାକାରୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି: ଏସପିଙ୍କଠାରେ ଇଚ୍ଛାପୁର ଦମ୍ପତିଙ୍କ ଫେରାଦ

ବାଲେଶ୍ୱର,୩୦।୮ (ନି.ପ୍ର): କୋର୍ଟ ରାହିତାଦେଶ ଥିବା ସତ୍ତ୍ୱେ ବିବାଦୀୟ ଜମିରେ ଅଭିଯୁକ୍ତମାନେ ନିର୍ମାଣ କାର୍ଯ୍ୟ ଜାରି ରଖିବାକୁ ନେଇ ବାଲେଶ୍ୱର ଏସପିଙ୍କଠାରେ ଆପତ୍ତି ଜଣାଇଛନ୍ତି ଖନ୍ତାପଡ଼ା ଥାନା ଅନ୍ତର୍ଗତ ଇଚ୍ଛାପୁର ଅଞ୍ଚଳର ଦମ୍ପତି ସୁଧାଂଶୁ ଶେଖର ପଣ୍ଡା ଓ ତାଙ୍କ ପତ୍ନୀ । ତାଙ୍କ ବଡ଼ଭାଇ ଗଦାଧର ପଣ୍ଡା ତାଙ୍କ ଜମିକୁ ଜବର ଦଖଲ କରିବା ଓ ତାଙ୍କ ପରିବାରକୁ ମାରଧର କରିବାକୁ ନେଇ ସୁଧାଂଶୁ ପୂର୍ବରୁ ଖନ୍ତାପଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଥାନାଧିକାରୀ ଆପୋସ ସମାଧାନ କରିବା ସହ ସୁଧାଂଶୁଙ୍କ ଜମି ଫେରାଇ ଦେବାକୁ ଗଦାଧରଙ୍କୁ ନିର୍ଦ୍ଦେଶ ବି ଦେଇଥିଲେ । ପରେ ଗଦାଧର ପୁଣି ସେହି ଜମିରେ ଘର ନିର୍ମାଣ ଆରମ୍ଭ କରିବା ଦେଖି ସୁଧାଂଶୁ ବାଲେଶ୍ୱର ଅଦାଲତରେ ଏକ ମାମଲା ଦାଏର କରିଥିଲେ । ଅନ୍ତରୀଣ ଶୁଣାଣିରେ ମାନ୍ୟବର କୋର୍ଟ ରହିଦାଦେଶ ପ୍ରଦାନ ସହ ନିର୍ମାଣ କାର୍ଯ୍ୟ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ମାତ୍ର ଏହାକୁ ଅବମାନନା କରି ଗଦାଧର ଘର ନିର୍ମାଣ କାର୍ଯ୍ୟ ଜାରି ରଖିବା ଦେଖି ସୁଧାଂଶୁ ଥାନାରେ ଜଣାଇବା ସହ କୋର୍ଟ ଅର୍ଡ଼ର ବି ଦେଖାଇଥିଲେ । ମାତ୍ର ଥାନାଧିକାରୀ ଏନେଇ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବା ଫଳରେ ଗଦାଧର ଅଧିକ କ୍ରିୟାଶିଳ ହୋଇ ଘର ନିର୍ମାଣ କରିବାରେ ଲାଗିଛି । ଏମିତିକି ଏହାକୁ ବିରୋଧ କରିବା ଯୋଗୁଁ ସୁଧାଂଶୁଙ୍କ ପରିବାକୁ ସେ ମାଡ଼ ମାରିଥିବା ଗଦାଧର ଏସପିଙ୍କୁ ଜଣାଇଛି । ଏନେଇ ତୁରନ୍ତ ଉଚିତ ପଦକ୍ଷେପ ନେବାକୁ ସେ ଏସପିଙ୍କୁ ଜଣାଇ ଏକ ଦରଖାସ୍ତ ବି ଦେଇଛି । ଯଦି ପୁଲି କିଛି ନ ବୁଝେ ତେବେ ନ୍ୟାୟ ପାଇଁ ଆଗାମୀ ଦିନରେ ସେମାନେ ଅନଶନ କରିବେ ବୋଲି ଚେତାବନୀ ଦେଇଛନ୍ତି ।


## ବାରିପଦା ପୌରପାଳିକା

ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ-୨୦୨୦ ଅବସରରେ ବାରିପଦାବାସୀଙ୍କୁ ପୌରପାଳିକାର ହାର୍ଦ୍ଦିକ ଅଭିନନ୍ଦନ । ଏ ସହରର ସର୍ବାଙ୍ଗୀନ ଉନ୍ନତି ଓ ସୁନ୍ଦର ପରିବେଶ ନିମନ୍ତେ ଆପଣମାନଙ୍କ ସାହାଯ୍ୟ ଓ ସହଯୋଗରେ ବାରିପଦା ପୌରପାଳିକାକୁ ରାଜ୍ୟର ସର୍ବଶ୍ରେଷ୍ଠ ପୌରପାଳିକା ଭାବେ ଗଢ଼ି ତୋଳିବା ପାଇଁ ଆମେ ସଂକଳ୍ପବଦ୍ଧ ।

ଏହି ପବିତ୍ର ଦିବସ ଅବସରରେ ବାରିପଦା ସହରବାସୀଙ୍କୁ ନିବେଦନ:-

➤ଅଳିଆ ଆବର୍ଜନା ଏଠେ ତେଣେ ନ ପକାଇ ପୌରପାଳିକା ଦ୍ୱାରା ନିୟୋଜିତ ହୋଇଥିବା କର୍ମଚାରୀଙ୍କୁ ହସ୍ତାନ୍ତର କରନ୍ତୁ କିମ୍ବା ନିକଟସ୍ଥ ଅଳିଆ କୁଣ୍ଡରେ ହିଁ ଅଳିଆ ପକାନ୍ତୁ । ସଫେଇ କାର୍ଯ୍ୟରେ ବାରିପଦା ପୌରପାଳିକାକୁ ସାହାଯ୍ୟ କରନ୍ତୁ ।

ଏହାକୁ ଅବମାନନା କଲେ ବର୍ଜ୍ୟବସ୍ତୁ ପରିଚାଳନା ନିୟମ ଅନୁଯାୟୀ ଟ. ୫୦୦-୦୦ ପର୍ଯ୍ୟନ୍ତ ଜୋରିମାନା ଆଦାୟ କରାଯିବ ।

"ମନେ ରଖନ୍ତୁ ଆବର୍ଜନାମୁକ୍ତ ସହର ଆମର ଲକ୍ଷ"

ସୌଜନ୍ୟ: ବାରିପଦା ପୌରପାଳିକା



## ବିଜ୍ଞାପିତ ଅଞ୍ଚଳ ପରିଷଦ, ଉଦଳା

ସ୍ୱାୟତ୍ତ ଶାସନ ଦିବସ ତା: ୩୧.୦୮.୨୦୨୦ରିଖ ପାଳନ ଉପଲକ୍ଷେ ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ଉଦଳା ପରିଷଦବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି । ଏହି ପବିତ୍ର ଦିବସ ଅବସରରେ ପରିଷଦବାସୀଙ୍କ ଆକୁଣ୍ଠ ସହଯୋଗ କାମନା କରି ସହରବାସୀଙ୍କୁ ପୌରସେବା ଯୋଗାଇ ଦେବାପାଇଁ ଆମ୍ଭେ ସଂକଳ୍ପ ବଧ ।

୧। କରୋନା ଭୂତାଣୁ ସଂକ୍ରମଣ ରୋକିବା ପାଇଁ ସାମାଜିକ ଦୂରତା ଅନୁପାଳନ ଓ ନିଜ ନିଜ ମୁହଁରେ ମାସ୍କ ପରିଧାନ କରିବା ପାଇଁ ପରିଷଦବାସୀଙ୍କୁ ଅନୁରୋଧ କରାଯାଉଛି ।
୨। ପୌରସମ୍ପତ୍ତି ଆପଣ ମାନଙ୍କ ସମ୍ପତ୍ତି, ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ଆପଣମାନଙ୍କର ।
୩। ସର୍ବସାଧାରଣ ରାସ୍ତା ଓ ଡ୍ରେନରେ ଅଳିଆ ଆବର୍ଜନା ପକାନ୍ତୁ ନାହିଁ ।
୪। ଗୃହ ନିର୍ମାଣ ପୂର୍ବରୁ ପୌର ପାଳିକାରୁ ନକ୍ସା ଅନୁମୋଦନ କରାଇନିଅନ୍ତୁ ।
୫। ନିୟମିତ କର ଦେଇ ଦେଶର ଅର୍ଥନୈତିକ ପ୍ରଗତିରେ ସହାୟକ ହୁଅନ୍ତୁ ।
୬। ପଲିଥିନ ବ୍ୟବହାର ନ କରି ପ୍ରଦୂଷଣ ମୁକ୍ତ ସହରାଞ୍ଚଳ ଗଠନରେ ସହାୟକ ହୁଅନ୍ତୁ ।
୭। ଜନ୍ମ, ମୃତ୍ୟୁ ଓ ବିବାହ ପଞ୍ଜୀକରଣ ବାଧ୍ୟତାମୂଳକ ଭାବେ କରନ୍ତୁ ।
୮। ଆସନ୍ତୁ ସଭିଏ ମିଶି ଉଦଳା ସହରକୁ ସ୍ୱଚ୍ଛ ରଖିବା ଏବଂ ଘରୁ ବାହାରୁଥିବା ଅଳିଆକୁ ଓଦା ଓ ଶୁଖିଲା ପୃଥକ ଭାବରେ ରଖି ତାହାକୁ ସଫାଇ କର୍ମଚାରୀଙ୍କୁ ପ୍ରଦାନ କରିବା ।

ନିର୍ବାହୀ ଅଧିକାରୀ
ଉଦଳା ଏନ୍.ଏ.ସି.



## ବ୍ରହ୍ମପୁର ମହାନଗର ନିଗମ

### ସର୍ବ ସାଧାରଣଙ୍କ ସକାଶେ ଜରୁରୀ ପରାମର୍ଶ

୧.➔ସର୍ବଦା ମାସ୍କ ପିନ୍ଧନ୍ତୁ କିମ୍ବା ପାଟି ଓ ନାକକୁ ରୁମାଲ/ଗାମୁଛା ଦ୍ୱାରା ଘୋଡ଼ାଇ ରଖନ୍ତୁ ।
➔ପ୍ରତ୍ୟେକ ବ୍ୟକ୍ତି ଠାରୁ ୨ (ଦୁଇ) ମିଟର ସାମାଜିକ ଦୂରତା ରକ୍ଷା କରନ୍ତୁ ।
➔ଜରୁରୀ ଆବଶ୍ୟକ ସ୍ଥଳେ ୨ (ଦୁଇ) ମିଟର ଦୂରରୁ କଥାବାର୍ତ୍ତା ହୁଅନ୍ତୁ ।
➔ଯେକୌଣସି ପ୍ରକାରର ଶାରୀରିକ ଅସୁସ୍ଥତା ଅନୁଭବ କଲେ ନିକଟସ୍ଥ ଚିକିତ୍ସା କେନ୍ଦ୍ର (Fever Clinic)ରେ ତୁରନ୍ତ ଜଣାନ୍ତୁ ।
୨. ଇଚ୍ଛୁକ ବ୍ୟକ୍ତିବିଶେଷ ନିଜ ନିଜର ସ୍ୱାବ ଓ ଆଣ୍ଟିଜେନ୍ ଟେଷ୍ଟ ନିମ୍ନଲିଖିତ କେନ୍ଦ୍ର ମାନଙ୍କରେ ନିର୍ଦ୍ଧାରିତ ସମୟ ଅନୁଯାୟୀ ପରୀକ୍ଷା କରିପାରିବେ ।
➔ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ । ସମୟ: ଘ.୧୧.୦୦ ଶ୍ଚା ଠାରୁ ଅପରାହ୍ନ ଘ.୨.୦୦ ଶ୍ଚା ପର୍ଯ୍ୟନ୍ତ ।
➔ବୈକୁଣ୍ଠ ନଗର ୟୁ.ପି.ଏଚ୍.ସି । ସମୟ: ଘ.୩.୦୦ଶ୍ଚା ଠାରୁ ସନ୍ଧ୍ୟା ଘ.୬.୦୦ଶ୍ଚା ପର୍ଯ୍ୟନ୍ତ ।
୩. ଜନସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ, ନିଜ ନିଜର ଗୃହ ଟିକସ ମହାନଗର ନିଗମ ଅନ୍‌ଲାଇନ୍ ୱେବ ସାଇଟ୍ www.tax.bemconline.in ମାଧ୍ୟମରେ ଜମା କରିପାରିବେ କିମ୍ବା ନିମ୍ନଲିଖିତ ନଗର ସେବା ମଣ୍ଡପ (Urban Service Pavilion)ରେ ଜମା କରିପାରିବେ ।
୧. ନଗର ସେବା ମଣ୍ଡପ (ମହାନଗର ନିଗମ ଅଫିସ୍ କାର୍ଯ୍ୟାଳୟ),
୨.ନଗର ସେବା ମଣ୍ଡପ (ଖୋଡ଼ାସିଙ୍ଗି),
୩.ନଗର ସେବା ମଣ୍ଡପ (ବିଇ.ଡି.ଏ ଅଫିସ୍),
୪.ନଗର ଜିବୀକା କେନ୍ଦ୍ର (ସି.ଏଲ୍.ସି.) ପୁରୁଣା ବସ୍‌ଷ୍ଟାଣ୍ଡ

ଏତଦ୍‌ବ୍ୟତୀତ ଆପଣମାନଙ୍କ ଅଭିଯୋଗ କିମ୍ବା ପ୍ରସ୍ତାବ ଉପରୋକ୍ତ ନଗର ସେବା ମଣ୍ଡପରେ ମଧ୍ୟ ପଞ୍ଜିକରଣ କରିପାରିବେ ।
୪. ଆପଣଙ୍କ ଗୃହରୁ ବାହାରୁଥିବା ଓଦା ଓ ଶୁଖିଲା ବର୍ଜ୍ୟବସ୍ତୁକୁ ପୃଥକୀକରଣ କରି ମହାନଗର ନିଗମ ଦ୍ୱାରା ଚାଳିତ ବର୍ଜ୍ୟବସ୍ତୁ ଗାଡ଼ିକୁ ହସ୍ତାନ୍ତର କରନ୍ତୁ ।
୫.ଜନ୍ମ ଓ ମୃତ୍ୟୁ ପଞ୍ଜିକରଣ ଏବଂ ପ୍ରମାଣ ପତ୍ର ପାଇଁ ଅନ୍‌ଲାଇନ୍ ୱେବସାଇଟ୍ www.ulbodisha.gov.in ମାଧ୍ୟମରେ ଆବେଦନ କରନ୍ତୁ ।

**ବ୍ରହ୍ମପୁର ମହାନଗର ନିଗମ ତରଫରୁ ଅଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ବ୍ରହ୍ମପୁର ସହରବାସୀଙ୍କୁ ଶୁଭେଚ୍ଛା ।**

ସ୍ୱା-
ଜିଲ୍ଲାପାଳ, ଗଂଜାମ ତଥା ପ୍ରଶାସକ
ବ୍ରହ୍ମପୁର ମହାନଗର ନିଗମ



## ନିଖିଳ ଭାରତ ସ୍ୱାୟତ୍ତଶାସନ ଦିବସ ପାଳନ ଅବସରରେ ବାଲେଶ୍ୱର ପୌରପାଳିକା

ସମସ୍ତ ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ।
ତା. ୩୧.୦୮.୨୦୨୦ (ସୋମବାର)
ବାଲେଶ୍ୱର ସହରର ସର୍ବାଙ୍ଗୀନ ବିକାଶ ଆମର ଲକ୍ଷ୍ୟ

୧- ପୌର ସମ୍ପତ୍ତି ଆପଣମାନଙ୍କ ସମ୍ପତ୍ତି । ଏହାର ରକ୍ଷଣା ବେକ୍ଷଣ ଦାୟିତ୍ୱ ଆପଣଙ୍କର ।
୨- ସର୍ବସାଧାରଣ ରାସ୍ତା ଓ ଡ୍ରେନରେ ଅଳିଆ ଆବର୍ଜନା ପକାନ୍ତୁ ନାହିଁ ।
୩- ସରକାରୀ ଜମି କିମ୍ବା ରାସ୍ତା ଅବରୋଧ କରି ସର୍ବସାଧାରଣ ଯାତାୟତରେ ଅସୁବିଧା ସୃଷ୍ଟି କରନ୍ତୁ ନାହିଁ ।
୪- କର୍ତ୍ତବ୍ୟରତ କର୍ମଚାରୀମାନଙ୍କୁ ସେମାନଙ୍କ କର୍ତ୍ତବ୍ୟ ପାଳନରେ ସହାୟତା କରନ୍ତୁ ।
୫- ସର୍ବସାଧାରଣ ରାସ୍ତାଘାଟରେ ଗୃହପାଳିତ ପଶୁମାନଙ୍କୁ ଛାଡ଼ି ଜନସାଧାରଣ ଯାତାୟାତରେ ପ୍ରତିବନ୍ଧକ ସୃଷ୍ଟି କରନ୍ତୁ ନାହିଁ ।
୬- ଗୃହ ନିର୍ମାଣ ପୂର୍ବରୁ ପୌରପାଳିକାରୁ ନକ୍ସା ଅନୁମୋଦନ କରାଇ ନିଅନ୍ତୁ ।
୭- ଜଳ ନିଷ୍କାସନ ଡ୍ରେନରେ କରନ୍ତୁ ଓ ରାସ୍ତାକୁ ସଫା ରଖନ୍ତୁ ।
୮- ପଲିଥିନ ଓ ଥର୍ମୋକୁଲ ବ୍ୟବହାର ନ କରି ପରିବେଶ ପ୍ରଦୂଷଣ ମୁକ୍ତ କରନ୍ତୁ ।
୯- ନିୟମିତ ଘର ଟିକସ, ଦୋକାନ ଲାଇସେନ୍ସ ଫି ଓ ପୌରପାଳିକା ଦୋକାନ ଗୃହ ଭଡ଼ା ପଇଠ କରି ପୌରପାଳିକା ଅର୍ଥନୈତିକ ପ୍ରଗତିରେ ସହାୟକ ହୁଅନ୍ତୁ ।
୧୦- ନିଜ ବାସଗୃହ ପରିସରକୁ ସଫା ରଖି ଡେଙ୍ଗୁ ଚିକୁନଗୁନିଆ ଆଦି ରୋଗ ପ୍ରତି ସତର୍କ ରୁହନ୍ତୁ ।
୧୧-ପ୍ରାତଃକାଳ ରାସ୍ତା ସଫେଇ ପରେ ରାସ୍ତାରେ ଅଳିଆ ଆବର୍ଜନା ପକାନ୍ତୁ ନାହିଁ କିମ୍ବା ପିଚୁ ରାସ୍ତାରେ ପାଣି ପକାଇ ଓଦା କରନ୍ତୁ ନାହିଁ ।
୧୨- ସହରର ସର୍ବାଙ୍ଗୀନ ଉନ୍ନତି ପାଇଁ ଆପଣଙ୍କ ସାହାଯ୍ୟ ଓ ସହଯୋଗ ସଦାସର୍ବଦା ଏକାନ୍ତ କାମ୍ୟ ।
୧୩- ପ୍ରତ୍ୟେକ ଘରୁ ବାହାରୁଥିବା ଅଳିଆ, ଆବର୍ଜନା, ପନିପରିବା ଚୋପା, ବାସିଖାଦ୍ୟ, ପଚାଫଳ ଏଣେ ତେଣେ ନ ପକାଇ ଘରକୁ ଘର ଯାଉଥିବା ଗାଡ଼ିରେ ରଖାଯାଇଥିବା ଡଷ୍ଟବିନରେ ପକାନ୍ତୁ ।
୧୪- ଘରୁ ବାହାରିବା ସମୟରେ ସର୍ବଦା ମାସ୍କ ବ୍ୟବହାର କରି ବାହାରନ୍ତୁ ଏବଂ ସାମାଜିକ ଦୂରତା ଅତିକମରେ ଦୁଇମିଟର (୨ ମିଟର) ବ୍ୟବଧାନ ରଖନ୍ତୁ ।
୧୫- ବାଲେଶ୍ୱର ପୌରପାଳିକା ଅଞ୍ଚଳକୁ କରୋନା ମୁକ୍ତ କରନ୍ତୁ ।

ଆପଣଙ୍କ ନିରନ୍ତର ସେବାରେ ବାଲେଶ୍ୱର ପୌରପାଳିକା ।



ଶୁଭେଚ୍ଛା ସହ....

## ପୌର ପରିଷଦ, ରାଇରଙ୍ଗପୁର

ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ-୨୦୨୦ ପାଳନ ଅବସରରେ ପୌର ପରିଷଦ, ରାଇରଙ୍ଗପୁର ସହରର ସମସ୍ତ ଜନସାଧାରଣମାନଙ୍କୁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରିବା ସଙ୍ଗେ ସଙ୍ଗେ ରାଇରଙ୍ଗପୁର ସହରରର ସର୍ବାଙ୍ଗୀନ ଉନ୍ନତି ପାଇଁ ସହରବାସୀଙ୍କ ସହଯୋଗ କାମନା କରୁଅଛି ।

ନିବେଦନ:-

୧- ରାଇରଙ୍ଗପୁର ସହରକୁ ସରସ, ସୁନ୍ଦର ଓ ସବୁଜିମାଭରା ଏକ ଉନ୍ନତ ସହର ରୂପେ ଗଢ଼ି ତୋଳିବାରେ ସହାୟକ ହୁଅନ୍ତୁ ।
୨- ରାସ୍ତା କଡ଼ରେ ଥିବା ଡ୍ରେନ୍‌ରେ ପାଇଖାନାର ଦୂଷିତ ପାଣି ଛାଡ଼ନ୍ତୁ ନାହିଁ ।
୩- ପୌର ସେବା କର ପାଇଁ ପୌର କର ସେବା ପାଇଁ
୪- ରାସ୍ତା କଡ଼ ଜମି ଜବରଦଖଲ କରି ବିଭିନ୍ନ ପ୍ରକାର ଉନ୍ନତି ମୂଳକ କାର୍ଯ୍ୟରେ ବାଧାପ୍ରାପ୍ତ କରାନ୍ତୁ ନାହିଁ ।
୫- ଗୃହ ପାଳିତ ପଶୁମାନଙ୍କୁ ରାସ୍ତା ଉପରକୁ ନ ଛାଡ଼ି ନିଜ ଆୟତ୍ତରେ ରଖନ୍ତୁ ।
୬- ପରିଷଦର ଦେୟ ଠିକ୍ ସମୟରେ ପୈଠ କରନ୍ତୁ ।
୭- ପ୍ଲାଷ୍ଟିକ ବ୍ୟବହାର ବର୍ଜନ କରି ରାଇରଙ୍ଗପୁର ସହରକୁ ପ୍ରଦୂଷଣ ମୁକ୍ତ କରନ୍ତୁ ।
୮- ବାହାରେ ମଳତ୍ୟାଗ ନକରି ସରକାରଙ୍କ ସହାୟତା ରାଶିରେ ଘରେ ଘରେ ପାଇଖାନା ନିର୍ମାଣ କରି ବ୍ୟବହାର କରନ୍ତୁ ।
୯- ଘରେ ପ୍ରତିଦିନ ବାହାରୁଥିବା ଶୁଖିଲା ଓ ଓଦା ବର୍ଜ୍ୟବସ୍ତୁକୁ ଅଲଗା ଅଲଗା ଜମା କରି ରଖନ୍ତୁ ଏବଂ ପୌରପାଳିକା ତରଫରୁ ନିୟୋଜିତ କରାଯାଇଥିବା ସଫେଇ କର୍ମଚାରୀଙ୍କୁ ଦିଅନ୍ତୁ ।

- ଘରେ ରୁହନ୍ତୁ ସୁସ୍ଥ ରୁହନ୍ତୁ କରୋନା ସଂକ୍ରମଣରୁ ନିଜକୁ ରକ୍ଷା କରନ୍ତୁ ।

ଶ୍ରୀଯୁକ୍ତ ଭାଗବତ ପ୍ରସାଦ ମହାପାତ୍ର ଓ.ଲା.ସେ
ନିର୍ବାହୀ ଅଧିକାରୀ

ଶ୍ରୀଯୁକ୍ତ ଧର୍ମାନନ୍ଦ ବେହେରା
ଓ.ପ୍ର.ସେ (ବରିଷ୍ଠ ବର୍ଗ)
ଉପଜିଲ୍ଲାପାଳ, ବାମନଘାଟୀ-ତଥା-
ପୌର ପ୍ରଶାସକ


# ୪୮ ଘଂଟିଆ ଡୁଆଝର ପଂଚାୟତ ସଟ୍‌ଡାଉନ

ନୂଆପଡ଼ା,୩୦।୮ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଡୁଆଝର ପଂଚାୟତକୁ ଡୁଆଝର ସରପ କମଳିନୀ ମେହେର ଜିଲାପାଳ କ୍ଷମତା ପ୍ରୟୋଗ କରି ପଂଚାୟତକୁ ସଟ୍‌ଡାଉନ ଘୋଷଣା କରିଛନ୍ତି । ଡୁଆଝର ଗ୍ରାମରେ ପ୍ରଥମ ପୋଭିଡ ପୋଜିଟିଭ ଚିହ୍ନଟ ପରେ ସରପଂଚ ଏହି ନିଷ୍ପତି ନେଇଛନ୍ତି । ଏହି ସଟ୍‌ଡାଉନ ରବିବାର ସକାଳ ୬ ଘଂଟାରୁ ମଙ୍ଗଳବାର ସକାଳ୬ ଘଂଟା ପର୍ଯ୍ୟନ୍ତ ୪୮ ଘଂଟା ସଟ୍‌ଡାଉନ କରାଯାଇଥିବା ସୂଚନା ମିଳିଛି । ପଂଚାୟତର ଅତି ଅତ୍ୟାବଶ୍ୟକ ସେବାକୁ ଛାଡି ଅନ୍ୟ ସବୁ ଦୋକାନ, ବଜାର ବନ୍ଦ ରହିବାକୁ ନିର୍ଦ୍ଦେଶାନାମା ଜାରୀ କରିଥିବା ବେଳେ ପଂଚାୟତର ଲୋକେ ଏହି ନିୟମକୁ ପାଳନ କରିବାକୁ ପରାମର୍ଶ ଦିଆଯାଇଛି । ଏନେଇ ପଂଚାୟତ ପକ୍ଷରୁ ପଂଚାୟତର ଜନସାଧାରଣ ସହ ଖଡିଆଳ ଥାନାଧିକାରୀ, ଖଡିଆଳ ଅଗ୍ନିଶମ ବିଭାଗ ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଜଣାଇ ଦିଆଯାଇଥିବା ସୂଚନା ମିଳିଛି ।

# ସ୍ୱାଧିନତାର ୭୪ ବର୍ଷ ପରେ ମଧ୍ୟ ମୌଳିକ ଅଧିକାରରୁ ବଂଚିତ କେଳାମରା ଗାଁ



ନୀଳଗିରି,୩୦।୮ (ନି.ପ୍ର): ସ୍ୱାଧିନ ଭାରତକୁ ୭୪ ବର୍ଷବିତିଲା । ସରକାର ପରେ ସରକାର ବଦଳିଲା ! ଏହା ମଧ୍ୟରେ କେତେ ପଂଚବର୍ଷୀୟ ଯୋଜନା ଚାଲିଗଲାଣି। ରାଜ୍ୟ ର ବିଜେଡି ସରକାର ଦୀର୍ଘ ୨୦ ବର୍ଷ ଧରିଶାସନ କରିସ୍ୱଚ୍ଛତାରଡିଣ୍ଡିମ ପିଟିଚାଲିଛନ୍ତି । ଦକ୍ଷ ପ୍ରଶାସନ ସହିତ ଲୋକମାନଙ୍କ ସେବାରେ ଉର୍ସଗୀତ ସରକାର କହୁଥିବା ନବୀନ ପଟ୍ଟନାୟକଙ୍କ ସରକାରରେ ଯେ ଏଭଳିଏକ ଗାଁ ଅଛି ନ ଦେଖିଲେ ବିଶ୍ୱାସ କରି ହେବନାହିଁ । କୁଲଡିହା ଅଭୟାରଣ୍ୟ ପାଦଶେରେ ଅବସ୍ଥିତକେସିପୁର ପଂଚାୟତର କେଳାମରାଗାଁ, ନିକଟରେବହି ଯାଇଛିଟାଙ୍ଗଣା ନଈ । ୪୦ ଟି ପରିବାରକୁ ନେଇ ଗଢିଉଠିଥିବା ପାହାଡ ଜଙ୍ଗଲ ଘେରା ଗାଁ କେଳାମରା । ରାଜ୍ୟ ସରକାରମାକୁ ସମ୍ମାନ ଗାଁକୁ କାମର ନିର୍ବାଚନୀ ଇସ୍ତାହାର ର ନଗ୍ନ ଚିତ୍ର । ଏହି ଗାଁରେ ଦେଖିବାକୁ ମିଳିଛି ଗୋଟିଏ ନଳକୂପ । ଗାଁରେ ମାକୁ କେତେ ସମ୍ମାନ ମିଳେ ଏହି ଗାଁରୁ ବାରିହୁଏ । ଆଉ ରହିଗଲା ଗାଁକୁ କାମ । ଯେଉଁଗାଁକୁ ଯିବାକୁ ହେଲେ ପାରିହେବାକୁ ପଡେଟାଙ୍ଗଣା ନଈ । ବର୍ଷା ଦିନେ ଭରା ନଈରେ ଜୀବନକୁ ବାଜିଲଗାଇ ନଦୀ ପାର ହେବାକୁ ପଡେ ।ଏପରିକି ଗର୍ଭବତୀ ମହିଳା ରୋଗୀ ଗ୍ରସ୍ତବୃଦ୍ଧ ଓ ବୃଦ୍ଧା କୋମଳମତି ଶିଶୁମାନେ ନଦୀ ପାରହୋଇ ଦୂର ଦୁରାନ୍ତ ବଜାରସହର, ହସ୍ପିଟାଲ ଯିବାକୁବାଧ୍ୟ ହୁଅନ୍ତି ।ଗାଁରେ ନା ଅଛିରାସ୍ତା, ନା ଅଛି ଆଲୁଅ, ନା ଅଛି ସ୍ୱଚ୍ଛ ପିଇବା ପାଣି, ମୌଳିକସୁବିଧାରୁ ବଂଚିତ କେଳାମରାଗାଁ, ବିଜୁଳିସଂଯୋଗ ପାଇଁଗାଁରେପୋତା ଯାଇଛି କେତୋଟି ହାତ ଗଣତି ଖୁଂଟ, ଆଉକିଏ ମାଟିରେ ପୋତି ହୋଇଗଲାଣି, କେନ୍ଦ୍ରସରକାର ୨୦୨୨ ସୁଦ୍ଧା ପ୍ରତିଗାଁକୁବିଜୁଳି ର ସଂଯୋଗ ଯୋଗାଇ ଦେବାର ଦୃଢ ପ୍ରତିଶୃତି ମଧ୍ୟ ଏହିଗାଁ ପାଇଁ ଅ ପ୍ରଜ୍ଜ୍ୟ, ପ୍ରତିଇଲେକସନ ସମୟରେ ବହୁ ରାଜନୈତିକ ବ୍ୟକ୍ତିଙ୍କର ପାଦ ପଡିଥାଏ ଏହିଗାଁରେ, ବିଭିନ୍ନ ପ୍ରତିଶୃତିରେ ବାଣି ଶୁଣେଇ ଥାଆନ୍ତି ଏହି ସମୟରେ, ମାତ୍ର ଇଲେକସନ ପରବର୍ତି ସମୟରେ ପ୍ରତିଶୃତି ର ପାହାଡ ଦେଖାଉଥିବା ଉକ୍ତ ଭଦ୍ର ଲୋକଙ୍କ ଦେଖା ନଥାଏ, ବହୁତ ଦେଖିଲେଣି ଏମାନେ ! ସହିବାର ସୀମାଟପିଯାଇଛି ! ମାନ ଅଭିମାନରେକାହାକୁକିଛି ନ କହିବିଶୁଦ୍ଧ ପାଣି ପିଇବାର ମୋହ ଛାଡିଝରଣାରୁ ପାଣି ପିଉଛନ୍ତି, ବିଜୁଳି ଆଲୁଅର ସ୍ୱପ୍ନ ଛାଡିଡିବିରି ଆଲୁଅକୁ ପାଥେୟ କରି, ଗାଁକୁ ସ୍ଥାୟୀରାସ୍ତାର ଆଶାଛାଡି ପାଦ ଚଲାରାସ୍ତାକୁ ନିଜରକରି, ରୋଗବ୍ୟାଧି କୁମା ପାହାଡି ଠାକୁରାଣୀଙ୍କ ଉପରେଛାଡିଦେଇ ଏ ସରାକର ଏ ପ୍ରଶାସନ ଆଉ ସ୍ୱପ୍ନ ର ସୌଦାଗର ର ରାଜନୈତି କବ୍ୟକ୍ତିବିଶେଷଙ୍କ ଉପରୁ ଭରସା ଛାଡି ଦେଇ ଭାଗ୍ୟକୁ ଆଦରି ନେଇଛନ୍ତି, କେଳାମରାଗାଁ ର ଏହି ଆଦିବାସୀ ସମ୍ପ୍ରଦାୟ । ସତରେ କଣ ପ୍ରଶାସନର ଦୃଷ୍ଟି ପଡିବଏହି ଅଭିଶପ୍ତ କେଳାମରା ଗାଁଉପରେ, ସତରେ କଣ ଲୋକଙ୍କ ମୁହଁରେ ହସ ଫୁଟିବ ? ଘଟଣା ସମ୍ପର୍କରେ ଉପଜିଲ୍ଲାପାଳଙ୍କୁ ପଚାରିବାରୁ ସେ ତଦନ୍ତ କରିକାର୍ଯ୍ୟାନୁଷ୍ଠାନ ନେବେ ବୋଲି କହିଛନ୍ତି ।

## ହସ୍ତଶିଳ୍ପ କାରିଗର ସଶକ୍ତିକରଣ ଉପରେ ୱେବିନାର

# ଦେଶର ପୂର୍ବ ଓ ଉତ୍ତର ପୂର୍ବାଂଚଳ ରାଜ୍ୟଗୁଡ଼ିକ ପାଇଁ 'ହସ୍ତକାରୀ' ଏକ ଅଭିନବ ଉପକ୍ରମ

ଭୁବନେଶ୍ୱର,୩୦।୮ (ନି.ପ୍ର): ଦେଶର ପୂର୍ବ ଓ ଉତରପୂର୍ବାଂଚଳ ରାଜ୍ୟଗୁଡ଼ିକ ପାଇଁ ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ) ଆନୁକୂଲ୍ୟରେ ଗ୍ରାମୀଣ କାରିଗରମାନଙ୍କ ସଶକ୍ତିକରଣ ସକାଶେ 'ହସ୍ତକାରୀ' ନାମରେ ଏକ ଅଭିନବ ଉପକ୍ରମ ଆରମ୍ଭ କରାଯାଇଛି । ଶିଳ୍ପ, ଶକ୍ତି, ଏମ୍ଏସ୍ଏମ୍ଇ ଓ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟ ଶଙ୍କର ମିଶ୍ର ଆଜି ଆୟୋଜିତ ଏକ ୱେବିନାରରେ ଓଡ଼ିଶାର କାରିଗର ଓ ଶିଳ୍ପୀମାନଙ୍କ ଦକ୍ଷତା ସଂପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ଓଡ଼ିଶା ଏହି ଉଦ୍ୟମରେ ସାମିଲ ହେବା ଖୁସିର ବିଷୟ ବୋଲି ସେ ଦର୍ଶାଇବା ସହ ସଂପ୍ରତି ସିଆଇଆଇ ଓଡ଼ିଶା ଚାପ୍‌ଟର ରାଜ୍ୟରେ କ୍ଷୁଦ୍ର ଶିଳ୍ପ ବିକାଶ ଓ ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହିତ କରିବା ଦିଗରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିବା ଜଣାଇଥିଲେ। ଓଡ଼ିଶାରେ ବିପୁଳ ଖଣିଜ ସଂପଦ, ସୁଦୀର୍ଘ ଉପକୂଳ, ପ୍ରାକୃତିକ ସଂପଦ, ଜଳସଂପଦ, ଗମନାଗମନର ସୁବିଧା ପ୍ରଭୃତି ଆମ ପାଇଁ ସମ୍ବଳ ବୋଲି ସେ କହିଥିଲେ। ଏଥି ସହିତ ଓଡ଼ିଶାର ସମ୍ବଲପୁରୀ ଶାଢ଼ି, ମାଣିଆବନ୍ଧ ପାଟ, ରଘୁରାଜପୁରର ପଟ୍ଟଚିତ୍ର ସହ ଆଦିବାସୀ କଳାଶୈଳୀର ବହୁ ସୁନାମ ଓ ଆଦୃତି ରହିଛି। କୃଷି ପଛକୁ ଯଦି କୌଣସି ବୃତି ଅଧିକ ଲୋକଙ୍କୁ କର୍ମସଂସ୍ଥାନ ଯୋଗାଉଛି ତାହା ହେଲା ବୟନ ଶିଳ୍ପ ବୋଲି ସେ କହିଥିଲେ। ତେଣୁ ଏ କ୍ଷେତ୍ରରେ ବ୍ୟାପକ ସୁଯୋଗ ରହିଥିବା ସେ ଦର୍ଶାଇଥିଲେ । ସେହିପରି ଅନ୍ୟ ହସ୍ତ କାରିଗରୀରେ ଓଡ଼ିଶା ଅଗ୍ରଣୀ ତଥା ଦକ୍ଷ। ରାଜ୍ୟର କଂସା-ପିତଳ କାମ, ରୂପା ତାରକସୀ କାମ, ଟେରାକୋଟା, ଚାନ୍ଦୁଆ ପ୍ରଭୃତି ଯାହା ଶିଳ୍ପୀଙ୍କ ଦକ୍ଷତା ପ୍ରତିପାଦିତ କରେ। 'ହସ୍ତକାରୀ' ଗ୍ରାମାଂଚଳରେ ରହୁଥିବା ସ୍ୱଦେଶୀ ହସ୍ତଶିଳ୍ପୀମାନଙ୍କୁ ବିଶ୍ୱଦରବାରରେ ପହଂଚାଇବା କାର୍ଯ୍ୟକରିବ । ପୂର୍ବ ଓ ଉତର-ପୂର୍ବାଂଚଳର କାରିଗରମାନଙ୍କ ଦକ୍ଷତା ବିକାଶ ସହ ସଦସ୍ୟତା ପାଇଁ ବ୍ୟବସ୍ଥା କରିବ। ତା'ଛଡ଼ା ଆନ୍ତର୍ଜାତିକ କ୍ରେତାମାନଙ୍କ ସହ ଯୋଡ଼ିବା ପାଇଁ ରାଜ୍ୟ ଇ-ହାଟ୍ ଆୟୋଜନ କରିବ। ଏହା ରାଜ୍ୟର ପର୍ଯ୍ୟଟନ ସ୍ଥଳୀ ଏବଂ ସ୍ୱଦେଶୀ କଳାସଂସ୍କୃତିର ପ୍ରଚାରପ୍ରସାର ନିମନ୍ତେ ମଂଚ ସୃଷ୍ଟି କରିବାର ଲକ୍ଷ୍ୟ ରହିଛି । ଆଜିର ଏହି ପ୍ରାନ୍ତୀୟ ୱେବିନାର ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ତ୍ରିପୁରା ସରକାରଙ୍କ ଉପମୁଖ୍ୟମନ୍ତ୍ରୀ ଶ୍ରୀ ଜିଷ୍ଣୁ ଦେବ ବର୍ମା, ଭାରତ ସରକାରଙ୍କ ଶିଶୁ ଓ ମହିଳା ବିକାଶ ମନ୍ତ୍ରୀ ଶ୍ରୀମତୀ ଦେବଶ୍ରୀ ଚୌଧୁରୀ, ସିକିମ୍ ସରକାରଙ୍କ ବାଣିଜ୍ୟ, ଶିଳ୍ପ ଏବଂ ପର୍ଯ୍ୟଟନ ଓ ନାଗରିକ ଉଡାଣ ମନ୍ତ୍ରୀ ଶ୍ରୀ ବେଦୁ ସିଂ ପନ୍ଥ, ସିଆଇଆଇର ଅଧ୍ୟକ୍ଷ ଏବଂ ପୂର୍ବାଂଚଳ ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଅଭିଜିତ ରାୟ ଅଂଶଗ୍ରହଣ କରିଥିଲେ।

## ପାର୍ଶ୍ୱପରିବର୍ତ୍ତନ ଏକାଦଶୀ ନୀତି ସଂପର୍ଣ୍ଣ

ପୁରୀ,୩୦।୮ (ନି.ପ୍ର): ଶନିବାର ଶ୍ରୀମନ୍ଦିର ରେ ଶ୍ରୀଜିଉ ଙ୍କ ପାର୍ଶ୍ୱପରିବର୍ତନ ନୀତି ସଂପର୍ଣ୍ଣ ହୋଇଛି। ଶ୍ରୀଜିଉ ମାନଙ୍କର ଦ୍ୱାଦଶ ଯାତ୍ରା ମଧ୍ୟରେ ଏହା ଏକ ମହାଯାତ୍ରା । ଯେତେବେଳେ ମହାପ୍ରଭୁଙ୍କର ଆଷାଢ ଶୁକ୍ଳ ଏକାଦଶୀ ତଥି ରେ ଦକ୍ଷିଣ କୁ ମୁହଁ କରି ଶୋଇଥାନ୍ତି। ଶନିବାର ମହାପ୍ରଭୁ ଙ୍କ ଶେଷ ବଲ୍ଲଭ ଭୋଗ ଓ ରତ୍ନସିଂହାସନ ରେ ଶେଷ ହୋଇଥାଏ। ସେତେବେଳେ ମହାପ୍ରଭୁ ଙ୍କ ଶୟନ କକ୍ଷ ମୁଦ ରଖାଯାଇ ଠାକୁରଙ୍କ ଉପରେ ପୁଷ୍ପାଞ୍ଜଳୀ ପ୍ରଦାନ କରାଯାଇଥିଲା। ପରେ ବନ୍ଦାପନା ନୀତି ଶେଷ କରାଯାଇ ଠାକୁରଙ୍କୁ ମୁଖାରବିନ୍ଦ କୁ ଉତର ମୁହାଁ କରାଯାଇଥିଲା। ଏହାକୁ ପାର୍ଶ୍ୱପରିବର୍ତନ ନୀତି କୁହାଯାଇଥାଏ।

## ରାଇବଣିଆ ପୁଲିସ୍‌ର ଉଦାସୀନତା

# ଆବାସ ଯୋଜନା ଗୃହ ଭାଂଗିବାପରେ ବାରମ୍ବାର ଆକ୍ରମଣ : ୪ ଗୁରୁତରଙ୍କୁ ପଠାଗଲା ବାଲେଶ୍ୱର

ଜଳେଶ୍ୱର,୩୦।୮ (ନି.ପ୍ର): ରାଇବଣିଆ ଅଂଚଳର ବହୁ ଘଟଣାରେ ପୁଲିସ୍‌ର ନିଷ୍କ୍ରିୟତା ପ୍ରକାଶ ପାଇ ଆସୁଥିବା ବେଳେ ଗତ ରାତିରେ ମରଣାନ୍ତକ ଆକ୍ରମଣ ଘଟଣା ଘଟିଛି । ପାରିବାରିକ ଜମି ଗଣ୍ଡଗୋଳକୁ ନେଇ ଦକ୍ଷିଣ ପ୍ରହରାଜପୁର ଗାଁର ପ୍ରମିଳା ବିଶ୍ୱାଳଙ୍କ ନିର୍ମାଣାଧିନ ଆବାସ ଯୋଜନାର ଘରକୁ ପ୍ରତିପକ୍ଷମାନେ ଭଂଗାରୋଜା କରିବା, ପ୍ରମିଳାଙ୍କ ପରିବାରକୁ ମାରଧର କରିବା ସତ୍ୱେ ରାଇବଣିଆ ପୁଲିସ୍ ଅଭିଯୋଗ ଗ୍ରହଣ କରିନଥିଲା । ଜଳେଶ୍ୱର ଏସ୍‌ଡିପିଓଙ୍କ ହସ୍ତକ୍ଷେପ ପରେ ଏକ ମାମଲା ରୁଜୁ ହୋଇଥିଲା । ନିର୍ମାଣାଧିନ ଆବାସ ଯୋଜନା ଭାଂଗି ଦେବାପରେ ବିଛାଡି ପଡିଥିବା ଇଟାଗୁଡିକୁ ଗତ ଶୁକ୍ରବାର ସଂଧ୍ୟାରେ ପ୍ରମିଳା ବିଶ୍ୱାଳ, ସ୍ୱାମୀ ଜଗବଂଧୁ ବିଶ୍ୱାଳ, ପୁଅ ଅଳୁ, ଝିଅ ତୁଳସୀ ପ୍ରମୁଖ ଠୁଳ କରୁଥିବା ବେଳେ ପ୍ରତିପକ୍ଷ ନିରଞ୍ଜନ ବିଶ୍ୱାଳ, ମୃତ୍ୟୁଞ୍ଜୟ ବିଶ୍ୱାଳ, ଦୀପକ ବିଶ୍ୱାଳ, ବାଦଲ ବିଶ୍ୱାଳ, ସୁସ୍ମିତା ବିଶ୍ୱାଳ, ଗୟାମଣି ବିଶ୍ୱାଳ, ବୁଦ୍ଧେଶ୍ୱର ବିଶ୍ୱାଳ ଓ ସେମାନଙ୍କ ସ୍ତ୍ରୀମାନେ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ । ଫଳରେ ପ୍ରମିଳା ବିଶ୍ୱାଳ, ଅଳୁ ବିଶ୍ୱାଳ ଓ ତୁଳସୀ ବିଶ୍ୱାଳ ଗୁରୁତର ଓ ରକ୍ତାକ୍ତ ଅବସ୍ଥାରେ ପ୍ରଥମେ ହାତୀଗଡ ସିଏଚ୍‌ସି ଓ ପରେ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ଯାଇ ଚିକିତ୍ସିତ ହେଉଛନ୍ତି । ରାଇବଣିଆ ପୁଲସ୍ ୫୭/୨୦ରେ ମାମଲା ରୁଜୁ କରି ହାତଗୋଟାଇ ବସିଛି । ଏପରି ଏକ ସମବେଦନଶୀଳ ଘଟଣାର ଆଶୁ ସମାଧାନ କରିବାଲାଗି ବାଲେଶ୍ୱର ଜିଲା ଆରକ୍ଷୀ ଅଧିକ୍ଷକ ହସ୍ତକ୍ଷେପ କରିବାକୁ ଦାବି ହୋଇଛି ।

# ରାୟଗଡ଼ା ଉତ୍କଳ ହସ୍ପିଟାଲ୍‌କୁ ସିସିସିର ମାନ୍ୟତା ପ୍ରାପ୍ତ



ରାୟଗଡ଼ା,୩୦।୮ (ନି.ପ୍ର): ସାରା ଦେଶରେ ମହାମାରୀ କରୋନା ତାର କାୟା ବିସ୍ତାର କରିବାରେ ଲାଗିଛି । ରାୟଗଡ଼ା ଜିଲ୍ଲାରେ ମଧ କରୋନାର ପ୍ରଭାବ ଖୁବ୍ ଜୋରରେ ବଢ଼ିବାରେ ଲାଗିଛି । ଏହାକୁ ଦୃଷ୍ଟିରେ ରଖି ରାୟଗଡା ଜିଲ୍ଲା ଅଂର୍ଗତ ଟିକିରି ସ୍ଥିତ ଆଦିତ୍ୟ ବିର୍ଲା ଗ୍ରୁପ କମ୍ପାନୀର ଉତ୍କଳ ହସ୍ପିଟାଲକୁ ସରକାରୀ କୋଭିଡ କେୟାର ସେଣ୍ଟର (ସିସିସି)ର ମାନ୍ୟତା ପ୍ରାପ୍ତ ହୋଇଛି । ଫଳରେ ଏହି ଅଞ୍ଚଳ ବାସୀଙ୍କ ପାଇଁ ତଥା ଜିଲ୍ଲା ପାଇଁ ଏହି ମେଡିକାଲ ବ୍ୟବସ୍ଥା ଟିକିରି ସ୍ୱାସ୍ଥ୍ୟ ସେବାକୁ ଏକ ବଡ଼ ଧରଣର ସଫଳତା ମିଳିଛି । କୋଭିଡ ଲଢେଇରେ ଏହା ଏକ ଆଶାଜନକ ସଫଳତା ଦେବ ବୋଲି ବିଶ୍ୱାସ ଦ୍ୱିଗୁଣିତ ହୋଇଯାଇଛି । ଉତ୍କଳ ଆଲୁମିନା ଇଣ୍ଟରନେଶନାଲ ଲିମିଟେଡ଼ (ୟୁଏଆଇଏଲ) ଦ୍ୱାରା କରାଯାଇଥିବା ଏହି ହସ୍ପିଟାଲକୁ ପୂର୍ବରୁ ସଂସ୍ଥାଗତ କ୍ୱାରେଣ୍ଟାଇନ ଓ ଲକ୍ଷଣ ନଥିବା ରୋଗୀଙ୍କ ପାଇଁ ବ୍ୟବହାର କରାଯାଉଥିଲା କ୍ଷ ଉତ୍କଳ ହସ୍ପିଟାଲର ଡାକ୍ତର, ପାରାମେଡିକାଲ୍ ଓ ସହାୟକ ଷ୍ଟାଫମାନେ ବର୍ତ୍ତମାନ ଅତିରିକ୍ତ ଦାୟିତ୍ୱ ତୁଲାଇବାକୁ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ହୋଇଛନ୍ତି । ଏହି ମେଡିକାଲରେ ୨୨ଟି ଶଯ୍ୟା, ୫୦୦ଟି ବଡିସୁଟ, ଏନ ୯୫ ମାସ୍କ, ୩ ଭେଣ୍ଟିଲେଟର, ରେସ୍ପିରେଟର, ଡିଫିବ୍ରିଲେଟର, ଦୁଇଟି ଆଇସିୟୁ ଶଯ୍ୟା ଓ ୨୨ଟି ସାଧାରଣ ଶଯ୍ୟା ରହିଛି । ଉତ୍କଳ ଆଲୁମିନା ତରଫରୁ ରୋଗୀଙ୍କୁ ଏକ ଆରାମଦାୟକ ସେବା ଯୋଗାଇ ଦେବାପାଇଁ ସମସ୍ତ ବ୍ୟବସ୍ଥାକୁ ପ୍ରାଥମିକତା ଦିଆଯାଇଛି। ୧୭ ଦିନର ରହଣି ପାଇଁ ହସ୍ପିଟାଲର ଫ୍ରକ୍ ଓ କିଟ ରହିଛି । ଏଥିରୁ ପ୍ରମାଣିତ ହେଉଛି ଯେ, ରୋଗୀମାନଙ୍କ ସ୍ୱାସ୍ଥ୍ୟ ସ୍ଥିତି ନିରୀକ୍ଷଣ କରିବା ପାଇଁ ସମସ୍ତ ଡାକ୍ତର ଓ ପାରା ମେଡିକାଲ ଷ୍ଟାଫ ଓ ସିକୁରିଟି ଗାର୍ଡମାନେ ରୋଟେସନ ଭିତ୍ତିରେ କାର୍ଯ୍ୟ କରିବା ସହିତ ଡାକ୍ତରଙ୍କ ପରାମର୍ଶ ଅନୁସାରେ ରୋଗୀଙ୍କୁ ଔଷଧ ଦିଆଯାଉଛି । ବର୍ତମାନ ସୁଦ୍ଧା ୫୦ଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ୨୨ଜଣ ଚିକିତ୍ସାଧୀନ ଅଛନ୍ତି । ୟୁଏଆଇଏଲର ୟୁନିଟ ମୁଖ୍ୟ ଓ ସଭାପତି ଏନ ନାଗେଶ ସ୍ଥାନୀୟ ଲୋକମାନଙ୍କ ସ୍ୱାସ୍ଥ୍ୟ ଓ କଲ୍ୟାଣ ପାଇଁ କମ୍ପାନୀର ପ୍ରତିବଦ୍ଧତା ବିଷୟରେ ଆଲୋଚନା କରିଛନ୍ତି ଓ ଫଳ ସ୍ୱରୂପ ଭାଇରସ ମୁକାବିଲା ଲାଗି ଏହା ଶ୍ରେଷ୍ଠ ସେବା ଓ ବ୍ୟବସ୍ଥା ପ୍ରଦାନ କରୁଛି ବୋଲି କହିଛନ୍ତି । ଟିକିରିରେ କରୋନା ମହାମାରୀ ସହ ଲଢ଼ିବାପାଇଁ ଏହି ସେଣ୍ଟର ଏକ ଗୁରୁତ୍ୱପୂର୍ଣ ଭୂମିକା ଗ୍ରହଣ କରିଛି।

## ବାଇକ ସହ ୨୫ କିଲୋ ଗଞ୍ଜେଇ ଜବତ, ଜଣେ ଗିରଫ

କନ୍ଧମାଳ,୩୦।୮ (ନି.ପ୍ର): କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଳକର ଗୋଛାପଡ଼ା ପୁଲିସ୍ ଆଜି ଏକ ମଟର ସାଇକଲ ସହିତ ୨୫ କେଜି ଗଞ୍ଜେଇ ଜବତ କରିଛି । ଏହି ଘଟଣାରେ ଜଣକୁ ଗିରଫ କରାଯାଇଛି । ଗିରଫ ବ୍ୟକ୍ତିର ନାମ ବିଶ୍ୱଜିତ୍ ବେହେରା ବୋଲି ଥାନା ଅଧିକାରୀ ତୃପ୍ତି ନାୟକ ସୂଚନା ଦେଇଛନ୍ତି । ଗିରଫ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି । ତାହାର ଘର ଗୋଛାପଡ଼ା ଥାନାର ଦଡ଼କି ପଂଚାୟତ ଅନ୍ତର୍ଗତ କାଣିଦାନି ବୋଲି ଜଣାଯାଇଛି । ଖବର ପ୍ରକାରେ , କୌଣଷି ସୁତ୍ରରୁ ଖବରପାଇ ଥାନା ଅଧିକାରୀ ତାଙ୍କ ଟିମ୍ ସହିତ ଗୋଛାପଡା-ଫୁଲବାଣୀ ରାସ୍ତାର ଲୁହୁରାସାହି ଛକନିକଟରେ ଗାଡ଼ି ତନଖି କରିଥିଲେ । ଏହି ରାସ୍ତାଦେଇ ଯାଉଥିବା ଉକ୍ତ ବାଇକ୍ ତନକୀ ବେଳେ ଗାଡ଼ିରେ ଥିବା ଗଞ୍ଜେଇ ଜବତ କରାଯାଇଛି । ଏହି ମାମାଲାରେ ଗୋଛାପଡା ଥାନା ରେ ୫୦।୨୦ ରେ ଏକ ମାମାଲା ରୁଜୁ କରି ଅଧିକ ତଦନ୍ତ ଆରମ୍ଭ କରିଛି ।

# ଲଗାଣ ବର୍ଷାରେ ଗୁଲନଗର ପଂଚାୟତ ବାସିନ୍ଦା ଜଳବନ୍ଦୀ

କେନ୍ଦ୍ରାପଡା,୩୦।୮ (ନି.ପ୍ର): ଲଘୁଚାପଜନିତ ଲଗାଣ ବର୍ଷା କେନ୍ଦ୍ରାପଡା ଜିଲ୍ଲାକୁ ଜଳବନ୍ଦୀ କରି ଦେଇଛି । ଏହା ସହ ବିଶେଷ କରି କେନ୍ଦ୍ରାପଡା ଟାଉନ ଚର୍ତୁପାଶ୍ୱରେ ଥିବା ତଳିଆ ଅଂଚଳ ଗୁଡିକର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି । କେନ୍ଦ୍ରାପଡା ପୌରାଂଚଳ ଶତାଧିକ ବର୍ଷ ପୁରୁଣା ହେଲେ ମଧ ଟାଉନ ସମେତ ଏହାର ଆଖପାଖ ଅଂଚଳର ବାସ୍ତବିକ ସ୍ଥିତି କୌଣସି ଗାଁ ଗହଳି ଠାରୁ ଆଦୌ କମ ନୁହେଁ । ସୁଜାନଗର ଗଡଡସାହି ରାସ୍ତାଟି ଅଣ ଓସାର ସହିତ ଅତ୍ୟନ୍ତ ଦୟନୀୟ ହୋଇଥିବାରୁ ଲୋକମାନେ ଅଣ୍ଟାଏ ପାଣିରେ ପଶି ନିଜ ଘରକୁ ଯିବା ଆସିବା କରୁଥିବା ଦେଖା ଦେଇଛି । ଗୁଲନଗର ପଂଚାୟତର ୧୨ଟି ୱାର୍ଡରେ ହୋଇଥିବା ରାସ୍ତାକାମ ଅତ୍ୟନ୍ତ ନିମ୍ନମାନର ହୋଇଥିବାରୁ ତାହା ଯାତାୟତ ପାଇଁ ସମ୍ପୂର୍ଣ୍ଣ ଅନୁପଯୋଗୀ ହୋଇପଡିଛି । ପଂଚାୟତରେ ଡ୍ରେନେଜ ସିଷ୍ଟମ ନଥିବାରୁ ବର୍ଷାପାଣି ନିଷ୍କାସିତ ହୋଇ ନପାରି ଗାଁ ଭିତରେ ଜଳବନ୍ଦୀ ସୃଷ୍ଟି କରିଥିବାରୁ ବାସିନ୍ଦା ମାନେ ଅକଥନୀୟ ଦୁର୍ଦ୍ଦଶା ଭିତରେ ଜୀବନ ବିତାଉଥିବା ଅଭିଯୋଗ ହୋଇଛି । ତୁରନ୍ତ ଏହି ରାସ୍ତାକୁ ମରାମତି କରିବା ପାଇଁ ସାଧାରଣରେ ଦାବି ହୋଇଛି । ସେହିଭଳି ଗରାପୁର ଗ୍ରାମର ଗୋବରୀ ନଦୀକୂଳ ଗ୍ରାମ ଗୁଡିକ ଜଳମଗ୍ନ ହୋଇଛି । ରାସ୍ତା ଉପରେ ୨ ଫୁଟର ପାଣି ଠିଆ ହୋଇଥିବା ଦେଖିବାକୁ ମିଳୁଛି ।

# ଅଜ୍ଞାତ ବ୍ୟକ୍ତିଙ୍କ ତୀରମାଡ଼ରେ ଶ୍ରମିକ ଗୁରୁତର

ବାରିପଦା,୩୦।୮ (ନି.ପ୍ର): ଅଗଷ୍ଟ ୨୮ ରାତିରେ ରତନ ଗିରି ନାମକ ଏକ ଶ୍ରମିକ ତୀର ବିଦ୍ଧ ଅବସ୍ଥାରେ ଚିକିତ୍ସା ନିମନ୍ତେ ବାରିପଦାସ୍ଥିତ ପିଆରଏମ ମେଡ଼ିକାଲ କଲେଜ ଓ ହସପିଟାଲରେ ଭର୍ତି ହୋଇଥିଲେ ଏବଂ ଆଜି ସନ୍ଧ୍ୟାରେ ପରେ ତାଙ୍କୁ ଅସ୍ତ୍ରୋପଚାର ନିମନ୍ତେ ଓଟିକୁ ନିଆଯାଇଥିଲା। ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି, ବାରିପଦାର ରାଜନ ଗୁପ୍ତା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କେନାଲ ନିର୍ମାଣ ନିମନ୍ତେ ଠିକା ନେଇଥିଲେ ଏବଂ ଟିଆଁସି ଗ୍ରାମ ନିକଟ କେନାଲ ନିର୍ମାଣ ସ୍ଥଳରେ ସାଜ ସରଞ୍ଜାମ ସହିତ ଶ୍ରମିକମାନଙ୍କ ନିମନ୍ତେ ଏକ ଅସ୍ଥାୟୀ କ୍ୟାମ୍ପ ନିର୍ମାଣ କରିଥିଲେ । ଗତ ଅଗଷ୍ଟ ୨୮ ସନ୍ଧ୍ୟା ସମୟରେ କିଛି ଅଜଣା ବ୍ୟକ୍ତି ଆନ୍ଧାରରେ କ୍ୟାମ୍ପ ନିକଟରେ ପହଁଂଚିଥିଲେ । ଏହି ସମୟରେ ଠିକାଦାର ରାଜନ ଗୁପ୍ତାଙ୍କ ଦ୍ୱାରା କେନାଲ ନିର୍ମାଣ କାର୍ଯ୍ୟରେ ନିୟୋଜିତ ହୋଇଥିବା ଶୁଳିଆପଦା ଅଞ୍ଚଳର ରତନ ଗିରି ସେମାନଙ୍କ ହାବୁଡ଼ରେ ପଡ଼ିଯିବାରୁ ଅଜଣା ବ୍ୟକ୍ତିମାନେ ତାଙ୍କ ଉପରକୁ ତୀରମାଡ଼ କରି ଖସି ପଳାଇ ଯାଇଥିଲେ । ତୀରଟି ରତନଙ୍କ ଡ଼ାହାଣ ହାତରେ ପଶିଯାଇ ଥିଲା । ରତନଙ୍କ ଚିହ୍ୱାର ଶୁଣି କ୍ୟାମ୍ପରୁ ଅନ୍ୟ ସହଯୋଗୀମାନେ ଘଟଣାସ୍ଥଳରେ ପହଂଚି ତୀରବିଦ୍ଧ ଅବସ୍ଥାରେ ତୁରନ୍ତ ଚିକିତ୍ସା ନିମନ୍ତେ ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ସରକାରୀ ମେଡ଼ିକାଲ କଲେଜ ଓ ହସପିଟାଲରେ ଭର୍ତି କରାଇଥିଲେ । ଖବରପାଇ ଠିକାଦାର ରାଜନ ଗୁପ୍ତା ମଧ ହସପିଟାଲରେ ପହଁଂଚି ଥିଲେ । ଉକ୍ତ ଘଟଣାକୁ ନେଇ ଟିକାଦାରଙ୍କ ପକ୍ଷରୁ ଚିତ୍ରଡ଼ା ଫାଣ୍ଡିରେ ଲିଖିତ ଅଭିଯୋଗ କରାଯିବା ପରେ ପୁଲିସ ପକ୍ଷରୁ ଥାନାରେ ଏକ ମାମଲା ରଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି । ତେବେ ଏହା ଚୋରମାନଙ୍କର କାର୍ଯ୍ୟ ହୋଇଥାଇ ପାରେ ବୋଲି ସନ୍ଦେହ କରାଯାଉଛି ।

# ପୁଣି ବସିଲା କଙ୍ଗାରୁ କୋର୍ଟ ! : ଖୁଂଟରେ ବାନ୍ଧି ନିସ୍ଥୁକ ମାଡ଼ ପରେ ଏକ ଲକ୍ଷ ଜରିମାନା

ଭଦ୍ରକ, ୩୦/୮ (ହି.ସ.) - ପୁଣି ବସିଲା କଙ୍ଗାରୁ କୋର୍ଟ । ଏହା ପୁଣି କୌଣସି ଉପାନ୍ତ ଅଂଚଳ ନୁହେଁ ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଅଧିନ କଷିଆ ସାମୁଦ୍ରୀକ ଥାନା ଅଧିନ ସାନକୃଷ୍ଣପୁର ଗ୍ରାମ ପଂଚାୟତର ଷାଠିଏଚେନ ଗାଁ ଘଟଣା । ଆଜି ପୁଣି ଥରେ ସରକାରଙ୍କ ଆଇନ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ମିଳିଥିବା ସୂଚନା ମୁତାବକ, ବାଣ୍ଟିଆ ମଣ୍ଡଳ(୬୦) ନିଜ ଧାନଚାଷ ଜମିରେ କାମ କରୁଥିବା ବେଳେ ମୁଣ୍ଡଫଟା ଖରାରେ ଶୋଷ ଲାଗିବାରୁ ପଡୋଶୀ ଘରକୁ ପାଣି ପିଇବାକୁ ଯାଇଥିଲେ । ପଡୋଶୀ ଘରେ ଥିବା ନାବାଳିକା ଝିଅକୁ ପିଇବା ପାଇଁ ପାଣି ମାଗିଥିଲେ। ପାଣି ପିଇବା ପରେ ନିଜ ଧାନଚାଷ ଜମିକୁ ଆସି ପୁଣି କାମ କରିବା ସହ ପରେ ଘରକୁ ଫେରିଥିଲେ । ମାତ୍ର ଆସିଥିଲା ଗୁରୁତର ଅଭିଯୋଗ ! ଘରେ କେହି ନଥିବା ବେଳେ ନାବାଳିକା ଝିଅକୁ ଟଣା ଓଟରା କରିଥିବା ଅଭିଯୋଗ। ବସିଲା କଙ୍ଗାରୁ କୋର୍ଟ । ଏହି କୋର୍ଟରେ ପୁର୍ବ ଯୋଜନା ମୁତାବକ ବାଣ୍ଟିଆକୁ ଖୁ ରେ ବାନ୍ଧି ନିସ୍ଥୁକ ମାଡ ମାରିବା ପରେ ଟଣା ଓଟରା ଅଭିଯୋଗରେ ଏକଲକ୍ଷ ଟଙ୍କା ଜୋରିମାନା କରାଯାଇଛି । ସୂଚନା ଦିଆଯାଇପାରେ, ବାଣ୍ଟିଆର ମାଆଙ୍କ ଦେହାନ୍ତ ହେବାର ୪ଦିନ ହୋଇଥିଲେହେଁ ଏପରି ମାନସିକତା ଅଥବା ଏପ୍ରକାରର ଅଭିଯୋଗର କେତେ ପରିମାଣରେ ସତ୍ୟତା ରହିଛି ତାହା ତଦନ୍ତ ସାପେକ୍ଷ । ଅପରପକ୍ଷରେ ଏହି ଘଟଣା ପରେ ପିଡୀତା ଜଣକ ଆଇନର ଦ୍ୱାରସ୍ଥ ନହୋଇ କଙ୍ଗାରୁ କୋର୍ଟ ବସିଥିଲା କାହିଁକି ? ନା ପ୍ରଚ୍ଛଦପଟରେ ପଟରେ ରହିଛି ଆକ୍ରୋଶମୁଳକ ମନୋଭାବ । ମହିଳା ସୁରକ୍ଷା ଆଇନ ଓ ମାନବାଧିକାର ଆଇନର ଉଲଂଘନ କରିଛି କିଏ ? ଏନେଇ ଏବେ ଖବର ପାଇବା ପରେ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ତନାଘନା ଚାଲିଥିବା ଜାଣିବାକୁ ମିଳିଛି ।

# ଚୌଦ୍ୱାରରେ ହେବ ବୈଷୟିକ କ୍ଲଷ୍ଟର ପାଇଁ ସାଧାରଣ ସୁବିଧା କେନ୍ଦ୍ର

ଭୁବନେଶ୍ୱର,୩୦।୮ (ନି.ପ୍ର): ଚୌଦ୍ୱାର ନିକଟସ୍ଥ ଇନ୍ଦ୍ରାଣୀପାଟଣାଠାରେ କଟକ-ଭୁବନେଶ୍ୱର ଇଂଜିନିୟରିଂ କ୍ଲଷ୍ଟର ନିମନ୍ତେ ଇଡ୍‌କୋ ଦ୍ୱାରା ପ୍ରଦତ ୪୦ ହଜାର ବର୍ଗମିଟର ଜମି ଉପରେ ଏକ ସାଧାରଣ ସୁବିଧା କେନ୍ଦ୍ର ସ୍ଥାପନ କରିବାକୁ ପ୍ରସ୍ତାବ ରହିଛି। ଫଳରେ କଟକ ଓ ଆଖପାଖ ଅଂଚଳର ୮୮ଗୋଟି ଅଣୁ ଓ କ୍ଷୁଦ୍ର ଉଦ୍ୟୋଗ ଉନ୍ନତ ଗୁଣବତା ସାମଗ୍ରୀ ଉତ୍ପାଦନ, ଉତ୍ପାଦିତ ଯନ୍ତ୍ରାଂଶ ମୂଲ୍ୟଯୁକ୍ତ ଓ ଦକ୍ଷତା ବିକାଶ ଆଦି କାର୍ଯ୍ୟ କରିବାରେ ଫାଇଦା ଉଠାଇ ପାରିବେ । ଏହି ପ୍ରକଳ୍ପ ପାଇଁ ସମୁଦାୟ ୩୧.୮୦ କୋଟି ବ୍ୟୟ ଅଟକଳ ଥିବାବେଳେ ଭାରତ ସରକାର ଏଥି ପାଇଁ ୧୮ କୋଟି ଟଙ୍କା ଏବଂ ଓଡ଼ିଶା ସରକାର ୭.୧୯ କୋଟି ଟଙ୍କା ପ୍ରଦାନ କରିବେ। ଏତଦ୍ ବ୍ୟତୀତ ସ୍ୱତନ୍ତ୍ର ଅଭିଯାନର ୫.୩୧ କୋଟି ଟଙ୍କା ଅନୁଦାନ ଏବଂ ବ୍ୟାଙ୍କ ଋଣ ଭାବେ ୧.୩୦ କୋଟି ଟଙ୍କା ଆହରଣ କରାଯିବ। ରାଜ୍ୟ ସରକାର ଏହି ପ୍ରକଳ୍ପକୁ ଅନୁମୋଦନ କରିବା ପରେ ନୂଆଦିଲ୍ଲୀର ବୈଷୟିକ ଆର୍ଥିକ ମୂଲ୍ୟାଙ୍କନ କମିଟିର ସୁପାରିଶ ନିମନ୍ତେ ପ୍ରେରଣ କରିବା ପାଇଁ ଅଧକ୍ଷ ସମ୍ମତି ପ୍ରଦାନ କରିଛନ୍ତି। ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁଙ୍କ ଅଧକ୍ଷତାରେ ଆୟୋଜିତ ଏହି ଦ୍ୱିତୀୟ ଭର୍ଚୁଆଲ୍ ରାଜ୍ୟସ୍ତରୀୟ ଷ୍ଟିୟରିଂ କମିଟି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ଅତିରିକ୍ତ ସଚିବ ଶ୍ରୀ ଉଦୟ ନାରାୟଣ ଦାସ, ଯୋଜନା ଓ ସଂଯୋଜନ ବିଭାଗର ଅତିରିକ୍ତ ସଚିବ ଶ୍ରୀ ଡି.କେ. ଜେନା, ଅର୍ଥ ବିଭାଗର ଅତିରିକ୍ତ ସଚିବ ଶ୍ରମତୀ ସ୍ମିତା ରାଉତ, ଶିଳ୍ପ ନିର୍ଦ୍ଦେଶକ ଶ୍ରୀ ଜି. ରେଘୁ, ଭାରତ ସରକାରଙ୍କ ଏମ୍ଏସ୍ଏମ୍‌ଇଡିଆଇର ଭାରପ୍ରାପ୍ତ ନିର୍ଦ୍ଦେଶକ ଡ. ଡି.କେ. ସାହୁ ସାଧାରଣ ପରିଚାଳକ, ଜିଲ୍ଲା ଶିଳ୍ପ କେନ୍ଦ୍ର, କଟକ ଶ୍ରୀ ପ୍ରଭାକର ରାଓ, ପରିଚାଳନା ନିର୍ଦ୍ଦେଶକ ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମ ଶ୍ରୀ ପ୍ରଦୀପ୍ତ ସାହାଣୀ, ଏମ୍‌ଡି ଓଏଏସ୍ଏମ୍‌ଇ ଶ୍ରୀ ସ୍ୱାତ୍ୱିକ ସ୍ୱାଇଁ ଏବଂ ସହକାରୀ ନିର୍ଦ୍ଦେଶକ ଏବଂ ଏମ୍ଏସ୍ଏମ୍ ଇଡିଆଇ, କଟକ ଶ୍ରୀ ଦାମୋଦର ବେହେରା ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# ବନ୍ୟା ଦୃଷ୍ଟିରୁ ଅଧିକ ପ୍ରସ୍ତୁତ ଓ ସତର୍କ ରହିବାକୁ ଜନସାଧାରଣଙ୍କୁ ଅନୁରୋଧ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

## ସାହାଯ୍ୟ ଓ ଉଦ୍ଧାର କାର୍ଯ୍ୟରେ ଆଗେଇ ଆସିବାକୁ ଦଳର କାର୍ଯ୍ୟକର୍ତ୍ତାଙ୍କୁ ଆହ୍ୱାନ

ଭୁବନେଶ୍ୱର,୩୦।୮ (ନି.ପ୍ର): ରାଜ୍ୟରେ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତି ପରିପ୍ରେକ୍ଷୀରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟ୍ୱିଟ୍ କରି ଜନସାଧାରଣଙ୍କୁ ଆହୁରି ଅଧିକ ପ୍ରସ୍ତୁତ ଓ ସତର୍କ ରହିବାକୁ ଅନୁରୋଧ କରିଛନ୍ତି । ସେହିପରି ଦଳର ଅଧିକରୁ ଅଧିକ କାର୍ଯ୍ୟକର୍ତା ଏହି କାମରେ ସହଯୋଗୀ ହୋଇ ଲୋକମାନଙ୍କୁ ସାହାଯ୍ୟ ଓ ଉଦ୍ଧାର କାର୍ଯ୍ୟରେ ଆଗେଇ ଆସିବାକୁ ଶ୍ରୀ ପ୍ରଧାନ ଅନୁରୋଧ କରିଛନ୍ତି । ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି ଯେ ବିଗତ କିଛି ଦିନର ଲଗାଣ ବର୍ଷା ଯୋଗୁଁ ରାଜ୍ୟରେ ପ୍ରବାହିତ ନଦୀ ଗୁଡ଼ିକର ଜଳସ୍ତର ବଢ଼ିବା ସହ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ହୀରାକୁଦ ଉପର ମୁଣ୍ଡରେ ବର୍ଷାର ପୂର୍ବାନୁମାନ ଥିବାରୁ ବନ୍ୟା ସମ୍ଭାବନା ଦୃଷ୍ଟିରୁ ଆହୁରି ଅଧିକ ପ୍ରସ୍ତୁତ ଓ ସତର୍କରହିବା ନିତାନ୍ତ ଆବଶ୍ୟକ। ସମ୍ଭାବ୍ୟ ବନ୍ୟା ପରିସ୍ଥିତିରେ ଆପଣମାନେ ସତର୍କ ଥିବେ, ମାତ୍ର ପୂର୍ବାପେକ୍ଷା ଅଧିକ ସତର୍କ ରହିବାକୁ ଅନୁରୋଧ । ଏଭଳି ପରିସ୍ଥିତିରେ ଆମ ଦଳର କାର୍ଯ୍ୟକର୍ତାମାନେ ବନ୍ୟା ପ୍ରପୀଡ଼ିତ ଲୋକଙ୍କୁ ସାହାଯ୍ୟ କରିବା କାମରେ ଲାଗିଛନ୍ତି । ଅଧିକରୁ ଅଧିକ କାର୍ଯ୍ୟକର୍ତା ଏହି କାମରେ ସହଯୋଗୀ ହୋଇ ଲୋକମାନଙ୍କୁ ସାହାଯ୍ୟ ଓ ଉଦ୍ଧାର କାର୍ଯ୍ୟରେ ଆଗେଇ ଆସିବାକୁ ଅନୁରୋଧ କରୁଛି ବୋଲି ଶ୍ରୀ ପ୍ରଧାନ ଟ୍ୱିଟ୍ କରି କହିଛନ୍ତି ।

# ଉତ୍ତର ବାଲେଶ୍ୱର ସାମ୍ବାଦିକ ସଂଘର ବୈଠକ ଓ କରୋନା ଯୋଦ୍ଧାଙ୍କୁ ସମ୍ବର୍ଦ୍ଧନା

ଜଳେଶ୍ୱର,୩୦।୮ (ନି.ପ୍ର): ଉତ୍ତର ବାଲେଶ୍ୱରର ଜଳେଶ୍ୱର, ଭୋଗରାଇ, ବାଲିଆପାଳ, ବସ୍ତା ଅଂଚଳରେ ଥିବା ସାମ୍ବାଦିକ ମାନଙ୍କୁ ନେଇ ଗଠିତ ହୋଇଥିବା ଉତ୍ତର ବାଲେଶ୍ୱର ସାମ୍ବାଦିକ ସଂଘର ଏକ ବୈଠକ ଡେମୁରିଆଠାରେ ଅନୁଷ୍ଠିତ ହୋଇଛି । ପ୍ରତିଷ୍ଠାତା ସଂପାଦକ ଆଇନ୍‌ଜିବୀ ପତିତପାବନ ପ୍ରଧାନଙ୍କ ପୌରହିତ୍ୱରେ ଏ ଅଂଚଳର ସାମ୍ବାଦିକ ମାନଙ୍କ ଦୂରାବସ୍ଥା ଓ ସେମାନଙ୍କୁ ସହଯୋଗ କରି ସମ୍ବାଦ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବାଲାଗି ଆହ୍ୱାନ ଦିଆଯାଇଥିଲା । ଏଥିରେ ଦିଲ୍ଲିପ କୁମାର ଦାସ, ମନୋଜ କୁମାର ଭୂଆଁ, ଅରୁଣ ଜେନା, ଘନଶ୍ୟାମ ଗିରି, ପ୍ରତିଷ୍ଠାତା ସଭାପତି ଅବନୀ ଚାନ୍ଦ, ଦୀନବଂଧୁ ବେହେରା, ସରିତ ସପନ ପଣ୍ଡା, ସୁଶାନ୍ତ କୁମାର ଦାସ, ସୁବାଶ ଦାସ, ନରନାରାୟଣ ମିଶ୍ର, ବିଶ୍ୱମ୍ବର ଦାସ, ଅମର ମହାନ୍ତି, ମୃତ୍ୟୁଞ୍ଜୟ ଦାସ ପ୍ରମୁଖ ସାମ୍ବାଦିକ, ଅଙ୍ଗନୱାଡି କର୍ମୀ କାଞ୍ଚନ ନନ୍ଦି, ସବିତା ଗିରି, ଆଶା କର୍ମୀ ଛବିରାଣୀ ସାମଲ ପ୍ରମୁଖ ବକ୍ତବ୍ୟ ରଖି ଆର୍ଥୀକ ଅନୁଦାନ ବଡ ନୁହେଁ ବରଂ ସେବା ମନବୃତ୍ତିନେଇ କମା କଲେ ସମାଜର ପ୍ରଗତି ସମ୍ଭବ ବୋଲି କହିଥିଲେ। ଶେଷରେ ୪ଟି ବ୍ଲକରୁ ଆସିଥିବା ପ୍ରତ୍ୟେକ ସାମ୍ବାଦିକ, କେତେକ ଅଙ୍ଗନଓ୍ବାଡି କର୍ମୀ, ଆଶା କର୍ମୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଆଗାମୀ ଦିନରେ ଏହି ସଂଘକୁ ଦୃଢ ବଳିଷ୍ଠ କରିବାକୁ ସାମ୍ବାଦିକ ମାନେ ପରାମର୍ଶ ଦେଇଥିଲେ ।

# ଶ୍ରୀମନ୍ଦିରରେ ବାମନ ଜନ୍ମ ନୀତି ଅନୁଷ୍ଠିତ

ପୁରୀ,୩୦।୮ (ନି.ପ୍ର): ଆଜି ଭ୍ରାଦବ ଶୁକ୍ଳ ଦ୍ୱାଦଶୀ ତିଥି ରେ ଶ୍ରୀମନ୍ଦିର ରେ ବାମନ ଜନ୍ମ ନୀତି ପାଳିତ ହୋଇଥିଲା। ଏଥିପାଇଁ ଶନିବାର ଶ୍ରୀମନ୍ଦିର ରେ ସକାଳ ଧୂପ ସରିବା ପରେ ମହାପ୍ରଭୁ ଙ୍କ ସର୍ବାଙ୍ଗ ମହାସ୍ନାନ ହୋଇ କର୍ପୂର ଲାଗି ବେଶ ବଢିବା ପରେ ମଧାହ୍ନ ଧୂପ ଉଠିଥିଲା। ପରେ ତିନି ବାଡ ରେ ବନ୍ଦାପନା ପରେ କଳସ ଓ ବରୁଣ ପୁଜା କରାଯାଇଥିଲା। ଦକ୍ଷିଣ ଘର ଭୋଗ ସରିବା ପରେ ମହାଜନ ସେବକ ମାନେ ଶ୍ରୀକୃଷ୍ଣ ଙ୍କୁ ରତ୍ନ ସିଂହାସନ ରେ ବିଜେ କରାଇବା ପରେ ମୁଦିରସ୍ତ ଶ୍ରୀଅଙ୍ଗ ରେ ଧଣ୍ଡିପ୍ରସାଦ ଲାଗି କରିଥିଲେ। ପରେ ସର୍ବୋତ୍ର ଭଦ୍ରମଣ୍ଡଳ ରେ ସୁବର୍ଣ୍ଣ ର ବାମନ ପ୍ରତିମା କୁ ବିଜେ କରାଯାଇଥିଲା। ଏଠାରେ ଗର୍ଭୋଦିକ ଓ ଜନ୍ମନୀତି ସଂପାଦନା କରାଯାଇଥିଲା। ଏହା ପରେ ଖୀର, ଲହୁଣୀ,କୋରା,ମଣୋହି ,ପ୍ରସାଦ ଲାଗି । ଭଣ୍ଡାର ଘରୁ ପତିମହାପାତ୍ର ଙ୍କ ହସ୍ତରେ ଶ୍ରୀଦୁର୍ଗାଦେବୀ ଙ୍କ ବିଜେ, ବସୁନ୍ଧରା ଯଜ୍ଞୋପବିତ୍ରା, ଶୀତଳ ଭୋଗ, ପନ୍ତି ଦୁଧ ମଣୋହି ପ୍ରସାଦ ଲାଗି ଓ ବନ୍ଦାପନା ଆଦି ନୀତି ମାନ ଅନୁଷ୍ଠିତ ହୋଇଥିଲା। ସଂନ୍ଧ୍ୟା ଧୂପ ପରେ ଇନ୍ଦ୍ର ଧ୍ୱଜ ପୁଜା କରାଯାଇଥିଲା। ଏଥିପାଇଁ ବାଉଁଶ ରେ ସପ୍ତମେଘ ପ୍ରସ୍ତୁତ କରାଯାଇ ଯୋଡା ଯାଇଥିଲା। ପରେ ରୋଷ ରୁ ଦୁଇ ଓଳି ଅନ୍ନପନ୍ତି ରେ ବଢାଯିବା ପରେ ପୁଜାପଣ୍ଡା ପଂଚଉପଚାରରେ ଭୋଗ କରିଥିଲେ। ସୂଚନା ଯୋଗ୍ୟ ବର୍ଷକରେ କେବଳ ଏହି ଦିନ ସଂଖୁଡି ଭୋଗ ରୋଷ ଘରୁ ବାହାରକୁ ଆସିଥାଏ। ଭୋଗ ସରିବା ପରେ ଠାକୁରଙ୍କୁ ବନ୍ଦାପନା କରାଯାଇଥିଲା। ଏହାକୁ ଇନ୍ଦ୍ରଧ୍ୱଜ ପୁଜା ବା ଇନ୍ଦ୍ରଧ୍ୱଜ ବନ୍ଦାପନା କୁହାଯାଏ। ପରମ୍ପରା ଅନୁଯାୟୀ ପୂର୍ଣ୍ଣମୀ ପର୍ଯ୍ୟନ୍ତ ଏହି ସପ୍ତମେଘ ବନ୍ଧା ହୋଇ ରହିଥାଏ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ବନ୍ୟା ମୁକାବିଲାରେ ଗୁରୁତ୍ୱ ଦିଆଯାଉ...

ମହାନଦୀ ପ୍ରଣାଳୀରେ ଚଳିତବର୍ଷର ପ୍ରଥମ ବନ୍ୟା ଆସିଛି ଏବଂ ଏହା ମଧ୍ୟମ ଧରଣର ବୋଲି ଜଳସଂପଦ ବିଭାଗ ପକ୍ଷରୁ କୁହାଯାଇଛି । ବେଶ୍ କିଛିକାଳ ଶୁଷ୍କ ପ୍ରବାହ ପରେ ଲଗାଣ ବର୍ଷା ଯୋଗୁଁ କେନ୍ଦ୍ରୀୟ ଓ ଉତ୍ତର ଓଡ଼ିଶାରେ ପ୍ରଥମ ବଢ଼ି ଆସିଛି । ମହାନଦୀକୁ ଛାଡ଼ିଦେଲେ ବ୍ରାହ୍ମଣୀ, ବୈତରଣୀ, ସୁବର୍ଣ୍ଣରେଖା ଆଦି ବନ୍ୟାପ୍ରବଣ ନଦୀଗୁଡ଼ିକର ସ୍ଥିତି ଏବେ ଏତେ ଚିନ୍ତାଜନକ ନାହିଁ । ଏହି ସବୁ ନଦୀରେ ବଢ଼ି ଏଥର ବିଶେଷ ବଡ଼ କ୍ଷତିକାରକ ହୋଇନାହିଁ । ମାଲକାନଗିରିକୁ ଛାଡ଼ିଦେଲେ ଦକ୍ଷିଣ ଓଡ଼ିଶାରେ ବନ୍ୟାସ୍ଥିତି ପ୍ରାୟ ନାହିଁ ।

ମହାନଦୀ ପ୍ରଣାଳୀରେ ତ୍ରିକୋଣଭୂମି ଅଞ୍ଚଳରେ ୧୬ ଲକ୍ଷ କ୍ୟୁସେକ୍ ବନ୍ୟାଜଳ ନିରାପଦରେ ପ୍ରବାହିତ ହୋଇପାରିବ ବୋଲି ସରକାର କହୁଛନ୍ତି । ତେବେ ବିଗତ କେତେବର୍ଷର ଅଭିଜ୍ଞତା କହୁଛି ଯେ ନରାଜ ଓ ମୁଣ୍ଡଳୀ ପାଖରେ ତ୍ରିକୋଣଭୂମିକୁ ୧୦ଲକ୍ଷ କ୍ୟୁସେକ୍ ଜଳ ପ୍ରବାହିତ ହେଲେ ତଳମୁଣ୍ଡ ବିଶେଷକରି କଟକ,

> ଏ ବର୍ଷ କରୋନା ମହାମାରୀ ଯୋଗୁଁ ନଦୀବନ୍ଧ ଗୁଡ଼ିକର ମରାମତି ଓ ରକ୍ଷଣାବେକ୍ଷଣ ଠିକ୍ ଭାବେ ହୋଇନାହିଁ । ତେଣୁ ଘାଇ ସୃଷ୍ଟି ହୋଇ ବନ୍ୟା ବିପତ୍ତି ଗୁରୁତର ହେବାର ଆଶଙ୍କା ରହିଛି । ଏହାକୁ ମଧ୍ୟମ ବନ୍ୟା କହି ହାଲୁକା ଭାବେ ନେବା ଅନୁଚିତ । ମହାମାରୀ ଭଳି ଏକ ଅସୁବିଧା ସମୟରେ ସରକାର କିପରି ଏହି ସମ୍ଭାବ୍ୟ ବିପତ୍ତିର ମୁକାବିଲା କରିବେ ତାହା କହିବା ସହଜ ନୁହେଁ ।

ଜଗତସିଂହପୁର, ପୁରୀ, ଖୋରଧା, ଯାଜପୁର ଓ କେନ୍ଦ୍ରାପଡ଼ାର ତଳିଆ ଇଲାକାରେ ମଧ୍ୟମଠାରୁ ଆହୁରି ବଡ଼ ବନ୍ୟା ଆସି ବନ୍ଧବାଡ଼ ଓ ଘରଦ୍ୱାର ଭାଙ୍ଗୁଛି । ନଦୀଶଯ୍ୟା ପୋତିହେବା ସହିତ ଜଳ ନିଷ୍କାସନ ପଥ ସଂକୁଚିତ ହେଉଥିବାରୁ ତଳମୁଣ୍ଡରେ ବନ୍ୟା ବିପତ୍ତି ଜଟିଳ ହେଉଛି । ନଈ ବଢ଼ୁ ଓ ସେ ପାଣି ନଈରେ ଯାଉ ଏହା ସମସ୍ତେ ଚାହାନ୍ତି । ହେଲେ ତାହା ସର୍ବଦା ହୁଏନାହିଁ ।

ଏ ବର୍ଷ କରୋନା ମହାମାରୀ ଯୋଗୁଁ ନଦୀବନ୍ଧ ଗୁଡ଼ିକର ମରାମତି ଓ ରକ୍ଷଣାବେକ୍ଷଣ ଠିକ୍ ଭାବେ ହୋଇନାହିଁ । ତେଣୁ ଘାଇ ସୃଷ୍ଟି ହୋଇ ବନ୍ୟା ବିପତ୍ତି ଗୁରୁତର ହେବାର ଆଶଙ୍କା ରହିଛି । ଏହାକୁ ମଧ୍ୟମ ବନ୍ୟା କହି ହାଲୁକା ଭାବେ ନେବା ଅନୁଚିତ । ମହାମାରୀ ଭଳି ଏକ ଅସୁବିଧା ସମୟରେ ସରକାର କିପରି ଏହି ସମ୍ଭାବ୍ୟ ବିପତ୍ତିର ମୁକାବିଲା କରିବେ ତାହା କହିବା ସହଜ ନୁହେଁ । ଏବେ ଧୋୟା ଅଞ୍ଚଳର ବନ୍ୟାସ୍ଥିତିକୁ ଗଣମାଧ୍ୟମ ଅଧିକ ଦେଖାଉଛନ୍ତି । ଧୋୟା ଅଞ୍ଚଳରେ ବେଙ୍ଗ ମୂତିରେ ପାଣି ହୁଏ । ସଡ଼କ, ରାସ୍ତା ବୁଡ଼େ, ଛୋଟମୋଟ ଘାଇ ହୋଇ ଯୋଗାଯୋଗ ବିଚ୍ଛିନ୍ନ ହୋଇଥାଏ । ଏସବୁ ଧୋୟାବାସୀଙ୍କ ପାଇଁ ଏକ ଋତୁକାଳୀନ ଘଟଣା । ତେଣୁ ସେହି ଅଞ୍ଚଳର ଲୋକଙ୍କ ସୁବିଧା ସୁଯୋଗ ଓ ଜରୁରୀ ଆବଶ୍ୟକତା ପୂରଣ ପାଇଁ ଜିଲ୍ଲା ପ୍ରଶାସନ ଏବଂ କର୍ତ୍ତୃପକ୍ଷ ତତ୍ପର ହେବାର ଆବଶ୍ୟକତା ରହିଛି । ଛୋଟ ହେଉ ବା ବଡ଼, ବନ୍ୟା ପ୍ରସ୍ତୁତି ଓ ଏହାର ମୁକାବିଲାରେ ଢିଲା ଦେଇ ହେବ ନାହିଁ ।

ବଢ଼ି ଭଳି ବିପତ୍ତି ବେଳେ ସରକାର ପରିସ୍ଥିତି ମୁକାବିଲା କରିବାକୁ ଯାହା ସବୁ ଘୋଷଣା ଓ ପ୍ରଚାର କରନ୍ତି ତାହାର ଚାରଣା, କାର୍ଯ୍ୟକାରୀ ହୁଏନା । ବହୁ ବିଳମ୍ବରେ ପୀଡ଼ିତଙ୍କ ପାଖରେ ରିଲିଫ ପହଞ୍ଚେ, ଆଗୁଆ ପ୍ରସ୍ତୁତ କଲେ କ୍ଷତିଗ୍ରସ୍ତ ଲୋକେ ଉପକୃତ ହେବା ସହ ସେମାନଙ୍କ ଦୁଃଖ ଲାଘବ ହେବ ।




## ସୌନ୍ଦର୍ଯ୍ୟର ବର୍ଷା ରାଣୀ..

**ସ୍ୱର୍ଣ୍ଣଲତା ସେନାପତି**

ଏକ ବର୍ଷେ ଆସଇ ଯାଇ ଛ'ଋତୁ ବାର ମାସ
ପଢ଼ିଚେ ଶ୍ରେଣୀ ବହି ଖାତାରେ
ଛ' ଋତୁରୁ ତିନି ଋତୁ ଗଲେଣି କୁଆଡ଼େ... ॥

ଶରତ ହେମନ୍ତ ଓ ବସନ୍ତ ଗଲେ ହଜି
କେବେ ଆସନ୍ତି କେବେ ଯାଆନ୍ତି
ଅନୁଭବ କରିପାରୁନେ ଖୋଜି... ॥

ଗ୍ରୀଷ୍ମ ବର୍ଷା ଓ ଶୀତ ଆଡକୁ
ଜଣାପଡୁଅଛି ଆପେ ମନକୁ ।
ଆସେ ଋତୁମାନଙ୍କର ରାଣୀ
ହସୁଥାଏ ସାରା ଦୁନିଆ ହସେ ଆମ ଧରଣୀ
ତା ପାଣି ସଭିଙ୍କ ମନ ନିଏ ଟାଣୀ... ॥

ସୌନ୍ଦର୍ଯ୍ୟର ବର୍ଷାରାଣୀ ଆକାଶ ଘୋଡ଼ି ମେଘ
ଓଢ଼ଣୀ
ମନ ପ୍ରାଣ ସବୁ ଭିଜାଇ ଦେଇ,
କୁହଇ ଆଷାଢ଼ ଶ୍ରାବଣେ ତାର ପ୍ରେମ
କାହାଣୀ... ॥

ନ ଥାଏ ବର୍ଷିବାର ଠିକଣା ବି ପରଆପଣା
କୃଷକ ଯାଏ ତାର କ୍ଷେତକୁ ବାହାରି
ପରଶେ ଶସ୍ୟ ଶ୍ୟାମଳା ବନ ଗିରି... ॥

ଉଠଇ ପୂରି ନଈ ନାଳ ପୁଷ୍କରଣୀ
କମଳ କଇଁ ହୁଅନ୍ତି ଫୁଲେଇ
ଧୀର ମୃଦୁ ପବନେ ଡେଣା ମେଲାଇ... ॥

ମୌସୁମୀ ସାଥେ କମ୍ପେ ମେଦିନୀ ମଣ୍ଡୁକ ସ୍ୱରେ
ଶିଶୁ ଭସାଇ ମନ ଉଲ୍ଲାସେ କାଗଜ ଡଙ୍ଗା ଧରି
ଶୀତୁଆ ସକାଳେ ସାଧବ ବୋହୂ ବୁଲନ୍ତି
ବାହାରି... ॥

ପଚାରେ ଠିକ୍ ଠିକ୍ କରି
ପ୍ରଶ୍ନ ମନେ ଅଂଶୁମାରୀ...
ସତେ କଣ, ଏ ସୌନ୍ଦର୍ଯ୍ୟର ବର୍ଷାରାଣୀ ?

ଯେଉଁଠି ତାର ଅଦିନିଆ ଘନୀଘୂତ ମେଘ
ଆଚ୍ଛାଦରେ
ଝରିଯାଏ ଅବିଶାନ୍ତ ଢେଉ ଝରଣାରେ
ଅମାନିଆ ତାର କରାଳ ରୂପ ଦେଖାଇ
ଅନେକ ଧନ ଜୀବନର ଦୁର୍ଦ୍ଦଶା ଘଟାଇ... ॥

+ ଭୁବନେଶ୍ୱର
ମୋ:୮୯୧୭୬୪୨୬୮୯

# ଚୀନା ମାଉସୀ ଘର

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**



> ସେ ଦେଶ ଖାଦ୍ୟ ହିମାଳୟ ଡେଇଁ ଆମ ଦେଶରେ ବି ବିଭିନ୍ନ ରେଷ୍ଟୁରାଣ୍ଟରେ ହୋଟେଲରେ ବିକ୍ରୟ ଉପଲବ୍ଧ। ତେବେ ସମ୍ପୂର୍ଣ୍ଣ ଖାଦ୍ୟର ମେନୁ ଏ ପର୍ଯ୍ୟନ୍ତ ଆଣିବାକୁ ଏ ଦେଶରେ କେହି ଆଗ୍ରହୀ ହୋଇ ନାହାନ୍ତି। ଚାଉମିନ୍ ପରି କେତୋଟି ଖାଦ୍ୟ ଏ ଦେଶରେ ଲୋକଙ୍କୁ ଆପ୍ୟାୟିତ କରୁଛି। ଆଉ ଓଡ଼ିଶାରେ ବି ଏହା ଆଦର ବଢ଼ିଛି ଆମ ଓଡ଼ିଆ ଲୋକେ ଛୁଞ୍ଚିପତ୍ର, ଏଣ୍ଡୁରୀ, ଚକୁଳି, ଚିତଉ, ମଣ୍ଡା, କାକରା, ଆରିସା, ଫେଣା, ପୋଡ଼ପିଠା, ସୁଆଁପିଠା ପରି ପିଠା ଓ ଛେନା (ଦହି)ର ଗୁଡ଼, ପାଚିଲା କଦଳୀର ମିଶ୍ରଣ ଚକଟା ଯାହା ପଣା ଏହାକୁ ଚାହୁଁ ନାହାନ୍ତି।

ମାଆର ଭଉଣୀ ମାଉସୀ ସେ ବଡ଼ ଭଉଣୀ ହେଉଥାନ୍ତୁ ବା ସାନଭଉଣୀ ହୋଇଥାନ୍ତୁ। ଭାରତ ମାଟି ଆମ ମାତୃଭୂମି 'ମା' ଚୀନ ଦେଶ ମାତୃଭୂମିର ଉତ୍ତର ପଟର ଦଶ ଯେ ଯୁକ୍ତିରେ ମାଉସୀ ଘର। ମନୁଷ୍ୟର ଆନନ୍ଦ ପରିସରରେ ମାମୁଁଘର ମାଉସୀଘର, ଶ୍ୱଶୁର ଘର ଏକ ଏକ ଘର ଆସେ। ସବୁଦିନ ନୁହଁ କିଛିଦିନ ରହଣୀ ନିଶ୍ଚୟ ସୁଖ ଆନନ୍ଦ ଅନୁଭବ ହୁଏ। ଚୀନ ଦେଶ ଲୋକ ଭାରତ ଆସନ୍ତୁ ବା ଭାରତ ଦେଶର ଲୋକ ଚୀନ ଯାଆନ୍ତୁ ନିଷ୍ଠେ ବାଟଖର୍ଚ୍ଚ କରିବି ଦୁଃଖ ପାଆନ୍ତି ନାହିଁ କିଏ ବାଣିଜ୍ୟ ପାଇଁ କିଏ ବିଦ୍ୟା ପାଇଁ କିଏ ଭ୍ରମଣ ପାଇଁ କିଏ ବା ଚାକିରୀ ଉଦ୍ଦେଶ୍ୟ ସଫଳ ଯାତ୍ରା କରିଥାନ୍ତି। ହିମାଳୟ ଛେଦକ ଭାରତ-ଚୀନ ମଧରେ ରହିଛି ଆଉ କିଛି ଅନ୍ୟ ଭୂମି ବିଚ୍ଛେଦକ ଅଛି। ହିମାଳୟର ତୁଙ୍ଗ ଶୀର୍ଷ ଭାରତର ଉତ୍ତରରେ, ଚୀନର ଦକ୍ଷିଣରେ ରହିଛି। ଉଚ୍ଚଭୂମି ଦକ୍ଷିଣରେ ରହିଲେ ଉତ୍ତମ, ଉତ୍ତରରେ ରହିଲେ କୁବେର ପଥରଦ୍ଧ ପରିଶ୍ରମର ଦିଗ ଲୋକଙ୍କୁ ଦେଖାଯାଏନାହିଁ। ପରଧନ ଓ ଋଣ ଦର୍ଶନକୁ ଆସେ ଯମଦିଗରୁ ଚାପ ପଡ଼ିବାରୁ ଅନେକ ନିୟମ ଦକ୍ଷିଣ ଦେଶରେ ଲାଗେ, ହେଲେ ଦକ୍ଷିଣ ନୀଚ ନହୋଇ ଉଚ୍ଚ ହେଲେ ଯମ ନିୟମକୁ ସ୍ଥିର ରଖି ଅଧିକ ପରିଶ୍ରମ ଓ ବୁଦ୍ଧି ପ୍ରୟୋଗରେ ସୃଜନୀ ଶକ୍ତି ଲଗାଇ କୁବେର ଭଣ୍ଡାର ପାଇବା ସମ୍ଭବ ହୁଏ। ଚୀନରେ ଏହି ନିୟମ କାମ କରୁଛି। ଦକ୍ଷିଣ ଦିଗର ମାଲିକ ଗ୍ରହ ମଙ୍ଗଳ, ଓ ଦେବତା ଯମ ଉତ୍ତର ଦିଗର ମାଲିକ କୁବେର ଓ ଗ୍ରହ ବୁଧ। କୌଣସି ଜମିଦାର ପୂର୍ବକୁ ମାଡିଲେ ଉତ୍ତରକୁ ମାଡ଼ି ଜମି କ୍ରୟ ବା ଦଖଲ କଲେ ଜମିଦାର ଶାନ୍ତିରେ ରହିପାରନ୍ତି ମାତ୍ର ଓଲଟ ପର୍ଶ୍ଚିମ-ଦକ୍ଷିଣକୁ ଦଖଲ କଲେ ସର୍ବଦା ଦ୍ୱନ୍ଦ ଶିବିର ଯୁଦ୍ଧ ମତଭେଦ ପରନିନ୍ଦା ଓ ସ୍ୱବଳ ନାଶ ହୋଇଥାଏ। ଚୀନ ଦେଶ ଭାରତପଟ ଯାହା ଦକ୍ଷିଣ ପର୍ଶ୍ଚିମପଟ ଯାହା ତିବତ ଭୂମି ଲାଳସାରେ ଦଖଲଦାର। ଏପରିକି ନୈରତ ଦକ୍ଷିଣ ପର୍ଶ୍ଚିମ ଦିଗ ସମ୍ପର୍କ ଭାରତର ଅଂଶ ଦଖଲର ଯୋଜନାକାରୀ ନୈରତରେ ରାସ୍ତା କରି ପାକିସ୍ଥାନର କରାଚୀ ବନ୍ଦର ଯାଏ ଗମନାଗମନ ବାଣିଜ୍ୟିକ ପଥ କରୁଛନ୍ତି। ଏଥିରେ ପାକିସ୍ଥାନର ଈଶାନ ରାସ୍ତା ପାକିସ୍ଥାନର ମଙ୍ଗଳ ବା ଉନ୍ମୁକ୍ତ ହୋଇପାରେ ମାତ୍ର ଚୀନର ଯେ କ୍ଷତି ବଡ଼ ଧରଣର ହେବ ଏକଥା ଜଣାପଡୁଛି। ଇଲେକ୍ଟ୍ରନିକ ଯନ୍ତ୍ରଯନ୍ତ୍ରାଂଶ ବ୍ୟାଟ୍ରୀ ଆଦି ଚୀନର ବିଶେଷ ବାଣିଜିକ ଦ୍ରବ୍ୟ ବର୍ତ୍ତମାନ ବିଶ୍ୱ ବଜାରରେ ଆଦୃତ ଚୀନା ଟେକ୍ନୋଲୋଜିରେ ବହୁ ପ୍ରକାରରେ ଯୋଜନା, କଳକାରଖାନା ଭାରତ ପରି ବହୁ ଦେଶରେ ଚାଲୁଛି। ଏଥିପାଇଁ ସେ ଦେଶର ଆୟ ନିଷ୍ଠେ ବୃଦ୍ଧି ହୋଇଚାଲିଛି। ହେଲେ ଜନସଂଖ୍ୟା ପୃଥିବୀରେ ସବୁଠାରୁ ଅଧିକ ଥିବାରୁ ସେ ଦେଶର ଖାଦ୍ୟ, ସ୍ୱାସ୍ଥ୍ୟ, ବାସଗୃହ, ଗମନାଗମନ ଆଦିର ଯଥେଷ୍ଟ ସମସ୍ୟା ରହିବ ହିଁ ରହିବ।

ସେ ଦେଶ ଖାଦ୍ୟ ହିମାଳୟ ଡେଇଁ ଆମ ଦେଶରେ ବି ବିଭିନ୍ନ ରେଷ୍ଟୁରାଣ୍ଟରେ ହୋଟେଲରେ ବିକ୍ରୟ ଉପଲବ୍ଧ। ତେବେ ସମ୍ପୂର୍ଣ୍ଣ ଖାଦ୍ୟର ମେନୁ ଏ ପର୍ଯ୍ୟନ୍ତ ଆଣିବାକୁ ଏ ଦେଶରେ କେହି ଆଗ୍ରହୀ ହୋଇ ନାହାନ୍ତି। ଚାଉମିନ୍ ପରି କେତୋଟି ଖାଦ୍ୟ ଏ ଦେଶରେ ଲୋକଙ୍କୁ ଆପ୍ୟାୟିତ କରୁଛି। ଆଉ ଓଡ଼ିଶାରେ ବି ଏହା ଆଦର ବଢ଼ିଛି ଆମ ଓଡ଼ିଆ ଲୋକେ ଛୁଞ୍ଚିପତ୍ର, ଏଣ୍ଡୁରୀ, ଚକୁଳି, ଚିତଉ, ମଣ୍ଡା, କାକରା, ଆରିସା, ଫେଣା, ପୋଡ଼ପିଠା, ସୁଆଁପିଠା ପରି ପିଠା ଓ ଛେନା (ଦହି)ର ଗୁଡ଼, ପାଚିଲା କଦଳୀର ମିଶ୍ରଣ ଚକଟା ଯାହା ପଣା ଏହାକୁ ଚାହୁଁ ନାହାନ୍ତି। ବିଶେଷ ଚୁଡ଼ାଘସା, ଚୁଡ଼ାଗୁଡ଼ ପାଚିଲା କଦଳୀ ପରି ଖାଦ୍ୟ ଖୋଜୁନାହାନ୍ତି। ହେଲେ ଆମ ରାଜ୍ୟକୁ ଆନ୍ଧ୍ର, ପଞ୍ଜାବ, ରାଜସ୍ଥାନ, ବେଙ୍ଗଲି, ରାଜ୍ୟର ଖାଦ୍ୟ ମେନୁ ଉପଭୋଗ ସହିତ ଚୀନା ଖାଦ୍ୟ ବିଶେଷ ଉପଭୋଗ୍ୟ ଭୋଜ୍ୟ ହେଉଛି। ଖାଦ୍ୟ ଜୀବନ ଧାରଣର ଏକ ଉତ୍ସ ବା ଅବଲମ୍ବନ ଏହାକୁ ବହୁ ପୂର୍ବରୁ ବିଭିନ୍ନ ଜ୍ଞାନୀମାନେ ପରୀକ୍ଷା ନିରୀକ୍ଷା କରି କଣ ଖିଆଯାଇ ପାରିବ, କଣ ଖିଆଯାଇ ପାରିବ ନାହିଁ ଧାର୍ଯ୍ୟ କରିଛନ୍ତି। ପୁଣି ମୌଳିକ ରୂପ ଭୋଜ୍ୟ ବା ଯୌଗିକ ରୂପ କରିଥିଲେ ତାହା ବିଷ ବା ବିଷମୟ ରୂପ ଭୋଜନ ପରେ ପରେ ବା କିଛି ସମୟ ଶରୀରରେ ରହିଲାପରେ ହୋଇପାରେ, ଏପରିକି ବିବରଣୀ ଅଛି। ଯେମିତି ଗୁଡ଼ ଏକ ଆମୋଦ ମିଠାଦ୍ରବ୍ୟ, ହେଲେ ଏହାକୁ କନିଆରୀ ମଞ୍ଜି ରସ ସହିତ ମିଶାଇ ଖାଇଲେ ମୃତ୍ୟୁ ଅନିବାର୍ଯ୍ୟ। ମହୁ ଓ ଘିଅ ସମପରିମାଣରେ ଭକ୍ଷଣ କଲେ ପ୍ରାଣଘାତକ। ପୁନଶ୍ଚ ଖାଦ୍ୟର ଉପାଦାନରେ ଆସୁଥିବା ଫଳମୂଳ ପତ୍ର ଫୁଲ ଶସ୍ୟ ଜାନ୍ତବ ଜୀବଙ୍କ ଅଙ୍ଗ ବା ଅଣ୍ଡା କିଏ କେଉଁ ସ୍ଥାନର ବାସିନ୍ଦା, କେଉଁ ସମୟ କେଉଁ ଋତୁରେ ଖାଇଲେ ଶରୀରରେ ବିକାର ଆସିବ ନାହିଁ, ଏହାର ବି ବିଚାର ଅଛି। ଯଥା ପାଚିଲା ଆମ୍ବ ଖରା ଦିନରୁ ବର୍ଷାଦିନ ଆରମ୍ଭ ଯାଏ ଖିଆଯାଏ, ମାତ୍ର ଅଧିକ ବର୍ଷା ଶ୍ରାବଣ ମାସ ଠାରୁ ଆଗକୁ ଖାଇଲେ ଶରୀର ଅସୁସ୍ଥ ହେବ। ହେଲେ ଆମ୍ବୁଲ ଖିଆଯାଇପାରେ। ଆମ୍ବ ପାଚିଲା ଅସମୟରେ ଖାଇଲେ ତରଳ ଝାଡ଼ା କରାଇଥାଏ। ଖରାରେ ଆସିବା ବ୍ୟକ୍ତିର ମଧୁପାନ ପ୍ରାଣଘାତକ। ବଡ଼ ବଡ଼ ଭୋଜିଭାତରେ ବହୁ ପ୍ରକାର ମାଛ, କଙ୍କଡ଼ା, କୁକୁମ, ଛେଳି ମାଂସରୁ ବହୁ ପ୍ରକାର ସ୍ୱାଦିଷ୍ଟ ବ୍ୟଞ୍ଜନ ଭୋଜନ ପାଇଁ ପରିବେଷଣ ହେଉଛି। ଖିରି ଦହି ଛେନା ରାବିଡ଼ି ପରିବେଷଣ ହେଉଛି। ଗରମ କଫି, ଚା ପେୟ ମିଳୁଛି। ଆଇସକ୍ରିମ ଥଣ୍ଡା ପାନୀୟ ମିଳୁଛି ଗୁପଚୁପ୍ ଓ ତାର ଉପକରଣ ତେନ୍ତୁଳିପାଣି ମିଳୁଛି। ଏହାକୁ କେହି ଲୋଭରେ ପ୍ରତି ଭୋଜନରେ ପରସ୍ପର ବିରୋଧି ଖାଦ୍ୟ ଓ ଏକ ପାକସ୍ଥଳୀରେ ବିଭିନ୍ନ ରସ ନିଗମ୍ନରେ ହଜମ ହେବା ଗଣ୍ଡଗୋଳ ହୋଇ ଶରୀରର ପ୍ରବଳ କ୍ଷତି ସାଧିତ ହୁଏ। ଥଣ୍ଡା ଆଗ ଗରମ ପର ହେଉ ଗରମ ଆଗ ଥଣ୍ଡାପର। ପାନ ଭୋଜନରେ ଦାନ୍ତରେ ଥିବା ରକ୍ତ ସଞ୍ଚାଳନ ପ୍ରକ୍ରିୟା ଗୁରୁତ୍ୱପୂର୍ଣ୍ଣ ଭାବରେ ବାଧାପାଏ। ସଂକୁଚିତ ପ୍ରସାରିତ ବା ପ୍ରସାରିତ ସଂକୁଚିତ ହଠାତ୍ ପାଖାପାଖିରେ ହେବା ଶୀଘ୍ର ଦାନ୍ତ ରୋଗକୁ ମାଢ଼ିକୁ ଦୁର୍ବଳ କରିବା ହୋଇଯାଏ। ହଜମ ପ୍ରକ୍ରିୟାରେ ସମୟ ଯାହା ମୃଗୀ ମାଂସ ହଜମ, ଲୁଣି ମାଛ, ମିଠା ମାଛ, ଚିଙ୍ଗୁଡ଼ି, କଙ୍କଡ଼ା, ଅଣ୍ଡା, ଛାଗମାଂସ ପାଇଁ ଏକ ପ୍ରକାର ସମୟ ଲାଗେ ନାହିଁ କି ଏକ ହଜମରସ ଏକ ସ୍ଥାନରେ ଏହା ହଜମ ହୁଏନାହିଁ। ଧର୍ମୀୟ ଖାଦ୍ୟ ମେନୁରେ ଗୋ-ମାଂସ ଭକ୍ଷଣକାରୀ ଓ ଘୁଷୁରୀ ମାଂସ ଭକ୍ଷଣକାରୀଙ୍କ ବିବାଦ ଅଛି। ଏମିତି ଦେଶ ଚୀନ ଏଠାରେ ଏହି ଦୁଇ କଣ ସବୁ ପ୍ରକାର ମାଂସ ଭକ୍ଷଣ ମାନ୍ୟତା ପ୍ରାପ୍ତ। ଆମ ଦେଶରେ ଶ୍ୱାନମାଂସ କେହି ଖାଆନ୍ତି ନାହିଁ ଏହା ଅଜଣା ମାତ୍ର ସେ ଦେଶରେ ଶ୍ୱାନମାଂସ ଖିଆଯାଏ। ଅନେକ ସରୀସୃପର ମାଂସ ଖିଆଯାଏ। ତେବେ ରନ୍ଧନ ପ୍ରଣାଳୀ ଭିନ୍ନ ଭିନ୍ନ। ଆମ ଦେଶରେ ପୂର୍ବେ ଚରକ ସୁଶ୍ରୁତଙ୍କ ପରି ଜ୍ଞାନୀମାନେ ଯେଉଁ ଅଷ୍ଟାଙ୍ଗ ଆର୍ଯୁବେଦ ଶାସ୍ତ୍ର ପ୍ରସ୍ତୁତ କରିଛନ୍ତି ଓ ସୁସ୍ଥ ରହିବା ନିୟମ ଧାର୍ଯ୍ୟ କରିଛନ୍ତି ତାହା ସମସ୍ତେ ମାନବା ନିହାତି ଦରକାର। ଆମ ଦେଶ ପରି ପ୍ରତ୍ୟେକ ଦେଶରେ ଖାଦ୍ୟ ପାନୀୟ, ଚାଲିଚଳନ ସମୟ ପରିବର୍ତ୍ତନ ମନୁଷ୍ୟ ବୟଶ କ୍ରମ ପୁରୁଷ - ସ୍ତ୍ରୀ କ୍ରମରେ ବିଭିନ୍ନ ରୋଗାଦି ଭୋଗ ଓ ତାର ଉପଚାରର ବହୁବିଧ ତଥ୍ୟ ସବୁ ସ୍ଥଳରେ ଅନୁଭବ ସିଦ୍ଧି ଲେଖା ରହିଛି ଓ ଏହାରି ଉପରେ ନିର୍ଭର କରି ଲୋକେ ବସତି ରହିଛି। ସ୍ଥାୟୀ ବସବାସରେ ରୋଗ ଓ ତାର ଉପଚାର ସର୍ବତ୍ର ଉପଲବ୍ଧ ନିଶ୍ଚିତ ରହିଛି।

+ ସମ୍ପାଦକ 'ବରେଣ୍ୟବାଣୀ',
ଅରୁଣଦୋୟନଗର, ଲିଙ୍କରୋଡ଼, କଟକ,
ଦୂରଭାଷ : ୯୪୩୭୦୩୧୨୫୩

# ଚଳିତ ଖରିଫ ଚାଷ ଉପରେ କରୋନାର ପ୍ରଭାବ!

**ଶରତ କୁମାର ରାଉତ**



> ବହୁ ଶିଳ୍ପସଂସ୍ଥା, ବିଭିନ୍ନ କମ୍ପାନୀ ଓ ବ୍ୟବସାୟ ପ୍ରତିଷ୍ଠାନରେ ତାଲା ଝୁଲୁଛି। ଏହି କ୍ଷେତ୍ରରେ କାମ କରୁଥିବା ଶ୍ରମିକ ଓ କର୍ମଚାରୀ ମାନେ ଆର୍ଥିକ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। କହିବାକୁ ଗଲେ, କମ୍ପାନୀ ମାଲିକ ଓ କର୍ମଚାରୀ ଉଭୟ ସମସ୍ୟା ଭିତରେ ସଢୁଛନ୍ତି। କାମ ବନ୍ଦ ଯୋଗୁ ଦେଶ ବିଦେଶରୁ କେତେକ ଅଧିକାରୀ ଓ କର୍ମଚାରୀ ନିଜ ନିଜ ଘରକୁ ଫେରି ଆସୁଛନ୍ତି ଓ ଆଉ କେତେକ ଭବିଷ୍ୟତକୁ ଆଦରି ସେଠାରେ ପଡ଼ି ରହିଛନ୍ତି। ସାରା ପୃଥିବୀରେ ଗାଡ଼ି ମଟର ପାଖରୁ ଆରମ୍ଭ କରି ରେଳ, ବସ୍ ଓ ଉଡ଼ାଜାହାଜ ସେବା ପ୍ରଭାବିତ ହୋଇଛି।

ମହାମାରୀ କରୋନା ଭୂତାଣୁ ଯୋଗୁ ଦୀର୍ଘ ଲକ୍ ଡ଼ାଉନ୍ ବିଭିନ୍ନ କ୍ଷେତ୍ରକୁ ତଳିତଳାନ୍ତ କରି ଦେଇଛି। କେତେକ ପ୍ରମୁଖ କ୍ଷେତ୍ର ସାଂଘାତିକ ଭାବେ ପ୍ରଭାବିତ ହୋଇଛି। ଏପରିକି ମାଲିକ ଓ ଶ୍ରମିକଙ୍କ ଅବସ୍ଥା ସମାନ ହୋଇ ଯାଇଥିବା କୁହାଯାଇପାରେ। ବିଭିନ୍ନ କ୍ଷେତ୍ରରେ କାମ କରି ଆସୁଥିବା ଶ୍ରମିକ ମାନେ ପ୍ରାୟତଃ ନିଜ ନିଜ ଘରକୁ ଫେରି ଯାଇଛନ୍ତି। କୃଷିକ୍ଷେତ୍ର ଠାରୁ ଆରମ୍ଭ କରି ଶିଳ୍ପସଂସ୍ଥା ଯାଏ ସବୁ କ୍ଷେତ୍ର ଶ୍ରମିକ ଅଭାବରୁ ବନ୍ଦ ହୋଇ ଯାଇଛି। କିଛି କ୍ଷେତ୍ରରେ ଅଳ୍ପ କେତେ ଜଣକୁ ନେଇ କାର୍ଯ୍ୟ କରାଯାଉଥିଲେ ହେଁ ତାହା କେବଳ ମନ ବୁଝିବାକୁ। ଲୋକଙ୍କ ଅଭାବରୁ ଇ-କମର୍ସ କ୍ଷେତ୍ର ପ୍ରଭାବିତ ହୋଇଛି। ଡ଼େଲିଭରି କରୁଥିବା ଲୋକମାନେ ନିଜ ନିଜ ଘରକୁ ଫେରି ଯାଇଛନ୍ତି। ଏଣୁ ଆବଶ୍ୟକତା ଅନୁଯାୟୀ ଲୋକ ମିଳୁ ନାହାନ୍ତି। ସହଜେ ଏବେ ଚାଲିଥିବା ସର୍ଟ ଡ଼ାଉନ୍ ବା ସରକାରୀ ନିୟମ ଯୋଗୁ ଲୋକମାନେ ଘରୁ ନିଜ କର୍ମକ୍ଷେତ୍ରକୁ ଆସି ପାରୁ ନାହାନ୍ତି ବା ସେମାନେ ଆଉ ଏହିସବୁ କ୍ଷେତ୍ରରେ କାମ କରିବାକୁ ଚାହୁଁ ନାହାନ୍ତି। ଘରେ ଘରେ ଜିନିଷପତ୍ର ପହଂଚାଇବା ମୁଖ୍ୟ କାମ ହୋଇଥିଲେ ହେଁ ଲୋକ ଅଭାବରୁ ସମ୍ଭବ ହେଉନାହିଁ।

ସେହିପରି ଲୋକଙ୍କ ଅଭାବ ଯୋଗୁ ରିଟେଲ୍ କ୍ଷେତ୍ର ଜୋରଦାର ପ୍ରଭାବିତ ହୋଇଛି। ଏଥିଯୋଗୁ ମଧ୍ୟ ମଜୁରୀ ବଢିଛି। ଅଳ୍ପ ଲୋକଙ୍କୁ ନେଇ କାମ ଚଳେଇବାକୁ ପଡୁଛି। ଏହି କ୍ଷେତ୍ରର ମାଲିକ ମାନେ କର୍ମଚାରୀଙ୍କୁ ଦରମା ବ୍ୟତୀତ ଦିନକୁ ୪ଶହ ରୁ ୫୦୦ ଟଙ୍କା ଲେଖାଏଁ ଅତିରିକ୍ତ ଦେଉଛନ୍ତି। କେହି କେହି କର୍ମଚାରୀଙ୍କୁ ୨ଗୁଣା ଦରମା ଦେଉଛନ୍ତି। ତଥାପି ଆବଶ୍ୟକ ସଂଖ୍ୟକ କର୍ମଚାରୀ ମିଳୁ ନାହାନ୍ତି। ଏପରିକି ବିଗ୍ ବଜାର ଭଳି ରିଟେଲ୍ କମ୍ପାନୀ ମାନେ ନିଜ କର୍ମଚାରୀ ମାନଙ୍କୁ ସେମାନଙ୍କ ଘରୁ ଆଣିବା ଓ ଛାଡ଼ିବା ଦାୟିତ୍ୱ ବି ନେଉଛନ୍ତି। ତଥାପି କର୍ମଚାରୀ ମିଳୁ ନାହାନ୍ତି।

ବହୁ ଶିଳ୍ପସଂସ୍ଥା, ବିଭିନ୍ନ କମ୍ପାନୀ ଓ ବ୍ୟବସାୟ ପ୍ରତିଷ୍ଠାନରେ ତାଲା ଝୁଲୁଛି। ଏହି କ୍ଷେତ୍ରରେ କାମ କରୁଥିବା ଶ୍ରମିକ ଓ କର୍ମଚାରୀ ମାନେ ଆର୍ଥିକ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। କହିବାକୁ ଗଲେ, କମ୍ପାନୀ ମାଲିକ ଓ କର୍ମଚାରୀ ଉଭୟ ସମସ୍ୟା ଭିତରେ ସଢୁଛନ୍ତି। କାମ ବନ୍ଦ ଯୋଗୁ ଦେଶ ବିଦେଶରୁ କେତେକ ଅଧିକାରୀ ଓ କର୍ମଚାରୀ ନିଜ ନିଜ ଘରକୁ ଫେରି ଆସୁଛନ୍ତି ଓ ଆଉ କେତେକ ଭବିଷ୍ୟତକୁ ଆଦରି ସେଠାରେ ପଡ଼ି ରହିଛନ୍ତି। ସାରା ପୃଥିବୀରେ ଗାଡ଼ି ମଟର ପାଖରୁ ଆରମ୍ଭ କରି ରେଳ, ବସ୍ ଓ ଉଡ଼ାଜାହାଜ ସେବା ପ୍ରଭାବିତ ହୋଇଛି। ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ବଡ଼ବଡ଼ ଶିଳ୍ପପତି, ବିଭିନ୍ନ କମ୍ପାନୀ, ବ୍ୟବସାୟିକ ପ୍ରତିଷ୍ଠାନ ଏକ ପ୍ରକାର ଅଚଳ ହୋଇ ପଡ଼ିଛି। ଅନେକ ଦେଶ ମାସ ମାସ ତଳୁ ଆନ୍ତର୍ଜାତୀୟ ଗମନାଗମନ ବନ୍ଦ କରିଦେଇଛନ୍ତି। ହୋଟେଲ୍ ଶିଳ୍ପ ଓ ପର୍ଯ୍ୟଟନ ଶିଳ୍ପ ବିଷେଶ ଭାବେ ପ୍ରଭାବିତ ହୋଇଛି। ସହର ବଜାର ସବୁ ବନ୍ଦ ହୋଇ ରହିଛି। ଲୁହା ଓ ଇସ୍ପାତ ଶିଳ୍ପ ସଂସ୍ଥା ଗୁଡ଼ିକ ମଧ୍ୟ ଶ୍ରମିକ ବା କର୍ମଚାରୀଙ୍କ ଅଭାବ ଅନୁଭବ କରୁଛନ୍ତି। କରୋନା ଯୋଗୁ ଆବଶ୍ୟକ ସଂଖ୍ୟକ ଶ୍ରମିକ କାମକୁ ଆସି ପାରୁ ନାହାନ୍ତି। କେବଳ ପ୍ଲାଂଟ ପାଖାପାଖି ରହୁଥିବା ଶ୍ରମିକ ମାନେ ଆସୁଛନ୍ତି। ମାତ୍ର ଦୂରରେ ରହୁଥିବା ଶ୍ରମିକ ମାନେ ଆସିବା ସମ୍ଭବ ହେଉନାହିଁ। କାରଣ ଦୀର୍ଘଦିନ୍ ଧରି ଲକ୍ ଡ଼ଉନ୍ ଚାଲିଥିବା ବେଳେ ଭିତରେ ଭିତରେ ସର୍ଟ ଡ଼ାଉନ୍ ସହିତ ସରକାରୀ କଟକଣା ରହିଥିବାରୁ ଶ୍ରମିକ ମାନେ ନିୟମିତ କାମକୁ ଆସି ପାରୁ ନାହାନ୍ତି। ଅନ୍ୟପକ୍ଷରେ ବହୁ ଶ୍ରମିକ ଓ କର୍ମଚାରୀ ଲକ୍ ଡ଼ାଉନ୍ ବେଳେ ନିଜ ନିଜ ଘରକୁ ଚାଲି ଯାଇଥିଲେ। ଅବଶ୍ୟ ସେମାନଙ୍କ ମଧ୍ୟରୁ କିଛି କର୍ମକ୍ଷେତ୍ରକୁ ଫେରି ଥିଲେ ହେଁ ଅନେକ କର୍ମଚାରୀ ଓ ଶ୍ରମିକ ଏପର୍ଯ୍ୟନ୍ତ ଫେରି ନାହାନ୍ତି। ବାସ୍ତବତା ଦେଖାଗଲେ, ଲୁହା ଓ ଇସ୍ପାତ ଶିଳ୍ପ ସଂସ୍ଥା ଗୁଡ଼ିକ ଉତ୍ପାଦନରେ ଧିମେଇ ଯାଇଛନ୍ତି।

ସେହିପରି କରୋନାର ତାଣ୍ଡବ ଯୋଗୁ ରବି ଫସଲ ଅମଳ ଜୋରଦାର ପ୍ରଭାବିତ ହୋଇଛି। ଲକ୍ ଡ଼ାଉନ୍ ଆରମ୍ଭ ବେଳେ ସାରା ଭାରେତରେ ରବି ଫସଲ ଅମଳର ସମୟ ଥିଲା। ମୁଖ୍ୟତଃ ଉତର ଭାରତରେ ରବି ଫସଲ କାଟିବା ପାଇଁ ଜମି ମାଲିକ ମାନେ ବିହାର, ଝାଡ଼ଖଣ୍ଡ, ଛତିଶଗଡ଼, ମଧ୍ୟପ୍ରଦେଶ ଆଦି ରାଜ୍ୟର ମଜୁରିଆ ମାନଙ୍କ ଉପରେ ନିର୍ଭର କରନ୍ତି। କିନ୍ତୁ କରୋନା ଭୂତାଣୁ ପାଇଁ ପ୍ରାୟ ୮୦ ଭାଗ ମଜୁରିଆ ନିଜ ନିଜ ଘରକୁ ଚାଲିଗଲେ। ଜମି ମାଲିକ ମାନେ କୌଣସି ପ୍ରକାର ସିନା ଅମଳ କାମ ସାରିଦେଲେ, ହେଲେ ପୂର୍ବ ବର୍ଷ ମାନଙ୍କ ଭଳି ଆଶା ଜନକ ଫସଲ ପାଇବାରୁ ବଂଚିତ ହେଲେ।

ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା, ଏବେ ଖରିଫ ଋତୁର ଚାଷ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଲାଣି। କାରଣ ଖରିଫ ଚାଷ ପାଇଁ ପ୍ରତିବର୍ଷ ଯେଉଁ ମଜୁରିଆ ମାନେ ବିଲରେ କାମ କରନ୍ତି, କରୋନାର ଭୟାବହତା ଯୋଗୁ ସେମାନଙ୍କର ଠିକଣା ହଜି ଯାଇଛି। କରୋନା ମହାମାରୀ ଯୋଗୁ ସେହି ଲକ୍ଷଲକ୍ଷ ମଜୁରିଆଙ୍କ ମଧ୍ୟରୁ କେତେକ ଭୋକ ଉପାସରେ ବିଭିନ୍ନ ସ୍ଥାନରେ ଅଟକି ରହିଛନ୍ତି ତ କିଏ ନିଜ ଘରେ ପହଂଚି ଯାଇଛନ୍ତି। ଖରିଫ ଚାଷ ପାଇଁ ସେମାନଙ୍କୁ ଖୋଜି ପାଇବା ମୁସ୍କିଲ। କିଏ କେଉଁଠି ଓ କିପରି ଅଛନ୍ତି ଜାଣି ହେଉନାହିଁ। ସେମାନେ ସମସ୍ତେ ଘୋର ମାନସିକ ଯନ୍ତ୍ରଣାରେ ଥିବା ନିଶ୍ଚିତ। ଏଥିଯୋଗୁ ସାରା ଭାରତର ଜମି ମାଲିକ ମାନେ ଚିନ୍ତାରେ ପଡ଼ିଛନ୍ତି। ଏଣୁ ମଜୁରିଆ ମାନଙ୍କ ଅଭାବ ଯୋଗୁ ଚଳିତ ବର୍ଷ ଦେଶରେ ଖରିଫ ଚାଷ ଜୋରଦାର ପ୍ରଭାବିତ ହେବ, ଏଥିରେ ସନ୍ଦେହ ନାହିଁ।

+ ଓଡ଼ିଶା ନ୍ୟୁଜ୍ ସର୍ଭିସ୍,
ଭୁବନେଶ୍ୱର,
ମୋ: ୯୩୩୭୭୩୬୯୪୮

# ଘର ମୋର ସ୍ୱର୍ଗ

ସୌନ୍ଦର୍ଯ୍ୟପିପାସୁ ମଣିଷଟିଏ କ୍ଳାନ୍ତ ହୋଇ ଘରକୁ ଫେରିଲେ ଶୃଙ୍ଖଳିତ, ରୁଚିସମ୍ପନ୍ନ ପରିବେଶ ଆଶା କରେ । ଘରଟି କେବଳ ଖର୍ଚ୍ଚାନ୍ତ ହୋଇ ବର୍ଣ୍ଣାଢ଼୍ୟ ଢଙ୍ଗରେ ସଜାଇ ହେବନାହିଁ, ଆଗ୍ରହ ଥିଲେ ଖୁବ୍ କମ୍ ଖର୍ଚ୍ଚରେ ବି ଘରକୁ ସୁନ୍ଦର ରୂପ ଦେଇପାରିବେ । ଏ ସଂକ୍ରାନ୍ତରେ କେତେକ ଉପାୟ-



- ଘରକୁ ସର୍ବଦା ପରିଷ୍କାର, ପରିଚ୍ଛନ୍ନ କରି ରଖିବାକୁ ଚେଷ୍ଟା କରନ୍ତୁ ।
- ଘରର ଆଭ୍ୟନ୍ତରୀଣ ପରିବେଶ ବିଶୁଦ୍ଧ କରୁଥିବା ବିଭିନ୍ନ ପ୍ରକାର ଗଛ ରଖିପାରିବେ ।
- ପିସ୍ ଲିଲି, ସ୍ପାଇଡର ପ୍ଲାଣ୍ଟ, ବାଉଁଶଗଛ, ତଥା ସମସ୍ତଙ୍କର ପ୍ରିୟ ମନିପ୍ଲାଣ୍ଟ, ଏରିକା ପାମ୍‌କୁ ଘରର କୌଣସି କୋଣରେ ସଜାଇ ରଖିହେବ । ଗଛଗୁଡ଼ିକର ସବୁଜିମା ଘରର ସୌନ୍ଦର୍ଯ୍ୟ ଦ୍ୱିଗୁଣିତ କରିଦିଏ ।
- ଘରର ଉତ୍ତର-ପୂର୍ବ ଦିଗରେ ବଜାରରେ ମିଳୁଥିବା କୃତ୍ରିମ ଝରଣା ରଖନ୍ତୁ । ବାସ୍ତୁ ଅନୁସାରେ ଏହା ପ୍ରଗତିର ପରିଚାୟକ ।
- ସବୁଘରେ କିଛି ନା କିଛି କଂସା, ପିତ୍ତଳ ଜିନିଷ ଥାଏ, ଯାହା ବ୍ୟବହାର ନହୋଇ ପଡ଼ି ରହିଥାଏ । ଏବେ ପିତ୍ତଳରେ ସାଜସଜ୍ଜାର ଚାହିଦା ଅଧିକ । ପିତ୍ତଳର ବଡ଼ ଥାଳିଟିଏ ଟି'ପୟ କିମ୍ବା ଡାଇନିଂ ଟେବୁଲ ମଝିରେ ରଖନ୍ତୁ । ସେଥିରେ ଛୋଟ ମନିପ୍ଲାଣ୍ଟଟିଏ ରାଧାକୃଷ୍ଣ କିମ୍ବା ଗଣେଶ, ବୁଦ୍ଧଙ୍କର ମୂର୍ତ୍ତିଟିଏ ଯଦି ଅଛି ରଖିଦିଅନ୍ତୁ । ଏବେ ଦେଖନ୍ତୁ, କେତେ ଶାନ୍ତି ମନଲୋଭା ସେ ଦୃଶ୍ୟ ।
- ଘର ମଝିରେ ବଜାରରୁ ସୁନ୍ଦର ରଙ୍ଗିନ୍ ଗାଲିଚା, ଦରି କିଣି ଆଣି ପକାନ୍ତୁ । ଝୋଟ ତିଆରି ଦରିର ଚାହିଦା ଏବେ ଅଧିକ ।
- ଘରର ରଙ୍ଗକୁ ମେଳ ହେଉଥିବା ଭଳି କୁଶନ୍ କଭର ଲଗାଇ ପାରିବେ । ଖୁବ୍ ସୁନ୍ଦର ଟେବୁଲ ତଥା ସୋଫା ରନର ବି ମିଳୁଛି । ଏହାକୁ ବ୍ୟବହାର କରାଯାଇପାରିବ ।
- ଘରେ ହାଲ୍‌କା ଟେବୁଲ ଲାଇଟ ବା ସିଲିଂ ଲାଇଟ୍ ଲଗାନ୍ତୁ । ନିଜ ପସନ୍ଦର ଭଜନ କିମ୍ବା ପୁରୁଣା ଗୀତ ହାଲ୍‌କା ଶବ୍ଦ ଦେଇ ବଜାନ୍ତୁ । ଦେଖିବେ, 'ଘର ହିଁ ମୋର ସ୍ୱର୍ଗ' ନକହି କେହି ରହିପାରିବେ ନାହିଁ ।

# କିପରି ହୁଏ ଘୂର୍ଣ୍ଣିବାତ୍ୟା



ଏହା ଏକ ବିରାଟ ଆକାରର ବାୟୁପିଣ୍ଡ, ଯାହା ଶକ୍ତିଶାଳୀ କେନ୍ଦ୍ରୀୟ ବାୟୁମଣ୍ଡଳୀୟ ନିମ୍ନଚାପ ଚତୁର୍ଦ୍ଦିଗରେ ଘୂରିବୁଲେ । ଘୂର୍ଣ୍ଣିବାତ୍ୟାରେ ଏକ ନିମ୍ନଚାପ ବିଶିଷ୍ଟ କ୍ଷେତ୍ର ଚାରିପାଖରେ ଅନ୍ତଃଗାମୀ କୁଣ୍ଡଳାକାର ପବନ ଘୂରିବୁଲେ । ସବୁଠାରୁ ବଡ଼

ନିମ୍ନଚାପ ସିଷ୍ଟମକୁ ପାଲୋର ଭର୍ଟେକ୍ସ ଓ ସବୁଠାରୁ ବଡ଼ ସିନୋପ୍ଟିକ୍ ସ୍କେଲ୍‌କୁ ଏକ୍ସଟ୍ରାଟ୍ରପିକାଲ୍ ଘୂର୍ଣ୍ଣିବାତ୍ୟା କୁଆଯାଏ । ମଙ୍ଗଳ, ବୃହସ୍ପତି ଓ ନେପ୍‌ଚୁନ ଭଳି ଗ୍ରହମାନଙ୍କରେ ମଧ ଘୂର୍ଣ୍ଣିବାତ୍ୟା ସାଇକ୍ଲୋଜେନେସିସ୍ କୁହାଯାଏ । ବିଭିନ୍ନ ଜୋନ୍ ସଙ୍କୁଚିତ ହୋଇ ଏକ ସମ୍ମୁଖଭାଗ ପ୍ରସ୍ତୁତି ଓ ଉତ୍କଟ ହେବାର ପ୍ରଣାଳୀକୁ ସାଇକ୍ଲୋଜେନେସିସ୍ କୁହାଯାଏ । ବିଭିନ୍ନ ଜୋନ୍ ସଙ୍କୁଚିତ ହୋଇ ଏକ ସମ୍ମୁଖଭାଗ ପ୍ରସ୍ତୁତ ହୁଏ । ଏହାପରେ ଏକ୍ସଟ୍ରାଟ୍ରପିକାଲ ସାଇକ୍ଲୋନ୍‌ର ଥଣ୍ଡା ପବନ ଉଷ୍ମ ବାତ୍ୟା ଜୀବନଚକ୍ର ବନ୍ଦ ହୋଇ ଘନତ୍ୱ ବୃଦ୍ଧି ପାଏ । ଏକ ଘୂର୍ଣ୍ଣିବାତ୍ୟାର ଜୀବନର ଜୀବନଚକ୍ର ସାଧାରଣତଃ ୨ରୁ ୬ ଦିନ ହୋଇଥାଏ ।

ପାଗର ସମ୍ମୁଖଭାଗ ଦୁଇ ଭିନ୍ନ ଭିନ୍ନ ଉତ୍ତାପ, ଆର୍ଦ୍ରତା ଓ ଘନତ୍ୱ ବିଶିଷ୍ଟ ବାୟୁପିଣ୍ଡ ମଧ୍ୟରେ ଏକ ସୀମା ନିର୍ଦ୍ଧାରଣ କରିଥାଏ । ସମ୍ମୁଖଭାଗ ଥଣ୍ଡାଥାଏ ଓ ତା'ପର ଭାଗରେ ଘଡ଼ଘଡ଼ି ବିଜୁଳି ସହିତ ସାଂଘାତିକ ପାଣିପାଗ ଅଣଓସାରିଆ ମଣ୍ଡଳୀ ଥାଏ । କିନ୍ତୁ ବେଳେ ବେଳେ ଶୁଷ୍କଧାଡ଼ି ଦେଖାଯାଏ । ଏହିଭଳି ସମ୍ମୁଖ ଭାଗ ସାଧାରଣତଃ କେନ୍ଦ୍ରର ପଶ୍ଚିମ ପାର୍ଶ୍ୱରେ ଥାଏ । ଯାହା ପୂର୍ବରୁ ଗତି କରୁଥାଏ । ପୂର୍ବଭାଗରେ ଏଥି ପୂର୍ବରୁ ଅବକ୍ଷେପଣ ଓ କୁହୁଡ଼ି ଦେଖାଯାଇପାରେ । ଉଷ୍ମ ସମ୍ମୁଖ ଭାଗ ଘୂର୍ଣ୍ଣିବାତ୍ୟାର ଆଗେ ଆଗେ ଚଳନ ହୁଏ ।

ଗ୍ରୀଷ୍ମମଣ୍ଡଳୀୟ ସାଇକ୍ଲୋଜେନେସିସ୍‌ରେ ଟ୍ରିପିକାଲ୍ ଘୂର୍ଣ୍ଣିବାତ୍ୟାର ବର୍ଣ୍ଣନା ଦେଖିବାକୁ ମିଳେ । ଘଡ଼ଘଡ଼ି ପ୍ରକ୍ରିୟାରୁ ଜାତ ଲେଟେଣ୍ଟ ଚାପ ଯୋଗୁଁ ଗ୍ରୀଷ୍ମମଣ୍ଡଳୀୟ ଘୂର୍ଣ୍ଣିବାତ୍ୟା ସୃଷ୍ଟିହୁଏ । ଯାହାର କେନ୍ଦ୍ରସ୍ଥଳ ଉଷ୍ମ ଥାଏ । ଟ୍ରପିକାଲ୍, ଏକ୍ସଟ୍ରାଟ୍ରିପିକାଲ୍ ଓ ସବ୍‌ଟ୍ରିପିକାଲ ମଧ୍ୟରେ ଘୂର୍ଣ୍ଣିବାତ୍ୟାର ପ୍ରକାର ବଦଳିପାରେ । ମେସୋସାଇକ୍ଲୋନ୍‌ରେ ଉଷ୍ମ କେନ୍ଦ୍ର ଥାଏ । ଯାହା ଟର୍ନାଡ଼ୋରେ ପରିବର୍ତ୍ତିତ ହୋଇଥାଏ । ମେସୋସାଇକ୍ଲୋନରୁ ୱାଟର୍‌ସ୍ପାଉଟ ଜାତ ହୋଇପାରେ । କିନ୍ତୁ ଅଧିକାଂଶ ସମୟରେ ନିମ୍ନ ଭର୍ଟିକାଲ ଉଇଣ୍ଡ୍ ସିଅର ଯୋଗୁଁ ଏହାହୁଏ । ଆଟ୍‌ଲାଣ୍ଟିକ୍ ଓ ଉତ୍ତରପୂର୍ବ ପ୍ରଶାନ୍ତ ମହାସାଗରୀୟ ଇଲାକାରେ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଟାଇଫୁନ୍ କୁହାଯାଏ । ଏହି ବୃଦ୍ଧି ଓ ଅସ୍ଥିରତାର ପ୍ରଭାବ ବ୍ୟାପକ ନୁହେଁ । ଉଦାହରଣସ୍ୱରୂପ ଆକାର, ଘନତ୍ୱ, ଆର୍ଦ୍ରଦା ଚଳନ, ପୃଷ୍ଠଭାଗ ବାଷ୍ପୀକରଣ ଓ ବିଭିନ୍ନ ଉଚ୍ଚତାରେ ସାମ୍ଭାବ୍ୟ ଚାପ ପରିବର୍ତ୍ତନ ଯୋଗୁଁ ଭର୍ଟେକ୍ସରେ ପରିବର୍ତ୍ତନ ହୁଏ ।

# ସ୍ୱାସ୍ଥ୍ୟ ମନ୍ତ୍ର

ଉଚ୍ଚ ରକ୍ତଚାପ ଭୋଗୁଥିବା ଲୋକେ ନିୟମିତ ଔଷଧ ସହ ଫୋଲିକ୍ ଏସିଡ୍ ବଟିକା ଖାଇଲେ, ହୃଦ୍‌ଘାତ ଭୋଗିବାର ଆଶଙ୍କା ଅନ୍ୟମାନଙ୍କ ତୁଳନାରେ ୨୧ ପ୍ରତିଶତ କମ୍ । ରକ୍ତରେ ହୋମୋସିଷ୍ଟିନ୍‌ର ଆଧିକ୍ୟ ଦ୍ୱାରା ଧମନିରେ ରକ୍ତ ପ୍ରବାହ ବାଧାପ୍ରାପ୍ତ ହୁଏ । ଫୋଲିକ୍ ଏସିଡ୍, ରକ୍ତରେ ହୋମୋସିଷ୍ଟିନ୍ ସ୍ତର ନିୟନ୍ତ୍ରଣରେ ରଖେ । ଆମ ଦେଶରେ ଅନେକ ଫୋଲିକ୍ ଏସିଡ୍ ଅଭାବ ଭୋଗୁଛନ୍ତି । ଏ ବାବଦରେ ସମସ୍ତେ ସଚେତନ ହେବା ଉଚିତ । ଏହା ପ୍ରାକୃତିକ ଭାବେ ଗାଢ଼ ସବୁଜ ରଙ୍ଗର ମୋଟା ପତ୍ର ଥିବା ପନିପରିବା, ବିନ୍‌ସ, ଡାଲି ଜାତୀୟ ଶସ୍ୟ, ଫଳମୂଳ ଓ ନଟ୍‌ସରୁ,




ମିଳେ । 'ଜର୍ନାଲ୍ ଅଫ୍ ଦ ଆମେରିକାନ୍ ମେଡିକାଲ୍ ଆସୋସିଏସନ୍'ରେ ଏହା ଉପରେ ଏକ ଅଧ୍ୟୟନମୂଳକ ରିପୋର୍ଟ ପ୍ରକାଶ ପାଇଛି ।




# କରୋନାରେ ନୂଆ ମୁହଁ ସମସ୍ୟା

# ମାସ୍କନେ

କରୋନା ସଂକ୍ରମଣରୁ ସୁରକ୍ଷିତ ରହିବା ଲାଗି ମାସ୍କ ପିନ୍ଧିବା ଜରୁରୀ ହୋଇପଡ଼ିଛି । ତେବେ ବହୁ ସମୟ ଧରି ଏହାକୁ ପିନ୍ଧା ଯାଉଥିବାରୁ ଏହା ମୁହଁର କୋମଳ ତ୍ୱଚା ପ୍ରତି କ୍ଷତିକାରକ ହେଉଛି ମୁହଁର ତ୍ୱଚାରେ ଦାଗ ପଡ଼ିଯିବା, କଟିଯିବା, ତ୍ୱଚା ଜଳାଯୋଡ଼ା ହେବା ଆଦି ସହିତ ବ୍ରଣ ସମସ୍ୟା ବି ବଢ଼ିଲାଣି । ମାସ୍କ ଯୋଗୁ ହେଉଥିବା ଏହି ସମସ୍ୟାର ନାମ ଦିଆଯାଇଛି 'ମାସ୍କନେ' । କରୋନା ମହାମାରୀରେ କ୍ୱାରେଣ୍ଟାଇନ୍, ଆଇସୋଲେସନ୍, ହଟ୍ ସ୍ପଟ, ସୋସିଆଲ ଡିଷ୍ଟାନ୍‌ସ, ଆଦି ବିଭିନ୍ନ ଶବ୍ଦ ନୂଆ କରି ଜୀବନଶୈଳୀ ସହ ଯୋଡ଼ି ହୋଇଯାଇଥିବା ବେଳେ ଏବେ ଏହି ତାଲିକାରେ 'ମାସ୍କନେ' ସାମିଲ ହୋଇଛି ।

ଏହି ସମସ୍ୟାରୁ ମୁକ୍ତି ପାଇବା ଲାଗି ନ୍ୟୁୟର୍କର କ୍ଲିନିକାଲ ଡର୍ମାଟେଲୋଜିଷ୍ଟ ଡା କିରଣ ସେଠୀ କେତେକ ପରାମର୍ଶ ଦେଇଛନ୍ତି । ସାଲିସିଲିକ୍ ଏସିଡ ଥିବା ଫେସ୍‌ୱାଶ୍ ବ୍ୟବହାର କଲେ ମାସ୍କନେ ଏବଂ ବ୍ରଣ ସମସ୍ୟାରୁ କିଛି ପରିମାଣରେର ମୁକ୍ତି ମିଳିପାରିବ ବୋଲି ସେ କହିଛନ୍ତି । ଏହାଦ୍ୱାରା ତ୍ୱଚାର ତେଲିଆ ଅଂଶ କମିଯିବ । ଝାଳ ବୋହିବା ମାତ୍ରେ ତାକୁ ପୋଛିବା ଏବଂ ପେଟ୍ରୋଲିୟମ ଜେଲି ତଥା ଭେସ୍‌ଲିନ୍ ବ୍ୟବହାର କଲେ ତ୍ୱଚାରେ ମାସ୍କ ଯୋଗୁ ବିଶେଷ ଦାଗ କି କ୍ଷତ ହେବନାହିଁ । ଶତପ୍ରତିଶତ ସୂତା କପଡ଼ାର ମାସ୍କ ପିନ୍ଧିବା, ଏହାକୁ ସବୁବେଳେ ସଫା ରଖିବା, ଗରମ ପାଣିରେ ପୁଃନବ୍ୟବହାର ଯୋଗ୍ୟ ମାସ୍କ ଧୋଇବା ତଥା ଯେଉଁ ମାସ୍କ ଅଧିକ ଝାଳ ବାହାରୁଥିବ ତାହା ନପିନ୍ଧିବାକୁ ଡା.ସେଠୀ କହିଛନ୍ତି ।

ଯଦି ମାସ୍କନେ ସମସ୍ୟା ହୁଏ, ତେବେ କ୍ଷତରେ ମେଡିକେଟେଡ୍ କ୍ରିମ୍ ବ୍ୟବହାର କରିପାରିବେ । ଅଧିକ ସମସ୍ୟା ହେଲେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ଏବଂ ସେ କହିଥିବା କ୍ରିମ୍ ବ୍ୟବହାର କରନ୍ତୁ । ମାସ୍କ ପିନ୍ଧିବାର ହେଲେ ମୁହଁରେ ଆଦୌ ମେକ୍‌ଅପ ନକରିବା ଉଚିତ । କେବଳ କନ୍‌ସିଲର ଲଗାଇପାରିବେ, ଦାଗ ଓ କୁଞ୍ଚନ ଥିବା ସ୍ଥାନରେ କ୍ରିମ୍ ଲଗାଇହେବ । ତ୍ୱଚାକୁ ଯେତେ ଖୋଲା ରଖିବେ, ଭଲ ।

**ମେକ୍‌ଅପରୁ ମୁକ୍ତ ହୁଅନ୍ତୁ:**

ମାସ୍କ ପିନ୍ଧାଯାଉଥିବାରୁ ଅଧିକ ପ୍ରସାଧନ ସମଗ୍ରୀ ବ୍ୟବହାର ଆବଶ୍ୟକ ନୁହେଁ । ମାସ୍କ ଏବଂ ତ୍ୱଚାର ଘର୍ଷଣ କମାଇବା ଲାଗି ମଏଶ୍ଚରାଇଜର ବ୍ୟବହାର



କରିପାରିବେ । ଏସିଡ କିମ୍ବା ରେଟିନଲ୍‌ସଯୁକ୍ତ ଉତ୍ପାଦ ବ୍ୟବହାର ନକରିବା ଉଚିତ । ଯଦି ଭିଡିଓ କଲ୍ ପାଇଁ ମେକ୍‌ଅପ କରୁଛନ୍ତି, ତେବେ ବାହାରକୁ ଯିବା ପୂର୍ବରୁ ଏହାକୁ ସଫା କରିଦିଅନ୍ତୁ । ମେକ୍‌ଅପ ଅଭ୍ୟାସ ଛାଡ଼ିବା କିମ୍ବା କମ୍ କରିବା ଲାଗି ଏହା ସଠିକ୍ ସମୟ । ଅଧିକ ମେକ୍‌ଅପ ନନେଇ ସନ୍‌ସ୍କ୍ରିନ୍ ଲୋସନ୍ ତଥା ମଏଶ୍ଚରାଇଜର ବ୍ୟବହାର କରିପାରିବେ । ମାସ୍କ ପିନ୍ଧିଥିବା ବେଳେ ଭିତରେ ଝାଳ ବୋହିଲେ ନରମ କ୍ଲିନରରେ ସଫା କରନ୍ତୁ ।

ହାଇପରପିଗ୍‌ମେଣ୍ଟସନ୍ ସମସ୍ୟା ଥିଲେ ଘର ଭିତରେ ବି ସନ୍‌ସ୍କ୍ରିନ୍ ଲୋସନ ବ୍ୟବହାର କରନ୍ତୁ । ମୁହଁ ଅତ୍ୟଧିକ କୁଣ୍ଡାଇ ହେଲେ ଡାକ୍ତରଙ୍କ ସହ ପରାମର୍ଶ କରିବା ଉଚିତ । ଉଦ୍‌ବେଗ, ସ୍ୱାସ୍ଥ୍ୟକର ଖାଦ୍ୟ ନଖାଇବା, ଚକୋଲେଟ୍, ଗ୍ଲାଇସେମିକ୍ ଫଳ, ଅତ୍ୟଧିକ ଦୁଗ୍ଧଜାତ ଖାଦ୍ୟ ଖାଇବା ମଧ ବ୍ରଣର କାରଣ ହୋଇପାରେ । ତେଣୁ ବ୍ରଣ ହେଲେ ଏସବୁ ପ୍ରତି ବିଶେଷଦୃଷ୍ଟି ଦିଅନ୍ତୁ । ବ୍ରଣ ହେବାଠାରୁ କରୋନା ସମସ୍ୟ ଅଧିକ ଭୟଙ୍କର । ତେଣୁ ଏହା ପିନ୍ଧିବା ଜରୁରୀ । କ୍ରମାଗତ ଭାବେ ମାସ୍କ ପିନ୍ଧି କାମ କରୁଥିବା ଆଗଧାଡ଼ିର କରୋନା ଯୋଦ୍ଧା ତଥା ସମ୍ବେଦନଶୀଳ ତ୍ୱଚା ଥିବା ବ୍ୟକ୍ତିଙ୍କ ପାଇଁ ମାସ୍କ ପିନ୍ଧିବା ବିଶେଷ ସମସ୍ୟା କରିଥାଏ । ମେକ୍‌ଅପ ନେବା ପରେ ତ୍ୱଚାର ରନ୍ଧ୍ର ବନ୍ଦ ହୋଇଯାଉଥିବାରୁ ଏହା ଉପରେ ମାସ୍କ ପିନ୍ଧିଲେ ବ୍ରଣ ହେବା ପରି ବିଭିନ୍ନ ପାର୍ଶ୍ୱପ୍ରତିକ୍ରିୟା ଦେଖାଯାଇଥାଏ । ମାସ୍କ ପିନ୍ଧିଲେ ମେକ୍‌ଅପ ନିଅନ୍ତୁ ନାହିଁ କି ବାରମ୍ବାର ନିଜ ମୁହଁକୁ ଛୁଅନ୍ତୁ ନାହିଁ ।

# ଚାହିଦାରେ ଧଳା ମେହେନ୍ଦି



ବାହାଘର ବେଳେ କନ୍ୟା ହାତରେ ମେହେନ୍ଦି ନଲାଗିଲେ ସୁନ୍ଦର ଦିଶେନି । କେତେକ ପରିବାରରେ ମେହେନ୍ଦି ଲଗାଇବାର ପରମ୍ପରା ରହିଛି । ଏବେ ପାରମ୍ପରିକ ମେହେନ୍ଦି ବଦଳରେ ଧଳା ମେହେନ୍ଦିର ଚାହିଦା ବଢ଼ିଛି । ଧଳା ମେହେନ୍ଦିରେ ପୋର୍ଟ୍ରେଟ ଷ୍ଟାଇଲ୍, ଆରବିୟାନ, ମୋଟିଫ ଆଦି ଡିଜାଇନ୍ ଆଙ୍କି ହେବ । ଏହା ଏବକାର କନ୍ୟାମାନଙ୍କୁ ପାରମ୍ପାରିକ ବେଶରୁ ଆଣି ଏକ ଅଲଗା ଲୁକ୍ ଦେଇପାରୁଛି ।



# ସେଦିନର ବଲିଉଡ୍: ଜନି ମେରା ନାମ




୧୯୭୦ରେ ମୁକ୍ତିଲାଭ କରିଥିଲା ଗୁଲଶନ ରାୟ ପ୍ରଯୋଜିତ ଏବଂ ବିଜୟ ଆନନ୍ଦ ନିର୍ଦ୍ଦେଶିତ 'ଜନି ମେରା ନାମ' । ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ଦେବ ଆନନ୍ଦ, ହେମା ମାଲିନୀ, ପ୍ରାଣ, ପ୍ରେମନାଥ, ଜୀବନ ଓ ତିନିଟି ଭୂମିକାରେ ଆଏସ୍ ଜୌହର । ଫିଲ୍ମ ତଥା ଏହାର ସମସ୍ତ ଗୀତ ସୁପର-ହିଟ୍ ହୋଇଥିଲା । ସଂଗୀତ ନିର୍ଦ୍ଦେଶନା ଦେଇଥିଲେ କଲ୍ୟାଣଜୀ-ଆନନ୍ଦଜୀ ଯୋଡ଼ି । 'ଓ ମେରେ ରାଜା', 'ପଲ୍ ଭର୍ କେ ଲିୟେ କୋଈ ହମେ ପ୍ୟାର୍ କର୍ ଲେ, ଝୁଠା ହୀ ସହୀ', 'ଓ ବାବୁଲ ପ୍ୟାରେ', 'ନଫରତ କରନେ ୱାଲୋଁ କୋ', 'ହୁସନ କେ ଲାଖୋ ରଂଗ' ଆଦି ଗୀତଗୁଡ଼ିକ ଏବେ ବି ଅଭୁଲା । 'ପହଲେ ରାମ'।, ଦୂଜା ରାମ' ଓ 'ତୀଜା ରାମ' ଭୂମିକାରେ ଲୋକଙ୍କୁ ହସାଇଥିଲେ ଜୌହର ଏବଂ ପାଇଥିଲେ ଫିଲ୍ମଫେଆର୍ ପୁରସ୍କାର । ଫିଲ୍ମଟି ପରେ ତେଲୁଗୁ, କନ୍ନଡ଼ ଓ ତମିଳ ଭାଷାରେ ପୁନଃ ନିର୍ମିତ ହୋଇଥିଲା । ରିମେକ୍‌ଗୁଡ଼ିକ ମଧ୍ୟ ବିପୁଳ ଲୋକପ୍ରିୟତା ହାସଲ କରିଥିଲା ।

# କ୍ୟାମେରା ଲାଗିଥିବା ଟୁଥ୍‌ବ୍ରଶ

ସମସ୍ତ ଦରକାରୀ ଜିନିଷ ଯେମିତିକି ଫ୍ୟାନ୍, ପାନିଆ, ବ୍ୟାଗ, ହେୟାରବ୍ୟାଣ୍ଡ ଆଦିରେ ଛୋଟ ଭିଡିଓ କ୍ୟାମେରା ଲାଗିବାର ଆମେ ଶୁଣୁଛେ । ମାତ୍ର ଏବେ ସିଏଟଲ୍ କମ୍ପାନୀ ଏପରି ଏକ ଟୁଥ୍‌ବ୍ରଶ୍ ଲଞ୍ଚ କରିଛି, ଯେଉଁଥିରେ ଏକ ଛୋଟ ଭିଡିଓ କ୍ୟାମେରା ରହିଛି । ଏଥିରେ ବ୍ରଶ୍ କଲେ ପାଟି ଭିତରକୁ ଆମେ ସୁବିଧାରେ ଦେଖିପାରିବା । ଲୌସ 'ପ୍ରୋଫିକ୍ସ'ନାମକ ଏହି ଟୁଥ୍‌ବ୍ରଶ୍ ୱିଲ୍‌ମେଟ୍ ଆମେରିକାର ଦନ୍ତ ଚିକିତ୍ସକ କ୍ରେଗ କୋହଲର ପ୍ରସ୍ତୁତ କରିଛନ୍ତି । ଏହି ବ୍ରଶ ଏବେ ବଜାରରେ ଡିସ୍‌କାଉଣ୍ଟରେ ୨୯୯ ଆମେରିକା ଡଲାରରେ ଉପଲବ୍ଧ ହେବ । ଏହି ଟୁଥ୍‌ବ୍ରଶରେ ମଧ ସ୍ମାର୍ଟଫୋନ୍‌କୁ ଭିଡିଓକୁ ପଠାଇବାକୁ ୱାଇଫାଇ ଏବଂ ବ୍ଲୁଟୁଥ୍ ଉପଲବ୍ଧ ଅଛି । ଦନ୍ତ ଚିକିତ୍ସକଙ୍କ କହିବା ଅନୁଯାୟୀ ଏହା ଦ୍ୱା ଆପଣ ଆପଣଙ୍କ ପାଟି ଭିତରର କୋଣ ଅନୁକୋଣ ଦେଖିପାରିବେ ଓ କେଉଁଠି କେତେ ସଫା ହୋଇଛି ମଧ ଜାଣିପାରିବେ ।



# ପୁଷ୍ପା କୁନିକାଙ୍କୁ ଜାତୀୟ କ୍ରୀଡା ଦିବସରେ ଜିଲ୍ଲାପାଳଙ୍କ ଦ୍ୱାରା ସମ୍ମାନୀତ




ରାୟଗଡ଼ା,୩୦।୮ (ନି.ପ୍ର): ରାୟଗଡ଼ା ଜିଲ୍ଲାପାଳ ଶ୍ରୀ ପ୍ରମୋଦ କୁମାର ବେହେରା ଜାତୀୟ କ୍ରୀଡ଼ା ଦିବସରେ ରାୟଗଡା ଜିଲ୍ଲାର ମାନ ରଖିଥିବା କ୍ରୀଡ଼ାବିତ୍ ପୁଷ୍ପା କୁନିକାଙ୍କୁ ସମ୍ମାନୀତ କରିଛନ୍ତି । କୋଭିଡ୍-୧୯ ନିୟମ ଅନୁଯାୟୀ ସାମାଜିକ ଦୁରତ୍ୱକୁ ବଜାୟ ରଖି, ସମସ୍ତ ନିୟମକୁ ମାନି ପ୍ରଥମ ଥର କରି ଜିଲ୍ଲା ପ୍ରଶାସନ ପକ୍ଷରୁ ନିଆରା ଢଙ୍ଗରେ କ୍ରୀଡ଼ା ଦିବସ ପାଳନ କରାଯାଇଛି । ଏଥିରେ ଜାତୀୟ ସ୍ତରରେ ଖେଲୋ ଇଂଣ୍ଡିଆ କ୍ରୀଡ଼ା ତରଫରୁ ଭୁବନେଶ୍ୱରରେ ଆୟୋଜିତ ରଗବି ଖେଳରେ ଅଂଶ ଗ୍ରହଣ କରି ବ୍ରୋ ପଦକ ଅର୍ଜନ କରି ଜିଲ୍ଲା ପାଇଁ ଗୋରବ ଆଣିଥିବା, ରାୟଗଡା ଜିଲ୍ଲା କଲ୍ୟାଣସିଂପୁର ବ୍ଲକର କ୍ରୀଡ଼ାବିତ୍ ପୁଷ୍ପା କୁନିକାଙ୍କୁ ଆଜି ଜିଲ୍ଲାପାଳ ଶ୍ରୀ ପ୍ରମୋଦ କୁମାର ବେହେରାଙ୍କ ଦ୍ୱାରା ସ୍ମୃତିଫଳକ ପ୍ରଦାନ କରା ଯାଇଥିଲା । ଏହି କ୍ରୀଡ଼ାବିତଙ୍କୁ ରାଜ୍ୟ କ୍ରୀଡା ବିଭାଗ ତରଫରୁ ୫୦୦୦/-ଟଙ୍କା ପୁରସ୍କାର ରାଶି ଓ ମାନ ପତ୍ର ପ୍ରଦାନ କରାଯିବ । ଆଜିର ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଶରତ ଚନ୍ଦ୍ର ପଣ୍ଡା, କ୍ରୀଡ଼ା ଅଧିକାରୀ ଶ୍ରୀ ଶେଖ ଅଲନୁର ଓ ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଏହା ପୂର୍ବରୁ ଆଜି ସକାଳେ ଜିଲ୍ଲା କ୍ରୀଡା ଅଧିକାରୀଙ୍କ ନେତୃତ୍ୱରେ ପ୍ରବାଦ ପୁରୁଷ ପୂର୍ବ ହକି ତାରକା ଧ୍ୟାନଚାନ୍ଦଙ୍କ ଫୋଟ ଚିତ୍ରରେ ମାଲ୍ୟର୍ପଣ କରାଯାଇଥିଲା। କ୍ରୀଡାବିତ୍ ପୁଷ୍ପା କୁନିକାଙ୍କ ଏହି ସଫଳତା ପାଇଁ ଜିଲ୍ଲାବାସୀଙ୍କ ତରଫରୁ ଓ ବୁଦ୍ଧିଜୀବୀ ମହଲରେ ଭୂୟସୀ ପ୍ରଶଂସା କରାଯାଇଛି। ପ୍ରଶାସନ ତରଫରୁ ମଧ ଏପରି କ୍ରୀଡାବିତ୍‌ମାନଙ୍କୁ ଉତ୍ସାହିତ ଓ ସମ୍ମାନୀତ କରିବା ଦ୍ୱାରା ଆଗାମୀ ଦିନରେ ଜିଲ୍ଲାରେ ଆହୁରି ଅଧିକରୁ ଅଧିକ ଯୁବକ ଓ ଯୁବତୀ ଏହା ପ୍ରତି ପ୍ରେରିତ ହୋଇ ପାରିବେ ବୋଲି ଆଶା କରାଯାଉଛି ।

# ଭଟ୍ଟାଚାର୍ଯ୍ୟ ଏନଟିପିସି ନିର୍ଦ୍ଦେଶକ ଭାବରେ ଦାୟୀତ୍ୱ ଗ୍ରହଣ କଲେ ଉଜ୍ଜ୍ୱଳ କାନ୍ତି

ନୂଆଦିଲ୍ଲୀ,୩୦।୮ (ନି.ପ୍ର): ଶ୍ରୀ ଉଜ୍ଜ୍ୱଳ କାନ୍ତି ଭଟ୍ଟାଚାର୍ଯ୍ୟ ୨୮ ଅଗଷ୍ଟ ୨୦୨୦ରେ ଏନଟିପିର ନିର୍ଦ୍ଦେଶକ(ପ୍ରୋଜେକ୍ଟ) ହିସାବରେ ଦାୟିତ୍ୱ ଗ୍ରହଣ କରିଅଛନ୍ତି। ଶ୍ରୀ ଭଟ୍ଟାଚାର୍ଯ୍ୟ ୧୯୮୪ ମସିହାର ଇଞ୍ଜିନିୟରିଂ ଏକ୍‌ଜିକ୍ୟୁଟିଭ, ପ୍ରଶିକ୍ଷାର୍ଥୀମାନଙ୍କର ନବମ ବ୍ୟାଚ୍ ହିସାବରେ ଯୋଗ ଦେଇଥିଲେ ଏବଂ ପ୍ରଥମେ ମଧ୍ୟପ୍ରଦେଶରେ ଅବସ୍ଥିତି ଏନଟିପିସିର କୋରବା ଠାରେ ଯୋଗଦାନ କରିଥିଲେ। ସେ କୋଲକାତାର ଯାଦବପୁର ବିଶ୍ୱବିଦ୍ୟାଳୟରୁ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂରେ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି। ସେ ଗୁରୁଗାଓଁ ସ୍ଥିତ ଏମଡିଆଇରୁ ମ୍ୟାନେଜମେଂଟରେ ମଧ ପିଜି ଡିପ୍ଲୋମା ପାଠ୍ୟକ୍ରମ ସମାପ୍ତ କରିଛନ୍ତି। ଶ୍ରୀ ଭଟ୍ଟାଚାର୍ଯ୍ୟ ଗ୍ରୀନ୍ ଫିଲ୍ଡ ପ୍ରୋଜେକ୍ଟ ନିର୍ମାଣ କ୍ଷେତ୍ରରେ ନିଜର କର୍ମଜୀବନ ଆରମ୍ଭ କରିଥିଲେ ଏବଂ ପରେ ପଶ୍ଚିମବଙ୍ଗ ସ୍ଥିତ ଏନ୍‌ଟିପିସି ଫରକା(୨୧୦୦ ମେଗାୱାଟ) ଠାରେ ପାୱାର ପ୍ଲାଂଟ ଅପରେସନ ଏବଂ ରକ୍ଷଣାବେକ୍ଷଣ, ନବୀକରଣ ଏବଂ ଆଧୁନିକୀକରଣ, ପରିବେଶ ପରିଚାଳନା ଏବଂ ବୈଷୟିକ ସେବା କ୍ଷେତ୍ରରେ କାର୍ଯ୍ୟ କରିଥିଲେ। ବିଭିନ୍ନ ବିଭାଗରେ କାର୍ଯ୍ୟ କରିବାପରେ ସେ ଓଡ଼ିଶା ରାଜ୍ୟ ବିଦ୍ୟୁତ ବୋର୍ଡ଼ରୁ ଅଧିଗ୍ରହଣ କରାଯାଇଥିବା ଏକ ପୁରୁଣା ତଥା କମ୍ ଦକ୍ଷତା ସମ୍ପନ୍ନ(୪୫୦ ମେଗାୱାଟ) ତାଳଚେର ଥର୍ମାଲରେ ଯୋଗ ଦେଇଥିଲେ। ତାଙ୍କର ତତ୍ତ୍ୱାବଧାନରେ ତାଙ୍କ ଦଳ ସହଯୋଗରେ ଆଗାମୀ ବର୍ଷଗୁଡ଼ିକରେ ତାଳଚେର ଥର୍ମାଲ ଏକ ଶ୍ରେଷ୍ଠ ପ୍ରଦର୍ଶନକାରୀ ରୂପେ ପରିଗଣିତ ହେଲା। ଶ୍ରୀ ଭଟ୍ଟାଚାର୍ଯ୍ୟ ଏନଟିପିସିର ଅଧିଗ୍ରହଣ ଏବଂ ଉତ୍ପାଦନ ବୃଦ୍ଧି ବ୍ୟବସାୟରେ ବିବିଧତା ତଥା ଅଣକାର୍ବନିକ ମାର୍ଗ ମାଧମରେ ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ କରିଛନ୍ତି। କୋଲଡାମର ଅଧିଗ୍ରହଣ ଏବଂ ବିଦ୍ୟୁତ ବିତରଣ ବ୍ୟବସାୟ ପାଇଁ ଏନଇଏସସିଏଲ ନାମରେ ଏକ ସହାୟକ କମ୍ପାନୀ ପ୍ରତିଷ୍ଠା ସହିତ, ଘରୋଇ ଏବଂ ଆନ୍ତର୍ଜାତିକ କ୍ଷେତ୍ରରେ ଏନଟିପିସିର ବ୍ୟବସାୟ ବିକାଶ କାର୍ଯ୍ୟରେ ତାଙ୍କର ଉଲ୍ଲେଖନୀୟ ଅବଦାନ ରହିଛି। ସେ ବାଲାଂଦେଶରେ ୧୩୨୦ ମେଗାୱାଟ ମୈତ୍ରୀ ବିଦ୍ୟୁତ ପ୍ରକଳ୍ପ ପାଇଁ ପ୍ରସ୍ତୁତ ପ୍ରକଳ୍ପ ପରିକଳ୍ପନା କରିବା ଦିଗରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛନ୍ତି।

# ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ଙ୍କ ସମୀକ୍ଷା ବୈଠକ

ପୁରୀ,୨୯/୮-ଆଜି ପୁରୀ ସର୍କିଟ ହାଉସ ସମ୍ମିଳନୀ କକ୍ଷଠାରେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଂଜୟ ଦାସ ବର୍ମା ପ୍ରଶାସନିକ ଅଧିକାରୀ, ଜଳସଂପଦ ଅଧିକ୍ଷଣ ଯନ୍ତ୍ରୀ ଙ୍କ ସହ ବର୍ତ୍ତମାନ ଜିଲାରେ ଲଗାଣ ବର୍ଷା ଯୋଗୁଁ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତି ର ମୁକାବିଲା ସଂପର୍କରେ ବିସ୍ତୃତ ସମୀକ୍ଷା କରିଥିଲେ। ପୁରୀ ଜିଲାରେ ବନ୍ୟା ପ୍ରପୀଡୀତ ଲୋକଙ୍କୁ କିପରି ସୁରକ୍ଷିତ ସ୍ଥାନକୁ ଅଣାଯାଇ ପାରିବ ଓ ଆଗାମୀ ଦିନରେ ଅଧିକ ବର୍ଷା ହେଲେ କିପରି ପରିସ୍ଥିତି କୁ ନିୟନ୍ତ୍ରଣ କରାଯାଇପାରିବ ସେ ସଂପର୍କରେ ଆଲୋଚନା କରିଥିଲେ। ଉକ୍ତ ବୈଠକରେ ଜିଲାପାଳ ବଲବନ୍ତ ସିଂ, ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ସୁବାଶ ନାଥ ଶ୍ରମା, ଉପଜିଲାପାଳ ଭବତରଣ ସାହୁ ,ଜଳସଂପଦ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଚିନ୍ମୟ ରାଉତ୍ ,ଡ୍ରେନେଜ ବିଭାଗ ଏକଜୁକ୍ୟୁଟିଭ ଇଞ୍ଜିନିୟର ଭଗବାନ ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀ ଦାସ ବର୍ମା ଜିଲାରେ ଥିବା ଦୟା, ଭାର୍ଗବୀ,ରତ୍ନଚୀରା,ଲୁଣା ଏବଂ ମକରା ନଦୀର ବିଭିନ୍ନ ସ୍ଥାନରେ ଅସୁରକ୍ଷିତ ନଦୀବନ୍ଧ ଗୁଡିକ ଉପରେ ତୀକ୍ଷ୍ଣ ନଜର ରଖିବା ପାଇଁ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ମହାନଦୀ ରୁ ଉପରୋକ୍ତ ନଦୀ ଗୁଡିକୁ ୫ ଲକ୍ଷ କ୍ୟୁସେକ ଜଳ ପ୍ରବାହିତ ହେବାର ସମ୍ଭାବନା ରହିଛି। ଯାହାକି ଚିଲିକା ହ୍ରଦ ରେ ମିଶିବ। ପୁରୀ ଜିଲାରେ ଏକ ମଧମ ଧରଣର ବନ୍ୟା ହୋଇପାରେ ବୋଲି ଶ୍ରୀ ଦାସ ବର୍ମା ଆଶଙ୍କା ପ୍ରକାଶ କରିଥିଲେ ଏବଂ ଏହାର ମୁକାବିଲା ନିମନ୍ତେ ଏନଡିଆରଏଫ ଓ ଓଡରାଫ ଟିମ ମୃତୟନ କରିବା ସହ ବନ୍ୟା ପ୍ରଭାବିତ ଲୋକଙ୍କୁ ଅତ୍ୟାବଶୀୟ ସ୍ୱାସ୍ଥ୍ୟ ସେବା ଓ ସ୍ୱଛ ପାନୀୟ ଜଳ ଯୋଗାଣ ନିମନ୍ତେ ପ୍ରସ୍ତୁତ ରହିବା ପାଇଁ ସେ ପରାମର୍ଶ ଦେଇଥିଲେ। ଏଥିସହ ରିଲିଫ ଓ ପୁର୍ନଉଦ୍ଧାର ପାଇଁ ପ୍ରସ୍ତୁତ ରହିବା ପାଇଁ ଶ୍ରୀ ଦାସ ବର୍ମା ଜିଲା ପ୍ରଶାସନ କୁ ନିର୍ଦ୍ଦେଶ ଦେଇଥିଲେ। ରାଜସ୍ୱ ଅଧିକାରୀ ମାନଙ୍କୁ ବନ୍ୟା ପରେ ଅତି ଶୀଘ୍ର ଫସଲ କ୍ଷୟକ୍ଷତିର ଆକଳନ କରିବା ପାଇଁ କୁହାଯାଇଥିଲା। ଜିଲାପାଳ ଗତକାଲି ଭିଡିଓ କନଫରେନ୍ସିଂ ମାଧମରେ ଜିଲାର ସମସ୍ତ ଗୋଷ୍ଠୀ ଉନୟନ ଅଧିକାରୀ, ତହସିଲଦାର ଏବଂ ଥାନା ଅଧିକାରୀ ମାନଙ୍କ ସହ ବନ୍ୟା ପରିସ୍ଥିତି ର ମୁକାବିଲା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା।ଏବଂ ଜିଲାପ୍ରଶାସନ ସମସ୍ତ ପରିସ୍ଥିତିର ଦୃଢ ମୁକାବିଲା ପାଇଁ ସଂପୂର୍ଣ୍ଣ ସଜାଗ ଏବଂ ପ୍ରସ୍ତୁତ ଅଛି ବୋଲି ପ୍ରକାଶ କରିଥିଲେ।

## ବୋଡେନ ପଂଚାୟତ ସଟ୍‌ଡାଉନ ଘୋଷଣା କଲେ ସରପଞ୍ଚ

ନୂଆପଡା,୩୦।୮ (ନି.ପ୍ର): ନୂଆପଡା ଜିଲ୍ଲା ବୋଡେନ ଠାରେ କରୋନା ପୋଜିଟିଭ ଚିହ୍ନଟ ପରେ ବୋଡେନ ପଂଚାୟତକୁ ସଟ୍‌ଡାଉନ ଘୋଷଣା କରାଯାଇଛି । ନୂଆପଡା ଜିଲ୍ଲାପାଳ ଡ. ମଧୁସ୍ମିତା ସହୁଙ୍କ ନିର୍ଦ୍ଦେଶ କ୍ରମେ ବୋଡେନ ତହସିଲଦାର ରାଜେଶ କୁମାର ମେହେର ୪୮ ଘଂଟିଆ ବୋଡେନ ପଂଚାୟତ ସଟ୍‌ଡାଉନ ଘୋଷଣା କରିଛନ୍ତି । ଶନିବାର ସକାଳ ୬ ଘଂଟାରୁ ସୋମବାର ସକାଳ ୬ ଘ । ପର୍ଯ୍ୟନ୍ତ ସଟ୍‌ଡାଉନ ରହିବ । ଅତି ଅତ୍ୟାବଶ୍ୟକ ସେବାକୁ ଛାଡି ଅନ୍ୟ ସବୁ ସେବା ବନ୍ଦ ରହିବାକୁ ନିର୍ଦ୍ଦେଶାନାମା ଜାରୀ କରାଯାଇଛି । ପୁଲିସ ବିଭିନ୍ନ ସ୍ଥାନରେ ଜଗି ରହି ଯା ପରତାଲ କରୁଥିବା ସୂଚନା ମିଳିଛି । ଅନ୍ୟପକ୍ଷରେ ଆଜି ନୂଆପଡା ଜିଲ୍ଲାରେ ୧୯ ଜଣ କୋଭିଡ ପଜିଟିଭ ଚିହ୍ନଟ ହୋଇଛନ୍ତି ।

# ୧୨ନଂ ୱାର୍ଡର ଡ୍ରେନ ପୁନଃଉଦ୍ଧାର କଲେ ସ୍ୱୟଂ ସହାୟକ ଗୋଷ୍ଠୀ

ଜଳେଶ୍ୱର,୩୦।୮ (ନି.ପ୍ର): ସରକାର ସ୍ୱୟଂ ସୟାୟକ ଗୋଷ୍ଠୀଙ୍କୁ ଗୁରୁତ୍ୱ ଦେଇ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରୁଥିବା ବେଳେ ଏଣିକି ଜଳେଶ୍ୱର ମ୍ୟୁନିସିପାଲଟିର ୧୨ନଂ ୱାର୍ଡରେ ଥିବା ସ୍ୱୟ ସହାୟକ ଗୋଷ୍ଠୀ ଡ୍ରେନ୍ ପୁନଃଉଦ୍ଧାର ଲାଗି ଟେଣ୍ଡର ନେଇଛନ୍ତି । ଏହା ଜଣାଯିବାପରେ ସ୍ଥାନୀୟ ବାସିନ୍ଦାମାନେ ସେମାନଙ୍କୁ ପ୍ରସ୍ତୋହିତ କରୁଥିବା ଜଣାଯାଇଛି । ୧୨ନଂ ୱାର୍ଡର ରେଳବାଇ ଲେବୁଲ କ୍ରସିଂ ଠାରୁ ହସ୍‌ପିଟାଲ ପର୍ଯ୍ୟନ୍ତ ଡ୍ରେନ୍ ସଫା କରିବାଲାଗି ହୋଇଥିବା ଟେଣ୍ଡରରେ ଶ୍ରୀଜଗନ୍ନାଥ ଏସ୍‌ଏଚ୍‌ଜି ଗ୍ରୁପ ୯୨ହଜାର ଟଙ୍କାରେ ଡ୍ରେନ୍ ପୁନଃଉଦ୍ଧାର ଲାଗି କାର୍ଯ୍ୟାଦେଶ ପାଇଛନ୍ତି। ଗତ ୪ଦିନ ଧରି ଏହାର ସଦସ୍ୟାମାନେ ନିଜେ ଝୁଡା କୋଦାଳ ଧରି ଡ୍ରେନ୍‌ରୁ ବାଲି, ମାଟି, ଆବର୍ଜନା ସଫା କରୁଥିବାର ଦେଖିବାକୁ ମିଳିଛି ।ଜଳେଶ୍ୱର ମ୍ୟୁନିସିପାଲଟିରର ଏହା ଏକ ଉଦାହରଣ ହୋଇଥିବା ବେଳେ ଆସନ୍ତା ଦିନରେ ଅନ୍ୟ ଏସ୍‌ଏଚ୍‌ଜି ଗ୍ରୁପମାନେ ଅଧିକ ଆପଣେଇବେ ବୋଲି ମ୍ୟୁନିସିପାଲଟିର କାର୍ଯ୍ୟନିର୍ବାୟୀ ଅଧିକାରୀ ଅଜୟ ମହାପାତ୍ର କହିଛନ୍ତି । ୧୨ନଂ ୱାର୍ଡ ନୂଆବଜାରରେ ମହିଳାମାନଙ୍କ ଏପରି କାର୍ଯ୍ୟକୁ ସାଧାରଣରେ ସ୍ୱାଗତ କରାଯାଇଛି ।

# ରାୟଗଡ଼ା ଜିଲ୍ଲାରେ ପଦୋନ୍ନତି ତାଲିକାକୁ ନେଇ ଶିକ୍ଷକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ

ରାୟଗଡ଼ା,୩୦।୮ (ନି.ପ୍ର): ଓଡିଶା ଗଣଶିକ୍ଷା ବିଭାଗ ଦ୍ୱାରା ଶିକ୍ଷକ ଶିକ୍ଷୟତ୍ରୀଙ୍କ ପଦୋନ୍ନତି ପାଇଁ ଗତ କିଛିଦିନ ତଳେ ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ଏନେଇ ରାଜ୍ୟର ବିଭିନ୍ନ ଶିକ୍ଷଧିକାରିମାନଙ୍କୁ ଶିକ୍ଷକ ଶିକ୍ଷୟତ୍ରୀମାନଙ୍କ ତୁରନ୍ତ ପଦୋନ୍ନତି ତାଲିକା ପସ୍ତୁତ କରାଯିବା ନେଇ ବିଭାଗ ଦ୍ୱାରା ଚିଠି କରାଯାଇଛି। ଏନେଇ ରାୟଗଡା ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟରୁ ଶିକ୍ଷକଙ୍କ ପ୍ରୋଭିଜିନାଲ ପଦୋନ୍ନତି ଗତ ୬ ତାରିଖ ପତ୍ର ସଂଖ୍ୟା ୩୫୨୪/୨୦ରେ ପ୍ରକାଶ ପାଇଥିଲା। ତେବେ ଏହି ପଦୋନ୍ନତି ତାଲିକାରେ ବ୍ୟାପକ ତୃଟି ଥିବା ଦୃଷ୍ଟି ଗୋଚର ହୋଇଛି । ଶିକ୍ଷକ ଶିକ୍ଷୟତ୍ରୀଙ୍କ ବହୁ ପ୍ରତୀକ୍ଷିତ ଆଶା ବର୍ତ୍ତମାନ ଅନ୍ଧାର ଆଡକୁ ଚାଲିଯାଇଛି । ସରକାରୀ ନିର୍ଦ୍ଦେଶ ନାମାରେ ମୂଳ ନିଯୁକ୍ତି ସମୟରେ ଶିକ୍ଷାଗତ ଯୋଗ୍ୟତାକୁ ଆଧାର କରି ଗ୍ରେଡେସନ୍ ହେବାକୁ ଥିବାବେଳେ ଏପରି ନ ହୋଇ ଯିଏ ଆଗରେ ଚାକିରୀରେ ନିଯୁକ୍ତି ପାଇ ପରବର୍ତ୍ତୀ ସମୟରେ ନିଜର ଶିକ୍ଷାଗତ ଯୋଗ୍ୟତାକୁ ବର୍ଦ୍ଧିତ କରିଛି ତାହାକୁ ଗ୍ରେଡେସନ୍ ତାଲିକାରେ ଅଗ୍ରାଧିକାର ଦିଆଯାଇ ଥିବାରୁ ଶିକ୍ଷକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଦ୍ୱିତୀୟତଃ ପ୍ରକାଶ ପାଇଥିବା ଗ୍ରେଡେସନ ତାଲିକା ତରବରିଆ ଭାବେପ୍ରସ୍ତୁତ କରାଯାଇଥିବା ଯୋଗୁଁ ଜିଲ୍ଲାର ବିଭିନ୍ନ ବ୍ଲକରୁ ତଥା ରମାନଗୁଡା ବ୍ଲକରୁ ଗିରିଧାରୀ ସାହୁକାର ବିଷମ କଟକ ବ୍ଲକରୁ ଜଗବନ୍ଧୁ ପଟନାୟକ, ପଦ୍ମପୁର ବ୍ଲକରୁ କୃଷ୍ଣ ଚନ୍ଦ୍ର ପାତ୍ର ଓ ସୁରେଶ ଚନ୍ଦ୍ର ନାୟକ ଓ ସି ଲକୋଜି କାର୍ଯ୍ୟରୁ ଅବସର ଗ୍ରହଣ କରିଥିବା ବେଳେ ଗୁଣପୁର ବ୍ଲକରୁ ଜଗଦା ନନ୍ଦ ରାୟ, ରାୟଗଡା ବ୍ଲକ ରୁ ଗୋପୀନାଥ ଶଙ୍ଖୁଆ, ଭୁପେନ୍ଦ୍ର କବି, ଅନନ୍ତ ଚନ୍ଦ୍ର ରଥ , ରାୟଗଡା ପୌରାଞ୍ଚଳରୁ ଶ୍ରୀମତୀ ଏମ୍‌ଭିଏଲଏସ ସଲୀଳାକୁମାରି, କଲ୍ୟାଣସିଂପୁର ବ୍ଲକରୁ କୃଷ୍ଣ ଚନ୍ଦ୍ର ଦାଶ, କଲନୋରା ବ୍ଲକରୁ ଲକ୍ଷ୍ମୀ ଧର ବେଜ ଓ କାହ୍ନୁ ଚରଣ ହୋତା ପ୍ରମୁଖ ଅବସର ଗ୍ରହଣ କରିଥିବା ଶିକ୍ଷକ ଶିକ୍ଷୟତ୍ରୀଙ୍କ ନାମକୁ ପୁନଃ ତାଲିକାରେ ଭର୍ତି କରାଯାଇଛି। ଫଳରେ ଗ୍ରେଡ଼େସନ ତାଲିକାରେ ଶିକ୍ଷକ କେଉଁ ସ୍ଥାନରେ ବର୍ତ୍ତମାନ ଅବସ୍ଥାପିତ ହୋଇଛନ୍ତି ତାହା ଜାଣିବା ଶିକ୍ଷକଙ୍କୁ କାଠିକର ପାଠ ହୋଇପଡିଛି। ସେହିପରି ପଦୋନ୍ନତି ତାଲିକା ଭି (ଏ)ର ଅପେକ୍ଷା ରତ ବରିଷ୍ଠ ଶିକ୍ଷକ ଶିକ୍ଷୟତ୍ରୀ ଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କରାଯାଇ ଅନ୍ତଃ ଜିଲ୍ଲା ବଦଳି ତଥା ପଦୋନ୍ନତି ତାଲିକା ଭି (ଏ)ର କ୍ରମିକ ସଂଖ୍ୟା ୨୦ ରେ ଥିବା ରାମନାଗୁଡା ବ୍ଲକର ତ୍ରିନାଥ ପାତ୍ର, କ୍ରମିକ ସଂଖ୍ୟା ୨୫୫ ରେ ଥିବା କୋଟେଶ ଚନ୍ଦ୍ର ପାତ୍ର, ୨୫୯ରେ ଥିବା ବସନ୍ତ କୁମାର ପାଣିଗ୍ରାହୀ, କ୍ରମିକ ସଂଖ୍ୟା ୧୨୬ରେ ଥିବା ସତ୍ୟନାରାୟଣ ପାତ୍ର, କ୍ରମିକ ସଂଖ୍ୟା ୩୮ରେ ଥିବା ରାୟଗଡା ବ୍ଲକର କାଶୀନାଥ ମିଶ୍ର, କ୍ରମିକ ସଂଖ୍ୟା ୩୦୮ରେ ଥିବା ଯୋତ୍ସନା ମହାପାତ୍ର, କ୍ରମିକ ସଂଖ୍ୟା ୫୭୮ରେ ଥିବା ରାଜକିଶୋର ପଟନାୟକ, କ୍ରମିକ ସଂଖ୍ୟା ୬୧୪ରେ ଥିବା ରଶ୍ମିତା ପଟନାୟକ, କ୍ରମିକ ସଂଖ୍ୟା ୬୨୫ ରେ ଥିବା ସୁଶାନ୍ତ ସ୍ୱାଇଁ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ଥିବା ଜଣାପଡିଛି । ତାଲିକାକୁ ପୁନଃ ଯାଞ୍ଚ କରାଗଲେ ଆହୁରି ଅନେକ ତୃଟି ବାହାରିବ ବୋଲି ରାୟଗଡା ଜିଲ୍ଲା ବି ଏଡ଼ ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ଏକ ଦାବିପତ୍ର ଜିଲ୍ଲା ପ୍ରଶାସନ ସମେତ ସମସ୍ତ ବିଇଓଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ବୋଲି ସଂଘର ସଭାପତି ପ୍ରକାଶ ଚନ୍ଦ୍ର ରଥ ଓ ସମ୍ପାଦକ ପ୍ରଭାତ କୁମାର ମହାପାତ୍ର ସୂଚନା ପ୍ରଦାନ କରିଛନ୍ତି।

# ମାଲକାନଗିରିରେ ଜାତୀୟ କ୍ରୀଡା ଦିବସ ପାଳିତ

ମାଲକାନଗିରି,୩୦।୮ (ନି.ପ୍ର): ଆଜି ଜାତୀୟ କ୍ରୀଡ଼ା ଦିବସ ଅବସର ରେ ମାଲକାନଗିରି ଗର୍ଟସ ଷ୍ଟଡ଼ିୟାମ୍ ଇନଡୋର୍ ହଲ ମଧରେ, କୋଭିଡ ୧୯ ପ୍ରୋଟୋକୋଲ ନିୟମ ଅନୁଯାଇ ମାସ୍କ ପିନ୍ଧି, ହ୍ୟାଣ୍ଡ ସାନିଟାଏଜ କରି ଏବଂ ସାମାଜିକ ଦୂରତା ବଜାଇ ରଖି ସମସ୍ତ ନିୟମ କୁ ମାନି, ପ୍ରଥମ ଥର ଜିଲ୍ଲା ପ୍ରଶାସନ ପକ୍ଷରୁ ନିଆରା ଢଙ୍ଗରେ କ୍ରୀଡ଼ା ଦିବସ ପାଳନ କରାଯାଇଛି। ଏଥିରେ ଜାତୀୟ ଏବଂ ଆନ୍ତର୍ଜାତୀୟ ସ୍ତରରେ ବିଭିନ୍ନ କ୍ରୀଡ଼ା ବିଭାଗରେ ଭାଗ ନେଇ ଜିଲ୍ଲା ପାଇଁ ଗୋ ?ରବ ଆଣିଥିବା କ୍ରୀଡ଼ାବିତ୍ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପ୍ରଶଂସା ପତ୍ର ଏବଂ ସ୍ମୃତିଫଳକ ପ୍ରଦାନ କରା ଯାଇଥିଲା । ଏବଂ ସମସ୍ତ କ୍ରୀଡ଼ାବିତ୍ ସେମାନଙ୍କ ନିଜସ୍ୱ ଅଭିଜ୍ଞତା ଏହି ମଂଚରେ ବାଂଟି ଥିଲେ। ଆଜିର ଏହି କାର୍ଯ୍ୟକ୍ରମ କୁ ପ୍ରଚାର ପ୍ରସାର ଏବଂ କ୍ରୀଡ଼ା ଭିତିଭୂମି ର ଉନ୍ନତି କରଣ ପାଇଁ ବିଭିନ୍ନ ବ୍ଲକ ଏବଂ ପଂଚାୟତ ରୁ୧୦୦ ରୁ ଉର୍ଦ୍ଧ କ୍ରୀଡ଼ାବିତ୍ ଏବଂ କ୍ରୀଡ଼ାପ୍ରେମୀ ମାନଙ୍କୁ ନେଇ ଏକ ଓ଼ବେନାର ମିଟିଙ୍ଗ ପ୍ରଶାସନ ପକ୍ଷରୁ କରା ଯାଇଥିଲା !ଏହି କାର୍ଯକ୍ରମ କୁ ଜିଲ୍ଲା ଗ୍ରାମ୍ୟ ଉନୟନ୍ନ ପ୍ରକଳ୍ପ ନିର୍ଦ୍ଦେଶକ ବାଳ ମୁକୁନ୍ଦ ଭୂୟାଁ ଏବଂ ଜାତୀୟ ମହିଳା କ୍ରିକେଟର ରିତୁ ସିଂ ନିର୍ବାହ କରିଥିଲେ। ଜିଲ୍ଲାପାଳ ମନୀଷ ଅଗ୍ରୱାଲ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତସଭାରେ ମୁଖ୍ୟ ଅଥିତି ଭାବେ ସ୍ୱତନ୍ତ୍ର ଉନୟନ୍ନ ପରିଷଦ ଅଧ୍ୟକ୍ଷ ମାନସ ମାଡକାମୀ, ଅତିଥିଭାବେ ଉପଜିଲ୍ଲାପାଳ ରାମେଶ୍ୱର ପ୍ରଧାନ , ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦିଲୀପ ସାମନ୍ତରାୟ ଏବଂ ଜିଲ୍ଲା କ୍ରୀଡା ଅଧିକାରୀ କୁଳମଣି ନିଆଲ, ଉପସ୍ଥିତ ରହି ସମସ୍ତ କ୍ରୀଡ଼ା ବିତ୍ ମାନଙ୍କୁ ନିଜର ବକ୍ତବ୍ୟ ମାଧମରେ ପ୍ରେରଣା ଦେଇଥିଲେ। ଏହି କାର୍ଯ୍ୟକ୍ରମ ରେ ବିଶେଷ ରୂପରେ ଜଣେ କ୍ରୀଡ଼ା ସଂଗଠକ ଆଉ ସମାଜସେବୀ ଭାବରେ ବିନାଶ କୁମାର ମିଶ୍ର ଙ୍କୁ ସଂମାନ କରା ଯାଇଥିଲା !ସମ୍ପୂର୍ଣ କାର୍ଯ୍ୟକ୍ରମ କୁ ରଂଜନ କୁମାର ମହାନ୍ତି, ନିତ୍ୟାନନ୍ଦ ପ୍ରଧାନ, କ୍ରୀଡା ଶିକ୍ଷକ ଏବଂ ଗଣମାଧମ ର ପ୍ରତିନିଧି ସମେତ ସମସ୍ତ ବ୍ୟକ୍ତି ମାନେ ଭାଗନେଇ ସହଯୋଗ ପ୍ରଦାନ କରିଥିଲେ !

## ବନ୍ୟା ସ୍ରୋତରେ ଭାସିଯାଇଥିବା ବାଳକ ଉଦ୍ଧାର

ଭୁବନ,୩୦।୮ (ନି.ପ୍ର): ଭୁବନ ଏନଏସି ଅନ୍ତର୍ଗତ ଏ ନମ୍ବର ୱାର୍ଡର ହୃଦାନନ୍ଦ ଗୋଛାୟତଙ୍କ ବାଳକ ପୁଅ ବିଶାଲ(୧୮) ଗତକାଲି ଦିବା ୧୦ ଘଟିକା ସମୟରେ ବୁଦ୍ଧେଶ୍ୱର ନାଳରେ ଗାଧୋଉଥିବା ବେଳେ ହଠାତ ବନ୍ୟା ପାଣି ମାଡି ଆସିବାରୁ ସେ ଭାସିଯାଇଥିଲେ । ଏ ସଂପର୍କରେ ସୂଚନା ପାଇ ଦମକଳ ବାହିନୀ ବହୁ ଖୋଜାଖୋଜି କରିଥିଲେ ମଧ ତାଙ୍କର କୌଣସି ପତା ମିଳିନଥିଲାବେଳେ ଆଜି ସକାଳେ ବୁଦ୍ଧେଶ୍ୱର ମନ୍ଦିର ଠାରୁ ୫୦୦ ମିଟର ଦୂର ଦକ୍ଷୀଣକାଳୀ ମନ୍ଦିର ନିକଟସ୍ଥ ବାଉଁଶ ବୁଦାରୁ ଶବ ଉଦ୍ଧାର ହୋଇଥିଲା । ଭୁବନ ଥାନା ଏଏସଆଇ ଲକ୍ଷ୍ମୀଧର ରଣା ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ । ଏ ସଂପର୍କରେ ଭୁବନ ଥାନାରେ କେଶ ନଂମ୍ବର- ୧୬/୨୦୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଜଣାପଡିଛି ।

## ମାଛ ବିକି ପରିବାର ପୋଷୁଛି ନାବାଳକ

ନୂଆପଡା,୩୦।୮ (ନି.ପ୍ର): ରାଜୀବ ବେହେରା ବୟସ ୧୪ ବର୍ଷ, ଏ ବର୍ଷ ମାଟ୍ରିକ ପଢିବ । ମହାମାରୀ କରୋନା ପାଇଁ ପାଠ ପଢା ବନ୍ଦ ରହିଥିବା ବେଳେ ମାଁ ଓ ଛୋଟ ଭଉଣି ପାଟିରେ ଖାଦ୍ୟ ମୁଠାଏ ଦେବା ପାଇଁ ଗାଁ ଗାଁ ବୁଲି ମାଛ ବିକୁଛି । ବଲାଙ୍ଗିର ଜିଲ୍ଲାର ବଙ୍ଗୋମୁଣ୍ଡା ବ୍ଲକର ଶ୍ରୀରାମ ଗ୍ରାମର ବିଜୟ ବେହେରାଙ୍କୁ ପୁଅ ହେଉଛି ରାଜୀବ । ତାଙ୍କ ବାପା ପ୍ରଥମ ସ୍ତ୍ରୀଙ୍କୁ ଛାଡିବା ପରେ ରାଜୀବର ମାଁ ରଙ୍ଗଲତାଙ୍କୁ ବିବାହ କରିଥିଲେ । ପରେ ରଙ୍ଗଲତାକୁ ଛାଡି ଆଉ ଜଣେକୁ ବିବାହ କରିଥିବା ବେଳେ ରଙ୍ଗଲତା, ରାଜୀବ ଏବଂ ଝିଅ ପୁଷ୍ପାଞ୍ଜଳୀ(୧୨)ଙ୍କୁ ଧରି ବାପ ଘର ନୂଆପଡା ଜିଲ୍ଲାର ଖଡିଆଳ ବ୍ଲକ ଅନ୍ତର୍ଗତ ଦୋହେଲପଡା ଗ୍ରାମରେ ରହୁଛନ୍ତି । ରଙ୍ଗଲତା ଦୋହେଲପଡା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରୋଷେଇ କାର୍ଯ୍ୟ ପାଇଁ ନିଯୁକ୍ତି ପାଇଥିବା ବେଳେ କରୋନା ପାଇଁ ସ୍କୁଲ ବନ୍ଦ ଥିବାରୁ ଚଳିବା କଷ୍ଟକର ହୋଇପଡୁଛି, ଫଳରେ ମାଁ ଓ ଭଉଣିଙ୍କୁ ଦୁଇମୁଠା ଖାଦ୍ୟ ଦେବା ପାଇଁ ରାଜୀବ ଗାଁ ଗାଁ ବୁଲି ମାଛ ବିକୁଛନ୍ତି । ପ୍ରଶାସନ ଉକ୍ତ କରିବାରଙ୍କୁ ସହଯୋଗର ହାତ ବଢାଇବାକୁ ଜନସାଧାରଣରେ ଦାବୀ ହେଉଛି ।

## ଶ୍ରୀନଅରରେ ସୁନିଆ : ଆରମ୍ଭ ହେଲା ଗଜପତିଙ୍କ ୧୪୨୮ ସାଲ ଓ ୬୩ ଅଙ୍କ

ପୁରୀ,୩୦।୮ (ନି.ପ୍ର): ପରମ୍ପରା ଓ ରିତି ନୀତି ମତେ ଗଜପତି ଙ୍କ ସୁନିଆ ଉତ୍ସବ ଶନିବାର ସଂନ୍ଧ୍ୟା ରେ ଶ୍ରୀନଅରରେ ଅନୁଷ୍ଠିତ ହୋଇଥିଲା। ଆଜିଠାରୁ ଗଜପତି ଙ୍କ ୧୪୨୮ ସାଲ ଗଣନା ଆରମ୍ଭ ହୋଇଛି। ଏହି ଅବସରରେ ଏକ ସୁବର୍ଣ୍ଣ ମୁଦ୍ରା ରେ ୬୩ ଅଙ୍କ କଟାଯାଇଥିବା ବେଳେ ରାଜଗୁରୁ ଏହାକୁ ପ୍ରଦର୍ଶିତ କରିଥିଲେ।

# ଭୂଷଳ ପଂଚାୟତ ଜୟପୁର ଗ୍ରାମରେ ୧୫୧୯ ଜଣଙ୍କୁ ଶୁଖିଲା ଖାଦ୍ୟ ବଂଟନ

ଭୁବନ,୩୦।୮ (ନି.ପ୍ର): ଲଘୁଚାପ ଜନିତ ଲଗାଣ ବର୍ଷା ସାଙ୍ଗକୁ ରେଙ୍ଗାଲି ଡ୍ୟାମ ପାଣି ଛାଡିବା କାରଣରୁ ବ୍ରାହ୍ମଣୀ ଓ ଶାଖା ନଦୀ ରାମିଆଳ, ଡମଶାଳ ନଦୀରେ ଚଳିତ ବର୍ଷର ପ୍ରଥମ ବନ୍ୟା ଆସି ଭୁବନ ବ୍ଲକର ୬ଟି ପଂଚାୟତ ଜଳମଗ୍ନ ହୋଇପଡିଥିଲା । ବିଡିଓ ଆଶୀର୍ବାଦ ପରିଡା,ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ ଭୁବନ ବ୍ଲକର ପାଣି ଘେରରେ ଥିବା ବିଭିନ୍ନ ପଂଚାୟତ ଗସ୍ତକରି ଲୋକଙ୍କ ସମସ୍ୟା ବୁଝିଥିଲେ । ଭୁବନ ବ୍ଲକର ସବୁଠାରୁ ବେଶି କ୍ଷତିଗ୍ରସ୍ତ ଭୂଷଳ ପଂଚାୟତର ଜୟପୁର ଗ୍ରାମରେ ୧୫୧୯ ଜଣଙ୍କୁ ଚୁଡା, ଗୁଡ ଯୋଗାଇ ଦିଆଯାଇଥିବା ବେଳେ ୪୧୫ ଗୃହପାଳିତ ପଶୁଙ୍କୁ ମଧ ଗୋଖାଦ୍ୟ ଯୋଗାଇ ଦିଆଯାଇଥିବା ବ୍ଲକ ସୂତ୍ରରୁ ପ୍ରକାଶ । ଗତକାଲି ପାଣି ଘେରରେ ଥିବା ମାର୍ଥାପୁର ପଂଚାୟତର ମାଳପୁରା ଗ୍ରାମରେ ୧୫୦ ଜଣ,ସୁରପ୍ରତାପପୁର ପଂଚାୟତର କାଶିପୁର ଗ୍ରାମରେ ୫୦ ଜଣ , ବାଲିବୋ ପଂଚାୟତର ଅରିଲୋ ଗ୍ରାମରେ ୫୩ ଜଣ, ଏକତାଳି ପଂଚାୟତର ରୋଡଙ୍ଗ ଗ୍ରାମରେ ୧୭୧ ଜଣ ସମୁଦାୟ ୪୨୪ ଜଣ ଓ ଯମୁନାକୋଟ ପଂଚାୟତର ନୃସିଂହପୁର (କୃଷ୍ଣପୁର) ବନ୍ୟା ବିପନ୍ନ ଙ୍କୁ ଶୁଖିଲା ଖାଦ୍ୟ ବଂଟନ କରାଯାଇଥିଲା । ତେବେ ଚଳିତ ବନ୍ୟାରେ ଭୁବନ ବ୍ଲକରେ ୨୩୮୨ ଗାଈ,ବଳଦ,୮୧୨ ଛେଳି ମେଣ୍ଢା,୧୦୩୯ କୁକୁଡା ପ୍ରଭାବିତ ହୋଇଥିବା ବେଳେ ଅଦ୍ୟାବଧି ଗୋଖାଦ୍ୟ ଯୋଗାଇ ଦିଆଯାଇନଥିବା ଅଭିଯୋଗ ହୋଇଛି ।

## ଯୁରୋକା ସ୍ୱେଚ୍ଛାସେବୀ ସଙ୍ଗଠନ ଦ୍ୱାରା ଏନଏସିରେ ବୃକ୍ଷରୋପଣ କାର୍ଯ୍ୟକ୍ରମ



ନୀଳଗିରି,୩୦।୮ (ନି.ପ୍ର): ନୀଳଗିରିରେ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ୟୁରେକା ଦ୍ୱାରା ନୀଳଗିରିରେ ବିଭିନ୍ନସ୍ଥାନରେ ବୃକ୍ଷରୋପଣ କରାଯାଇଛି। ନୀଳଗିରିସହର ତଥା ଆଖ ପାଖ ଅଚଂଳରେବିଭିନ୍ନ ପ୍ରକାର ଜନହିତକର କାର୍ଯ୍ୟକରି ପ୍ରଶଂସା ସାଉଁଟୁ ଥିବା ଅନୁଷ୍ଠାନ ର କର୍ମକର୍ତ୍ତାମାନଙ୍କର ନିଃସ୍ୱାର୍ଥପର ସେବା ପାଇଁ ସର୍ବତ୍ରଚର୍ଚ୍ଚିତ, ପରିବେଶ ସନ୍ତୁଳନ ପାଇଁ ବୃକ୍ଷ ରୋପଣ କରିବା ପାଇଁ ବିଭିନ୍ନ ସମୟରେଏହି ଅନୁଷ୍ଠାନ ବୃକ୍ଷରୋପଣ କରିଥାଏ, ଅନୁଷ୍ଠାନରସଭାପତି ନିତ୍ୟାନନ୍ଦ ଦାସ ଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେଏହିକାଯ୍ୟକରାଯାଇଥିଲା, ଅନ୍ୟ ମାନଙ୍କ ମଧ୍ୟରେ ଏନଏସିକାର୍ଯ୍ୟ ନିର୍ବାହୀ ଅଧିକାରୀ ରତନ କୁମାର ପଟ୍ଟନାୟକ, ପ୍ରଫୁଲ୍ଲ ପରିଜା, ହିମାଂଶୁ ଦାସ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ୨୦୨୧ ଜନଗଣନାରେ ଆଦିବାସୀଙ୍କ ନିମନ୍ତେ ସ୍ୱତନ୍ତ୍ର ଧର୍ମ ସାରନା ଉଲ୍ଲେଖ କରିବା ପାଇଁ ଦାବି

ବାରିପଦା,୩୦।୮ (ନି.ପ୍ର): ବାରିପଦା ସହର ଉପକଣ୍ଠ ଗୁରୁ ଗରାମ ହଦ୍‌ହଦିଠାରେ ରବୀନ୍ଦ୍ର ନାଥ ମୁର୍ମୁଙ୍କ ଅଧକ୍ଷତାରେ ଆଦିବାସୀ ସମ୍ପ୍ରଦାୟର ବରିଷ୍ଠ ତଥା ସଚେତନ ନାଗରିକମାନଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ଭାରତ ଭୂଖଣ୍ଡର ମୂଳବାସୀ ଆଦିବାସୀ ସମ୍ପ୍ରଦାୟ ଅଟନ୍ତି। ସେମାନେ ନିଜର ଦେବତା ଭାବେ ପ୍ରକୃତକୁ ପୂଜା କରିଆସୁଛନ୍ତି। ପ୍ରକୃତିର କୌଣସି ରୂପ ନ ଥିବା ବେଳେ ସର ଦେବତାଙ୍କୁ ଆରାଧନା କରିବାକୁ କୌଣସି ମନ୍ଦିରର ଆବଶ୍ୟକ ହୋଇନଥାଏ । ଭାରତ ସ୍ୱାଧୀନ ହେବା ପୂର୍ବରୁ ପ୍ରଥମ ଜନଗଣନାରେ ଆଦିବାସୀମାନଙ୍କୁ ଅବ ଓରିଜିନ, ୧୮୮୧ରେ ଫରେଷ୍ଟ ଟ୍ରାଇବ, (ଜଙ୍ଗଲୀ ଜନ), ୧୮୯୧, ୧୯୦୧, ୧୯୧୧ ଜନଗଣନାରେ ଟ୍ରାଇବ ପ୍ରାକଟାଇଜିଂ ଏନିମିଜିମ୍, ୧୯୨୧ରେ ପାହାଡ଼ ଜଙ୍ଗଲରେ ରହୁଥିବା ଆଦିବାସୀ, ୧୯୩୧ରେ ଆଦିମ୍ ଜନ୍, ୧୯୪୧ରେ ଆଦିମ ମୂଳବାସୀ ବୋଲି ଉଲ୍ଲେଖ କରାଯାଇଥିବା ସମୟରେ ସ୍ୱାଧୀନତା ପ୍ରାପ୍ତି ପରେ ପ୍ରଥମ ଜନଗଣନା ୧୯୫୧ରୁ ୨୦୧୧ ଜନଗଣନା ପର୍ଯ୍ୟନ୍ତ ହୋଇଥିବା ୭ ଥରର ଜନଗଣନାରେ ଆଦିବାସୀମାନଙ୍କୁ ଅନୁସୂଚିତ ଜନଜାତି ଭାବେ ଉଲ୍ଲେଖ କରାଯାଇ ଆସିଛି । ବୈଠକରେ ବରିଷ୍ଠ ନାଗରିକମାନେ ହିନ୍ଦୁ ଧର୍ମର ମନୁବାଦୀ ଚର୍ତୁର୍ବର୍ଣ୍ଣ ବ୍ୟବସ୍ଥା ମଧରେ ଆଦିବାସୀ ସମ୍ପ୍ରଦାୟ କୌଣସି ସମୟରେ ନ ଥିଲେ ଅଥବା ବର୍ତ୍ତମାନ ମଧ ରହି ନାହାନ୍ତି ବୋଲି ମତପୋଷଣ କରିଥିଲେ । ଏଥି ସହିତ ଆଦିବାସୀ ସମ୍ପ୍ରଦାୟଙ୍କୁ ଅନୁସୂଚିତ ଜନଜାତି ପରିବର୍ତ୍ତେ ଅନୁସୂଚିତ ଜନ ଭାବେ ଉଲ୍ଲେଖ କରିବାରେ ଯଥାର୍ଥତା ରହିଛି । ସରକାରଙ୍କ ଦ୍ୱାରା ହେଉଥିବା ଜନଗଣନାରେ ଆଦିବାସୀମାନଙ୍କୁ ହିନ୍ଦୁ, ଖ୍ରୀଷ୍ଟିଆନ, ବୌଦ୍ଧ, ଜୈନ ଆଦି ଧର୍ମାଲମ୍ବୀ ଗଣନା କରିବା ଫଳରେ ଆଦିବାସୀମାନଙ୍କୁ ପର୍ଯ୍ୟାୟ କ୍ରମେ ଲୋପ କରାଇବା ପାଇଁ ଉଦ୍ୟମ କରାଯାଉଥିବାର ବରିଷ୍ଠ ତଥା ସଚେତନ ନାଗରିକମାନେ ଅନୁଭବ କରିଛନ୍ତି। ତେଣୁ ୨୦୨୧ ଜନଗଣନାରେ ଆଦିବାସୀ ଖେରୱାଳ ମୂଳବାସୀମାନଙ୍କର ସ୍ୱତନ୍ତ୍ର ଧର୍ମ ସାରନା ବୋଲି ଉଲ୍ଲେଖ କରାଇବାକୁ ବୈଠକରେ ସର୍ବସମ୍ମତି କ୍ରମେ ନିଷ୍ପତି ନିଆଯାଇଛି ଏବଂ ଭାରତ ସରକାରଙ୍କ ନିକଟରେ ଏଥି ନିମନ୍ତେ ଦାବି ଉପସ୍ଥାପନ କରାଯିବାର ସ୍ଥିରିକୃତ ହୋଇଛି। ଏହି ଆଲୋଚନାରେ ଅନ୍ୟମାନଙ୍କ ମଧରେ ଚନ୍ଦନ କିସ୍କୁ, ଚିନ୍ତୁ ସୋରେନ, ରଘୁନାଥ ମାଝି, ରବୀନ୍ଦ୍ର ନାଥ ସୋରେନ, ରବୀନ୍ଦ୍ର ନାଥ ମାର୍ଣ୍ଡି, ମାସଂ ବାସ୍କେ, ମୁଚିରାମ ସୋରେନ, ସୁଧୀର ମାର୍ଣ୍ଡି ପ୍ରମୁଖ ଯୋଗ ଦେଇଥିଲେ ।

## ବ୍ଲୁ ଫ୍ଲାଗ ବିଚ ସଂପର୍କୀତ ବିଚ ପରିଚାଳନା କମିଟି ବୈଠକ

ପୁରୀ,୩୦।୮ (ନି.ପ୍ର): ପୂର୍ବାହ୍ନ ୧୦ ଘଟିକା ସମୟରେ ପୁରୀ ଜିଲାପାଳ ତଥା ବିଚ ପରିଚାଳନା କମିଟିର ଅଧ୍ୟକ୍ଷ ବଲବନ୍ତ ସିଂ ଙ୍କ ଅଧକ୍ଷତା ରେ ପୁରୀ ଠାରେ ହେବାକୁ ଥିବା ପାଇଲଟ ବ୍ଲୁ ଫ୍ଲାଗ ବିଚ ର ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଜିଲା ଆରକ୍ଷୀ ଅଧିଖ୍ୟକ , ଜିଲା ବନ ଅଧିକାରୀ, ଜିଲା ଗ୍ରାମୀୟ ଉନୟନ ସଂସ୍ଥା ର ପ୍ରକଳ୍ପ ନିର୍ଦ୍ଦେଶକ ପୌରପାଳିକା ନିର୍ବାହୀ ଅଧିକାରୀ ଷ୍ଟେଟ ପଲ୍ୟୁସନ କନ୍ଟ୍ରୋଲ ବୋର୍ଡ ଭୁବନେଶ୍ୱର ର ରିଜୋନାଲ ଅଫିସର , ଆଇସିଜେଡଏମପି, ଏସପିଏମଇଉ ପୁରୀର ପ୍ରକଳ୍ପ ନିର୍ଦ୍ଦେଶକ ଓ ଉପଜିଲାପାଳ ଙ୍କ ସମେତ ସେସୁ , ରାସ୍ତା ଓ କୋଠାବାଡି ଓ ଜନସ୍ୱାସ୍ଥ୍ୟ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ମାନେ ଉପସ୍ଥିତ ଥିଲେ। ଆନ୍ତର୍ଜାତିକ ଖ୍ୟାତି ସଂପର୍ଣ୍ଣ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ମଧ ଏହି ବୈଠକ ରେ ଭାଗ ନେଇଥିଲେ। ଉକ୍ତ ବୈଠକରେ ଗୋଲଡେନ ବିଚ ରେ ପାର୍କିଂ ଫି ଓ ପାର୍କିଂ ପରିଚାଳନା, ବ୍ଲୁ ଫ୍ଲାଗ ବିଚ କୁ ପ୍ରବେଶ ନିମନ୍ତେ ଏନଟ୍ରି ଫି , ପାର୍କିଂ ପାଖରେ ପରିଦର୍ଶନ ନିମନ୍ତେ କେଫଟେରିଆ ର ସୁବିଧା , କାଉଂଟର ମ୍ୟାନେଜରର ନିଯୁକ୍ତି ଆଦି ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା।

# ଉଦଳାରେ ଚାଲିଛି ଭୂମିହୀନଙ୍କୁ ଜମିପଟ୍ଟା ପ୍ରଦାନର ପର୍ବ

## ଏହା ଏକ ପୂଣ୍ୟ କାମ: ଗଦାଧର ଦାଶ

ଉଦଳା ,୩୦।୮ (ନି.ପ୍ର): ଉଦଳା ସହର ମଧ୍ୟରେ ଏପରି କିଛି ଲୋକ ବସବାସ କରୁଛନ୍ତି, ଯେଉଁମାନଙ୍କର ମୁଣ୍ଡଗୁଞ୍ଜିବା ପାଇଁ ଜମି ଖଣ୍ଡେ ନାହିଁ। ଫଳରେ ବାଧ୍ୟ ହୋଇ ଏହି ସବୁ ଲୋକେ ସରକାରୀ ଜମିକୁ ବର୍ଷ ବର୍ଷ ଧରି ଜବରଦଖଲ କରି ଦିନ କାଟୁଛନ୍ତି। ଦିନେ କାମକୁ ନ ଗଲେ ଘରେ ଚୁଲି ଜଳୁ ନଥିବା ଏହି ସବୁ ପରିବାରର ଲୋକଙ୍କ ପକ୍ଷେ ମୋଟା ଅଂକରେ ଟଙ୍କା ଖର୍ଚ୍ଚ କରି ଜମି କିଣିବା ସ୍ୱପ୍ନ। ଖାଲି ସେତିକି ନୁହେଁ, ପ୍ରଭାବଶାଳୀ ବ୍ୟକ୍ତିଙ୍କ ଦ୍ୱାରା ଏହି ସବୁ ପରିବାରର ଲୋକେ ଅନେକ ସମୟରେ ବିଭିନ୍ନ ପ୍ରକାରର ଅତ୍ୟାଚାରର ଶିକାର ହୋଇଥାଆନ୍ତି। ସବୁକିଛି ଦୁଃଖକଷ୍ଟକୁ ମୁଣ୍ଡପାତି ସହିଯିବା ଛଡ଼ା ଅନ୍ୟ ଉପାୟ ଏମାନଙ୍କ ପାଖରେ ନାହିଁ। ଏତିକି ବେଳେ ପୁଣି କରୋନାର ପ୍ରଭାବ ଯୋଗୁଁ ଉକ୍ତ ପରିବାର ସଦସ୍ୟମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏତିକି ବେଳେ କପ୍ତିପଦା ଉପଖଣ୍ଡ ପ୍ରଶାସନ ତରଫରୁ ଉକ୍ତ ପରିବାରର ଲୋକମାନଙ୍କୁ ପ୍ରଦାନ କରାଯାଉଛି ଜମିପଟ୍ଟା ଫଳରେ ଏହି ସବୁ ଲୋକେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମିଳୁଥିବା ଘର ପାଇପାରିବେ। ଏବେ ଏହି ସବୁ ଲୋକେ ସ୍ୱାଭିମାନର ସହକାରେ ବଂଚି ରହିବାର ଖୋରାକ ପାଇବେ। ତେବେ କପ୍ତିପଦା ଉପଖଣ୍ଡ ପ୍ରଶାସନର ଏତାଦୃଶ କାର୍ଯ୍ୟକଳାପକୁ ଏଠାରେ କାର୍ଯ୍ୟକରୁଥିବା ଲୋକ ସଂଗଠନ "ଜନଜାଗୃତି ମଂଚ" ପ୍ରଶଂସା କରିଛି। ମଂଚର ଟିମ୍ ଲିଡର ଗଦାଧର ଦାଶ କହିଛନ୍ତି ଯେ, ଭୂମିହୀନଙ୍କୁ ଜମି ପ୍ରଦାନ ଏକ ପୂଣ୍ୟ କାମ। ଖାଦ୍ୟ, ବସ୍ତ୍ର ଓ ବାସଗୃହ ଗୋଟିଏ ମଣିଷର ବଂଚି ରହିବା ପାଇଁ ପ୍ରଥମ ଆବଶ୍ୟକତା। ଏହାକୁ ସରକାର ମାଗଣାରେ ଯୋଗାଇଦେବା ଦରକାର ବୋଲି ମଂଚର କର୍ମୀମାନେ ଗଣମାଧ୍ୟମକୁ କହିଛନ୍ତି। ସେହିପରି ସହରକୁ ପରିଷ୍କାର ପରିଚ୍ଛନ୍ନ ରଖିବା ସହିତ ସହର ଗଠନରେ ବିଜ୍ଞାପିତ ଅଂଚଳ ପରିଷଦକୁ ସହଯୋଗ କରିବାକୁ ମଂଚର କର୍ମୀମାନେ ଲୋକମାନଙ୍କୁ ଅନୁରୋଧ ଜଣାଇଛନ୍ତି।

## ଶେଷପାଳି ଖୁଦୁରୁକୁଣୀ ଓଷା ଅନୁଷ୍ଠିତ

ପୁରୀ,୩୦।୮ (ନି.ପ୍ର): ଆଜି ଭାଦ୍ରବ ମାସର ଶେଷ ରବିବାର ତଥା ଖୁଦୁରୁକୁଣୀ ଓଷା ର ଶେଷପାଳି ପାଳିତ ହୋଇଯାଇଛି। ପ୍ରତ୍ୟୁଷ ରୁ ଓଷା କରୁଥିବା କନ୍ୟା ମାନେ ସୁଦ୍ଧପୁତ ଭାବେ ସ୍ନାନ କରି ମା ମଙ୍ଗଳା ଙ୍କୁ ପୂଜା କରିଥିଲେ। କୁମାରୀ ଝିଅ ମାନେ ଦଳ ଦଳ ହୋଇ ଫୁଲ ସଂଗ୍ରହ କରି ପୂଜା ପାଇଁ ଫୁଲମାଳ ଗୁନ୍ଥିବା ରେ ବ୍ୟସ୍ତ ରହିଥିବା ଦେଖାଯାଇଥିଲା। ବିଭିନ୍ନ ସ୍ଥାନରେ ମାଆ ଙ୍କର ଚିତ୍ର , ଫଟୋ ଓ ମୂର୍ତ୍ତି ରଖି ଝିଅ ମାନେ ଏକତ୍ରିତ ହୋଇ ଫୁଲମାଳ ରେ ସୁସଜ୍ଜିତ କରି ସନ୍ଧ୍ୟା ସମୟରେ ପୂଜାର୍ଚ୍ଚନା କରିଥିଲେ। ସାମାଜିକ ଦୂରତା ରଖି ପୂଜା ସ୍ଥଳରେ ଏକତ୍ରିତ ହୋଇ ଖୁଦୁରୁକିଣୀ ଓଷା ର ମହାତ୍ମ୍ୟ ଶୁଣିଥିଲେ। ଶେଷରେ ମାଆ ଙ୍କ ନିକଟରେ ଖଇକୋରା ,କାକୁଡି,ବିଭିନ୍ନ ପ୍ରକାର ମିଠା ଓ ପିଠା ପ୍ରଭୃତି ଭୋଗ ଡାଲାରେ ସଜ୍ଜିତ କରି ମାଆ ଙ୍କୁ ଭୋଗ ଲଗାଇଥିଲେ। କୋଭିଡ୍-୧୯ ଆଇନ ଲାଗୁ କରାଯାଇଥିବା ଯୋଗୁଁ ନିଦାୟର ଭାବେ ମାଆ ଙ୍କ ପୂଜାର୍ଚ୍ଚନା କରାଯାଇଥିଲା।

## କେରଳରେ ଗତ ୨୪ ଘଂଟାରେ ୨୧୫୪ କରୋନାର ନୂଆ ମାମଲା

ତିରୁବନ୍ତପୁରମ ,୩୦।୮ (ନି.ପ୍ର): କେରଳ ଗତ ୨୪ ଘଂଟାରେ ୨୧୫୪ ନୂଆ କରୋନାର ମାମଲା ସାମନାକୁ ଆସିଛି। ପ୍ରଦେଶ ସରକାରଙ୍କ ପକ୍ଷରୁ ଏହି ସୂଚନା ଦିଆ ଯାଇଛି। ଏହା ସହିତ ରାଜ୍ୟରେ ମୋଟ ସକ୍ରିୟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢି ୨୩୬୫୮ ହୋଇଛି।

# ଅର୍ନ୍ତଜାତୀୟ ଦିବ୍ୟାଙ୍ଗ କ୍ରିଡାବିତ୍ ସୁକାନ୍ତ ଚୌଧୁରୀଙ୍କ ବିୟୋଗରେ ଗୋପବନ୍ଧୁ କ୍ରୀଡା ସଂସଦର ଶୋକସଭା



ପାରାଦ୍ୱୀପ ,୩୦।୮ (ନି.ପ୍ର): ପାରାଦ୍ୱୀପ ବନ୍ଦରର ପୂର୍ବତନ କର୍ମଚାରୀ, କ୍ରିଡା କ୍ଷେତ୍ରରେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଦିବ୍ୟାଙ୍ଗ କ୍ରିଡାବିତ୍ ସୁକାନ୍ତ ଚୌଧୁରୀ (୬୮) ଅଗଷ୍ଟ ୨୯ତାରିଖ ଜାତୀୟ କ୍ରୀଡା ଦିବସ ଦିନ ତାଙ୍କ ଜନ୍ମସ୍ଥାନ କେନ୍ଦ୍ରାପଡା ଠାରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ତାଙ୍କର ଏହି ଦୁଃଖଦ ମୃତ୍ୟୁରେ ଗୋପବନ୍ଧୁ କ୍ରିଡା ସଂସଦ ପକ୍ଷରୁ ଅଗଷ୍ଟ ୩୦ତାରିଖ ରବିବାର ଦିନ ଗୋପବନ୍ଧୁ ଷ୍ଟାଡିୟମ ଠାରେ ଏକ ଶୋକ ସଭାର ଆୟୋଜନ କରାଯାଇ ସ୍ୱର୍ଗତ ଚୌଧୁରୀଙ୍କ ପାଇଁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯାଇଥିଲା । ଉକ୍ତ ଶୋକ ସଭାରେ ସମସ୍ତ ଖେଳାଳୀ ମାନଙ୍କ ସହିତ ଭଲିବଲ ପ୍ରଶିକ୍ଷକ ସଞ୍ଜୟ କୁମାର ଦାସ, ପାରାଦ୍ୱୀପ ବନ୍ଦର କ୍ରିଡା ପରାମର୍ଶଦାତା ରବିନ୍ଦ୍ର କୁମାର ଦାସ, ଗୋପବନ୍ଧୁ କ୍ରିଡା ସଂସଦ ସମ୍ପାଦକ ରଞ୍ଜନ ରଶ୍ମି ବେଉରିଆ, ପାରାଦ୍ୱୀପ ପ୍ରେସ୍ ମିଡିଆ ସଭାପତି ତଥା ପୂର୍ବତନ ଭଲିବଲ୍ ଖେଳାଳୀ ଶଶାଙ୍କ ଶେଖର ଆଚାର୍ଯ୍ୟ, କ୍ରିଡାବିତ୍ ଶଙ୍କର ଚରଣ ମଲ୍ଲିକ, ପୂର୍ବତନ ଭଲିବଲ ଖେଳାଳୀ ଶାଶ୍ୱତ ଭାରତୀୟ ଏବଂ କାଳନ୍ଦୀ ଚରଣ ନାଥଙ୍କ ସମେତ ସମସ୍ତ ଖେଳାଳୀ ମାନେ ଉପସ୍ଥିତ ରହି ଉପସ୍ଥିତ ରହି କୋଭିଡ୍ ନିୟମ ପାଳନ କରି ସ୍ୱର୍ଗତ ଚୌଧୁରୀଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା ଓ ସମବେଦନା ଜ୍ଞାପନ କରିଥିଲେ । ସୂଚନା ଥାଉକି ସ୍ୱର୍ଗତ ଚୌଧୁରୀ ଅନେକବାର ସର୍ବ ଭାରତୀୟ ବୃହତ ବନ୍ଦର ଆଥ୍ଲେଟ୍ ଓ ଭଲିବଲ୍ ଟୁର୍ଣ୍ଣାମେଣ୍ଟରେ ପ୍ରତିନିଧିତ୍ୱ କରି ବନ୍ଦର ପାଇଁ ବହୁତ ଯଶ ଓ ସୁନାମ ଆଣି ଦେଇଛନ୍ତି । ସେ ମଧ ଭିନ୍ନକ୍ଷମ ତଥା ଶାରୀରିକ ଅକ୍ଷମଙ୍କ କ୍ରିଡାରେ ଭାରତ ପାଇଁ ପ୍ରତିନିଧିତ୍ୱ କରି ଜଣେ ଆନ୍ତର୍ଯ୍ୟାତିକ ଖେଳାଳୀ ଭାବେରେ କ୍ରିଡାରେ ଭାରତ ପାଇଁ ପ୍ରତିନିଧିତ୍ୱ କରି ଜଣେ ଆନ୍ତର୍ଯ୍ୟାତିକ ଖେଳାଳୀ ଭାବରେ ରାଷ୍ଟ୍ରପତିଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ । ଏହି ଶୋକସଭାରେ ତାଙ୍କର ସ୍ମୃତିଚାରଣ କରାଯିବା ସଙ୍ଗେ ସଙ୍ଗେ କୃତଜ୍ଞତା ଓ ସମବେଦନା ଜଣାଇବା ସହ ତାଙ୍କର ଅମର ଆତ୍ମାର ସଦଗତି କାମନା କରାଯାଇ ତାଙ୍କ ପରିବାରକୁ ଧର୍ଯ୍ୟ, ସାହାସ ଓ ଶାନ୍ତି ପ୍ରଦାନ କରିବା ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରାଯାଇଥିଲା ।

# ଦିବଂଗତ ପଣ୍ଡିତ ରଘୁନାଥ ଷଡ଼ଙ୍ଗୀଙ୍କୁ ଶ୍ରଦ୍ଧାଞ୍ଜଳି



ବାଲେଶ୍ୱର,୩୦।୮ (ନି.ପ୍ର): ଜିଲ୍ଲା ବ୍ରାହ୍ମଣ ସମିତିର ପ୍ରତିଷ୍ଠାତା ସମ୍ପାଦକ ତଥା ବୈରାମନଗର ଶିବଦୁର୍ଗା ମନ୍ଦିରର ପ୍ରତିଷ୍ଠାତା ପଣ୍ଡିତ ରଘୁନାଥ ଷଡ଼ଙ୍ଗୀଙ୍କ ବିୟୋଗରେ ଏକ ଶୋକ ସଭା ମନ୍ଦିର ପରିଚାଳନା କମିଟି ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଶିବଦୁର୍ଗା ମନ୍ଦିର ପ୍ରାଙ୍ଗଣରେ ଅୟୋଜିତ ଶୋକସଭାରେ ପରିଚାଳନା କମିଟିର ସଭାପତି ସୁଧାସିନ୍ଧୁ ପଣ୍ଡା ପୌରୋହିତ୍ୟ କରିଥିଲେ। କମିଟିର ଉପ-ସଭାପତି ରବିନାରାୟଣ ଦାଶ, ସମ୍ପାଦକ ସୁରେଶ ଜେନାଙ୍କ ସମେତ ଗଙ୍ଗାଧର ପୃଥାଳ, ସନ୍ତୋଷ ଶତପଥୀ, ଅଶ୍ୱିନୀ ଶତପଥୀ, ଲମ୍ବୋଧର ନାୟକ, ଚନ୍ଦ୍ର କୁମାର ଦେ, ଓଂକାର ପରିଡ଼ା, କାର୍ତ୍ତିକ ପରିଡ଼ା, ଗୋପାଳ ଆଚାର୍ଯ୍ୟ, ରବୀନ୍ଦ୍ର ପଣ୍ଡା, କରବୀନ୍ଦ୍ର ଧଳ, ପ୍ରଭାତ ପାଣିଗ୍ରହୀ, ବିରଞ୍ଚି ନାରାୟଣ ଦାଶ, ବିଜୟ କୁମାର ସାହୁଲ ଜିତେନ୍ଦ୍ର ଉପାଧ୍ୟାୟ ପ୍ରମୁଖ ଏଥିରେ ଯୋଗଦେଇ ସ୍ୱର୍ଗତ ଷଡ଼ଙ୍ଗୀଙ୍କ ଜୀବନାଦର୍ଶ ଓ ସମାଜରେ ଆଧ୍ୟାତ୍ମିକତାପୂର୍ଣ୍ଣ ଜୀବନଚର୍ଯ୍ୟା ପ୍ରସାର ପ୍ରଚାର ବିଭିନ୍ନ ଦିଗ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ମାତୃଶକ୍ତିକୁ ଆଧାର କରି ଭକ୍ତଙ୍କ ମଧ୍ୟରେ ଶାନ୍ତିକଭାବନା ସୃଷ୍ଟି କରିବା ଓ ଆଧ୍ୟାତ୍ମିକତା ଭରା ଜୀବନରୁ ଶାନ୍ତି ପ୍ରାପ୍ତି ପାଇଁ ସେ ସମସ୍ତଙ୍କୁ ସର୍ବଦା ପରାମର୍ଶ ଦେଇ ଆସୁଥିଲେ। ତାଙ୍କର ବିୟୋଗ ବାଲେଶ୍ୱରର ଆଧ୍ୟାତ୍ମିକତା ପ୍ରଚାର ପ୍ରାସାର କ୍ଷେତ୍ରରେ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି କରିଛି ବୋଲି ବକ୍ତାମାନେ ଏହି ଶୋକ ସଭାରେ ମତ ପ୍ରକାଶ କରିଥିଲେ। ପ୍ରାରମ୍ଭରେ ତାଙ୍କର ଫଟୋଚିତ୍ରରେ ପୁଷ୍ପ ଅର୍ପଣ ପୂର୍ବକ ୨ ମିନିଟ ନିରବ ପ୍ରାର୍ଥନା ସହ ସମସ୍ତେ ଦିବଂଗତ ଆତ୍ମା ପ୍ରତି ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଲୋକାଲ୍ ଖେଳନା ପାଇଁ ...

ଏତି-କୋପ୍ପକା ଖେଳଣା ତିଆରି କରି ସି.ବି. ରାଜୁ ନିଜ ଅଂଚଳର ବିଲୁପ୍ତ ଗୌରବକୁ ଫେରାଇ ଆଣିଛନ୍ତି। ଖେଳଣା ଦ୍ୱାରା ଆମେ ଦୁଇଟି କାମ କରିପାରିବା - ଆମ ଗୌରବପୂର୍ଣ୍ଣ ଅତୀତକୁ ନିଜ ଜୀବନକୁ ଫେରାଇ ଆଣିପାରିବା ଏବଂ ନିଜ ପାଇଁ ସୁନେଲି ଭବିଷ୍ୟତଟିଏ ମଧ୍ୟ ଗଢ଼ିପାରିବା। ସେ ଯୁବ ନୂଆ ଉଦ୍ୟୋଗୀମାନଙ୍କୁ ମିଳିମିଶି ଖେଳଣା ତିଆରି କରିବାକୁ ଆହ୍ୱାନ କରିଛନ୍ତି । ଏବେ ଆମେ ସମସ୍ତେ ଲୋକାଲ୍ ଖେଳଣା ପାଇଁ ଭୋକାଲ୍ ହେବାର ସମୟ ଆସିଛି। ଆମେ ଆମର ଯୁବବନ୍ଧୁମାନଙ୍କ ପାଇଁ କିଛି ନୂତନ ଧରଣର, ଉନ୍ନତ ମାନର ଖେଳଣା ତିଆରି କରିବା। ଖେଳଣା ଏମିତି ହେଉ ଯାହାଦ୍ୱାରା ଶୈଶବ ଫୁଟିଉଠୁ, ହସିଉଠୁ। ଆମେ ଏଭଳି ଖେଳଣା ତିଆରି କରିବା ଯାହା ପରିବେଶ ଅନୁକୂଳ ମଧ୍ୟ ହୋଇଥିବ ବୋଲି ସେ କହିଛନ୍ତି ।

## କରୋନା ସମୟରେ ଗରିବ...

ଏଲପିଜି ସିଲିଣ୍ଡର ଗରିବ ପରିବାରଙ୍କୁ ଯୋଗାଇ ଦିଆଯାଇଛି । ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ଅଧୀନରେ ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ମହିଳା ହିତାଧିକାରୀଙ୍କ ଆକାଉଣ୍ଟକୁ ୨୦.୪୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଟ୍ରାନ୍ସଫର୍ କରାଯାଇଛି। ୮.୫ କୋଟି ଚାଷୀ ଏବଂ ୩ କୋଟି ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ ଏବଂ ବିଧବା ମହିଳାଙ୍କୁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା କରୋନା ସମୟରେ ଥିବା କଷ୍ଟରୁ ଉଦ୍ଧାର କରିଛି । ମନରେଗା ଅଧୀନରେ ୨୦୨୦ ଏପ୍ରିଲ ପହିଲାରୁ ଲାଗୁ ହୋଇଥିବା ପାରିଶ୍ରମିକ ବୃଦ୍ଧି ଶ୍ରମିକଙ୍କୁ ବାର୍ଷିକ ଅତିରିକ୍ତ ୨ ହଜାର ଟଙ୍କା ପ୍ରଦାନ କରିବ ଏବଂ ଏହାଦ୍ୱାରା ୧୩.୬୨ କୋଟି ପରିବାର ଲାଭବାନ ହେବେ । ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ଅଧୀନରେ ନିର୍ମାଣ ଶ୍ରମିକଙ୍କ ପାଇଁ ଗଠିତ କଲ୍ୟାଣ ପାଣ୍ଠି ଦ୍ୱାରା ୩.୫ କୋଟିରୁ ଉର୍ଦ୍ଧ୍ୱ ଶ୍ରମିକ ଲାଭ ପାଇବେ । ଶ୍ରୀ ପ୍ରଧାନ କହିଛନ୍ତି ଫେରୁଥିବା ପ୍ରବାସୀ ଶ୍ରମିକଙ୍କୁ ରୋଜଗାର ଦେବା ପାଇଁ ଓଡ଼ିଶା ସମେତ ୬ ରାଜ୍ୟ ପାଇଁ ୫୦ ହଜାର କୋଟି ଟଙ୍କା ମୂଲ୍ୟର ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ରୋଜଗାର ଅଭିଯାନର ଶୁଭାରମ୍ଭ କରାଯାଇଛି । ପ୍ରବାସୀ ଶ୍ରମିକଙ୍କ ଦକ୍ଷତା ଅନୁଯାୟୀ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ୧୨୫ ଦିନର ଅଭିଯାନ ଉପରେ ଗୁରୁତ୍ୱ ଦିଆଯାଇ କାର୍ଯ୍ୟାରମ୍ଭ କରାଯାଇଛି । ବର୍ତ୍ତମାନ ସୁଦ୍ଧା ରୋଜଗାର ଅଭିଯାନରେ ୧୬,୭୬୮ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି ଏବଂ ୨୧ କୋଟି ଶ୍ରମ ଦିବସର ନିଯୁକ୍ତି ସୃଷ୍ଟି ହୋଇଛି । ପ୍ରଧାନମନ୍ତ୍ରୀ ସ୍ୱ-ନିଧି ଉଠା ଦୋକାନୀ ଏବଂ କ୍ଷୁଦ୍ର ବ୍ୟବସାୟୀଙ୍କୁ ସାହାଯ୍ୟ କରୁଛି । ୨୦୨୦ ଜୁଲାଇରେ ଶୁଭାରମ୍ଭ ହେବା ପର ଠାରୁ ଏହି ଯୋଜନାରେ ୧ ଲକ୍ଷରୁ ଉର୍ଦ୍ଧ୍ୱ ଋଣ ମଞ୍ଜୁର କରାଯାଇଛି । ପ୍ରଧାନମନ୍ତ୍ରୀ ସ୍ୱ-ନିଧି ଯୋଜନାର ଲାଭ ପାଇବାରେ ଓଡ଼ିଶା ଶୀର୍ଷ ୧୦ଟି ରାଜ୍ୟ ମଧ୍ୟରେ ରହିଛି । ଓଡ଼ିଶାର ସମ୍ବଲପୁର, କଟକ, ବ୍ରହ୍ମପୁର, ବାଲେଶ୍ୱର ଏବଂ ଅନ୍ୟ ସବୁ ସହର ମାନଙ୍କରେ ଥିବା ଉଠା ଦୋକାନୀଙ୍କ ପାଇଁ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ବନ୍ଧକବିହୀନ ଋଣର ବ୍ୟବସ୍ଥା କରାଯାଇଛି ।

## ପଶ୍ଚିମବଙ୍ଗରେ ଲକ୍ ଡାଉନ...

୩୦ ଅଗଷ୍ଟ ତାରିଖ ଦିନ ସିକନ୍ଦରାବାଦରୁ ଛାଡୁଥିବା ୦୨୭୦୪ ସିକନ୍ଦରାବାଦ -ହାଓଡ଼ା ଫଳକନୁମା ସ୍ପେସିଆଲ ଏକ୍ସପ୍ରେସ ଏହାର ଯାତ୍ରା ଭୁବନେଶ୍ୱର ଠାରେ ସମାପ୍ତ କରିବ ଏବଂ ହାଓଡ଼ା ପର୍ଯ୍ୟନ୍ତ ଯିବ ନାହିଁ। ୦୨୭୦୩ ହାଓଡ଼ା -ସିକନ୍ଦରାବାଦ ଫଳକନୁମା ସ୍ପେସିଆଲ ଏକ୍ସପ୍ରେସ ୩୧ ଅଗଷ୍ଟ ୨୦୨୦ ତାରିଖ ଦିନ ହାଓଡ଼ା ପରିବର୍ତ୍ତେ ଭୁବନେଶ୍ୱରରୁ ଛାଡିବ ଏବଂ ଉକ୍ତ ଦିନ ଏହା ହାଓଡ଼ାଠାରୁ ଭୁବନେଶ୍ୱର ପର୍ଯ୍ୟନ୍ତ ବାତିଲ ରହିବ। ୩୦ ଅଗଷ୍ଟରେ ଉଭୟ ଭୁବନେଶ୍ୱରରୁ ଛାଡୁଥିବା ୦୨୮୦୧ ଭୁବନେଶ୍ୱର -ନୂଆଦିଲ୍ଲୀ ସ୍ପେସିଆଲ ପୁରୁଷୋତମ ଏକ୍ସପ୍ରେସ ଓ ନୂଆଦିଲ୍ଲୀରୁ ଆସୁଥିବା ୦୨୮୦୨ ନୂଆଦିଲ୍ଲୀ -ଭୁବନେଶ୍ୱର ସ୍ପେସିଆଲ ପୁରୁଷୋତମ ଏକ୍ସପ୍ରେସ ପୁରୁଲିଆ ଓ ହିଜଲି ଠାରେ ରହଣି କରିବ ନାହିଁ । ସେହିପରି ୩୧ ଅଗଷ୍ଟ ଭୁବନେଶ୍ୱରରୁ ଛାଡୁଥିବା ୦୨୮୨୩ ଭୁବନେଶ୍ୱର-ନୂଆଦିଲ୍ଲୀ ସ୍ପେସିଆଲ ରାଜଧାନୀ ଏକ୍ସପ୍ରେସ ଏବଂ ୩୦ ଅଗଷ୍ଟ ରେ ନୂଆଦିଲ୍ଲୀରୁ ଆସୁଥିବା ୦୨୮୨୪ ନୂଆଦିଲ୍ଲୀ -ଭୁବନେଶ୍ୱର ସ୍ପେସିଆଲ ରାଜଧାନୀ ଏକ୍ସପ୍ରେସ ଉଭୟ ଦିଗରୁ ହିଜଲି ରହଣି କରିବ ନାହିଁ ।

## ଜେଇଇ , ନିଟ୍ ପରୀକ୍ଷା...

ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବା ସହ କେନ୍ଦ୍ର ବାହାରେ ଓ ଭିତରେ ସୁରକ୍ଷା ବ୍ୟବସ୍ଥା ରହିବ। ଅନ୍ୟପକ୍ଷରେ ଗଂଜାମ ଜିଲ୍ଲାପାଳ ବିଜୟ ଅମୃତ କୁଲାଙ୍ଗେ ଟୁଇଟ ଯୋଗେ ସୂଚନା ଦେଇଛନ୍ତି ଯେ, ଜେଇଇ ପରୀକ୍ଷାରେ ଅଂଶଗ୍ରହଣ କରିବାକୁ ଯାଉଥିବା ପରୀକ୍ଷାର୍ଥୀଙ୍କ ଲାଗି ଗଂଜାମ ଜିଲ୍ଲା ପ୍ରଶସନ ବସ୍ ପରିଚାଳନା କରିବ। ବ୍ରହ୍ମପୁର ଆଇଟିଆଇରୁ ଆସନ୍ତାକାଲି ଦିନ ସାଢ଼େ ୧୨ଟାରେ ବସ୍ ଆସିବ। ଏହି ବସ୍ ରେ ପିଲାମାନେ ବସିବେ। ଯେଉଁ ପିଲାମାନେ ଏହି ବସ୍‌ରେ ଆସିବାକୁ ଇଚ୍ଛୁକ, ସେମାନେ ନୋଡାଲ ଅଧିକାରୀ (ମୋବାଇଲ ନମ୍ବର- ୦୯୪୩୮୨୯୩୯୦୯)ଙ୍କୁ ଯୋଗାଯୋଗ କରିପାରିବେ। ସୂଚନାଯୋଗ୍ୟ ଯେ ଆସନ୍ତା ସେପ୍ଟେମ୍ବର ୧ ତାରିଖରୁ ଯୁଗ୍ମ ପ୍ରବେଶିକା ପରୀକ୍ଷା (ଜେଇଇ) ଆରମ୍ଭ ହେବ। ଭୁବନେଶ୍ୱର ସମେତ ରାଜ୍ୟର ୭ଟି ସହରରେ ପ୍ରାୟ ୩୭ ହଜାର ପ୍ରାର୍ଥୀ ଏହି ପରୀକ୍ଷା ଦେବେ।

## ଗୋଟିଏ ଦିନରେ...

ଭଦ୍ରକ ଜିଲ୍ଲାରୁ ୭୭ ଜଣ, ଢେଙ୍କାନାଳ ଜିଲ୍ଲାରୁ ୭୬ ଜଣ ଓ ନବରଙ୍ଗପୁର ଜିଲ୍ଲାରୁ ୫୮ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ସେହିପରି କନ୍ଧମାଳରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୪୮ ଜଣ ହୋଇଥିବା ବେଳେ ବଲାଙ୍ଗୀର ଜିଲ୍ଲାରୁ ୪୫ ଜଣ, ସୁନ୍ଦରଗଡ଼ ଜିଲ୍ଲାରୁ ୪୨ ଜଣ, ଗଜପତି ଜିଲ୍ଲାରୁ ୪୦ ଜଣ, କେନ୍ଦ୍ରାପଡ଼ା ଜିଲ୍ଲାରୁ ୩୯ ଜଣ, ଝାରସୁଗୁଡ଼ା, କେନ୍ଦୁଝର ଜିଲ୍ଲାରୁ ୩୮ ଜଣ ଲେଖାଏଁ, ସୁବର୍ଣ୍ଣପୁର ଜିଲ୍ଲାରୁ ୩୩ ଜଣ, ନୂଆପଡ଼ା ଜିଲ୍ଲାରୁ ୨୮ ଜଣ, ଜଗତସିଂହପୁର ଜିଲ୍ଲାରୁ ୨୭ ଜଣ, ବରଗଡ଼ ଜିଲ୍ଲାରୁ ୨୫ ଜଣ, କଳାହାଣ୍ଡି ଜିଲ୍ଲାରୁ ୧୯ ଜଣ, ଯାଜପୁର ଜିଲ୍ଲାରୁ ୧୨ ଜଣ, ଦେବଗଡ଼ ଜିଲ୍ଲାରୁ ୪ ଜଣ ଓ ଅନୁଗୁଳ ଜିଲ୍ଲାରୁ ଜଣେ ସୁସ୍ଥ ହୋଇଛନ୍ତି।

# ବିଭିନ୍ନ ଦାବୀନେଇ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଛଉ ନୃତ୍ୟଗୁରୁଙ୍କ ଦାବିପତ୍ର



ବାରିପଦା ,୩୦।୮ (ନି.ପ୍ର): ମୟୂରଭଂଜର ବିଶ୍ୱ ପ୍ରସିଦ୍ଧ ଛଉନୃତ୍ୟ ଏକ ସ୍ୱତନ୍ତ୍ର ସମରକଳା ଭାବରେ ନିଜର ସ୍ୱତନ୍ତ୍ରତା ପ୍ରତିପାଦିତ କରିଥିବା ବେଳେ ଏହା ୨୦୧୦ ମସିହାରେ ୟୁନେସ୍କ ହେରିଟେଜର ମାନ୍ୟତା ପାଇଛି । ସେହିପରି ୨୦୨୦ ମସିହାରେ ଓଡିଶାର ତିନିଗୋଟି ସାଂସ୍କୃତିକ ପରମ୍ପରା ତଥା ଲୋକକଳାକୁ ଇନଟାନଜିବୁଲ କଲଚୁରାଲ ହେରିଟେଜ ର ମାନ୍ୟତା ମିଳିଥିବା ବେଳେ ଛଉକଳା ସେଥି ମଧ୍ୟରୁ ଅନ୍ୟତମ । କିନ୍ତୁ ଏବେବି ଛଉନୃତ୍ୟ ପ୍ରତିଷ୍ଠାନ ଏବଂ ଛଉ କଳାକାର ମାନେ ଅବହେଳିତ ଅବସ୍ଥାରେ କାଳାତିପାତ କରୁଥିବାରୁ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଟ୍ରେଡିସନାଲ ଛଉଡ୍ୟାନ୍ସ ଏଣ୍ଡ ମ୍ୟୁଜିକ ବାରିପଦା ଆନୁକୁଲ୍ୟରେ ଛଉନୃତ୍ୟଗୁରୁ ଫରେନ ନାରାୟଣ ଧଡା ବିଭିନ୍ନ ଦାବୀ ନେଇ ଏକ ଦାବୀପତ୍ର ପ୍ରଦାନ କରିଥିବାର ଜଣାଯାଇଛି। ଛଉନୃତ୍ୟ ପ୍ରତିଷ୍ଠାନର ବିଲଡିଂ ଗୁଡିକ ବହୁ ପୁରୁଣା ଓ ଅବହେଳିତ ଅବସ୍ଥାରେ ଥିବାରୁ ଏହାର ଆଧୁନିକି କରଣଏବଂ ସମ୍ମୁଖରେ ତୋରୋଣ ନିର୍ମାଣ, ମୟୂରଭଂଜ ଛଉନୃତ୍ୟ ପ୍ରତିଷ୍ଠାନର ପ୍ରମାଣ ପତ୍ରକୁ ସରକାରୀ ସ୍ତରରେ ମାନ୍ୟତା ପ୍ରଦାନ, ଗରୀବ ବିପିଏଲ କାର୍ଡଧାରୀ ଭୂମିହୀନ ପାରମ୍ପାରିକ ଛଉକଳାକାର ମାନଙ୍କୁ ସରକାର ଜମୀ ଓ ବାସଗୃହ ଯୋଗାଇ ଦେବା, ନାରୀ ଛଉକଳାକାର ମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବା, ଛଉକଳାକାର ମାନଙ୍କୁ ବିଭିନ୍ନ ସରକାରୀ ତଥା ବେସରକାରୀ କ୍ଷେତ୍ରରେ ନିଯୁକ୍ତି ବ୍ୟବସ୍ଥା କରାଯିବା, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଛଉନୃତ୍ୟର ଏକ ତାଲିମକେନ୍ଦ୍ର ପ୍ରତିଷ୍ଠା କରାଯିବା ଏବଂ କରୋନା ମହାମାରୀ ସମୟରେ କଳାକାର ମାନେ ବହୁ ଦୈନ୍ୟତାରେ କାଳାତିପାତ କରୁଥିବାରୁ ସେମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବା ଆଦି ଦାବୀ କରାଯାଇଥିବାର ଜଣାଯାଇଛି ।

# ଶ୍ରୀଜଗନ୍ନାଥ ମହାପ୍ରଭୁ ବଳି ବାମନ ବେଶରେ ସଜ୍ଜିତ

ପୁରୀ,୩୦।୮ (ନି.ପ୍ର): ଗତକାଲି ପାର୍ଶ୍ୱପରିବର୍ତ୍ତନ ଏକାଦଶୀ ନୀତି ଓ ବାମନ ଜନ୍ମ ନୀତି ସଂପର୍ଣ୍ଣ ହେବା ପରେ ଆଜି ମହାପ୍ରଭୁ ଙ୍କ ବଳିବାମନ ବେଶ ଅନୁଷ୍ଠିତ ହୋଇଛି। ବାମନ ରୂପୀ ବାଳକ ରୂପରେ ମହାପ୍ରଭୁ ରତ୍ନ ସିଂହାସନ ରେ ଉଭା ହେବେ। ଶ୍ରୀବଳଭଦ୍ର ରାଜ ବେଶ ଧାରଣ କରିବାକୁ ଥିବା ବେଳେ ଦେବୀ ସୁଭଦ୍ରା ସାଧାରଣ ବେଶରେ ସଜ୍ଜିତ ହୋଇଥିଲେ। ଏହାପରେ ଗରୁଡ ପାର୍ଶ୍ୱପରିବର୍ତ୍ତନ ର ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହୋଇଥିଲା। ଆଜି ଶ୍ରୀମନ୍ଦିର ରେ ଦ୍ୱିପହର ଧୂପ ସରିବା ପରେ ଶ୍ରୀଜଗନ୍ନାଥ ମହାପ୍ରଭୁ ଙ୍କୁ ବାମନ ବେଶରେ ସଜ୍ଜିତ କରାଯାଇଥିଲା। ବଡସିଂଘାର ପୂଜା ପର୍ଯ୍ୟନ୍ତ ଏହି ବେଶ ରହିଥିଲା। ମହାପ୍ରଭୁ ଙ୍କ ଶ୍ରୀଅଙ୍ଗ ରେ ସ୍ୱର୍ଣ୍ଣ ଅଳଙ୍କାର ବିଭୁଷିତ କରାଯାଇଥିଲା।


କରୋନା ମହାମାରୀ ସମୟରେ ମତ୍ସ୍ୟ ସମ୍ପଦ ବିକାଶ ପାଇଁ
ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

ଜୈବପୁଞ୍ଜ (ବାୟୋଫ୍ଲକ୍) ମାଧ୍ୟମରେ ମାଛଚାଷ

ଆତ୍ମନିର୍ଭରଶୀଳ ହେବା ପାଇଁ ଆଗ୍ରହୀ ଯୁବକ-ଯୁବତୀ ତଥା ଓଡ଼ିଶା ଫେରନ୍ତା ପ୍ରବାସୀ ଓଡ଼ିଆଙ୍କୁ ଆତ୍ମନିଯୁକ୍ତି ସୁଯୋଗ ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ଆରମ୍ଭ କରିଛନ୍ତି ଅଭିନବ "ଜୈବପୁଞ୍ଜ (ବାୟୋଫ୍ଲକ୍) ଜ୍ଞାନ କୌଶଳ ଦ୍ୱାରା ଉନ୍ନତ ପ୍ରଣାଳୀରେ ମାଛ ଓ ଚିଙ୍ଗୁଡ଼ି ଚାଷ ପାଇଁ ପ୍ରୋତ୍ସାହନ" ଯୋଜନା। ସୀମିତ ସ୍ଥାନ ଓ କମ୍ ଜଳ ବ୍ୟବହାର କରି ଅଧିକ ମାଛ ଉତ୍ପାଦନ ନିମନ୍ତେ ଏହି ଜ୍ଞାନକୌଶଳ ବେଶ ଉପଯୋଗୀ।

- ଏହା ଦ୍ୱାରା ପରିବେଶ ଅନୁକୂଳ ମାଛ ଚାଷ ହୁଏ
- ସୀମିତ ଜଳ ବ୍ୟବହୃତ ହୁଏ ଓ ଜୈବ ନିରାପତ୍ତା ରକ୍ଷା ହୁଏ
- କମ୍ ଖାଦ୍ୟ ଉପଯୋଗରେ ଅଧିକ ଉତ୍ପାଦନ ହୁଏ
- ବଡ଼ ପୋଖରୀର ଆବଶ୍ୟକତା ପଡ଼ିନଥାଏ
- କମ୍ ଜାଗାରେ, କମ୍ ସମୟରେ ଓ କମ୍ ଖର୍ଚ୍ଚରେ ଚାଷ କରିହୁଏ





ଚାଷ ପଦ୍ଧତି

ଗୋଲାକାର ବା ଆୟତାକାର ସିମେଣ୍ଟ କିମ୍ବା ପିଭିସି କୁଣ୍ଡରେ ତାର୍ପୋଲିନ୍ ବିଛାଇ ଛୋଟ ଛୋଟ କୁଣ୍ଡ (୧୨,୫୦୦ ଲିଟର) ପ୍ରସ୍ତୁତ କରାଯାଇ ଏଥିରେ ମାଛ ଚାଷ କରାଯାଏ। ଏଥିରେ ମୁଖ୍ୟତଃ ମାଗୁର, ସିଙ୍ଗି, କଉ, ଜଳଙ୍ଗ, ତିଲାପିଆ ଆଦି ମାଛ ଚାଷ କରାଯାଇପାରେ। କୁଣ୍ଡରେ ପ୍ରୋ-ବାୟୋଟିକ୍ ପ୍ରୟୋଗ ଦ୍ୱାରା ଅବ୍ୟବହୃତ ଖାଦ୍ୟ ଓ ବର୍ଜ୍ୟବସ୍ତୁକୁ ପୁଷ୍ଟିସାରରେ ପରିବର୍ତ୍ତିତ କରାଯାଇ ମାଛର ଖାଦ୍ୟ ରୂପେ ଉପଯୋଗ ହୁଏ। ସ୍ୱଳ୍ପ ଜଳ ବିନିମୟ (water exchange) ଓ ନିରବଚ୍ଛିନ୍ନ ବାୟୁସଂଚାଳନ କରାଯାଉଥିବା ଯୋଗୁଁ ବାୟୋଫ୍ଲକ୍ ପଦ୍ଧତିରେ ଅଧିକ ମାଛ ଉତ୍ପାଦନ ସମ୍ଭବ ହୋଇଥାଏ।

ହିତାଧିକାରୀ

- ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ବାସିନ୍ଦା ହିତାଧିକାରୀ ହୋଇପାରିବେ।
- ମତ୍ସ୍ୟଚାଷୀ /ମାଛ ଚିଙ୍ଗୁଡ଼ି ହ୍ୟାଚେରୀ ପରିଚାଳକ /ମତ୍ସ୍ୟଚାଷରେ ସମ୍ପୃକ୍ତ ବ୍ୟକ୍ତିବିଶେଷ ଓ ଘରୋଇ ଉଦ୍ୟୋଗୀ ହୋଇଥିବା ଆବଶ୍ୟକ।
- ଆତ୍ମନିଯୁକ୍ତି ପାଇଁ ଆଗ୍ରହୀ ଶିକ୍ଷିତ ଯୁବକ/ଯୁବତୀଙ୍କୁ ଏଥିରେ ଅଗ୍ରାଧିକାର ଦିଆଯିବ।

ଜଣେ ହିତାଧିକାରୀ ସର୍ବନିମ୍ନ ୨ଟି ବାୟୋଫ୍ଲକ୍ କୁଣ୍ଡ ଓ ସର୍ବାଧିକ ୬ଟି ବାୟୋଫ୍ଲକ୍ କୁଣ୍ଡରେ ମାଛ ଚାଷ କରି ସରକାରୀ ରିହାତି ପାଇପାରିବେ। ସାଧାରଣ ବର୍ଗର ହିତାଧିକାରୀଙ୍କୁ ଶତକଡ଼ା ୪୦ ଭାଗ ସବ୍‌ସିଡି ଓ ଅନୁସୂଚିତ ଜାତି-ଜନଜାତି ଏବଂ ମହିଳା ହିତାଧିକାରୀଙ୍କୁ ଶତକଡ଼ା ୬୦ ଭାଗ ସବ୍‌ସିଡି ପ୍ରଦାନର ବ୍ୟବସ୍ଥା ରହିଛି।

ନୂଆ ପଦ୍ଧତିରେ ମାଛ ଚାଷ, ରୋଜଗାର ହେବ ଦ୍ୱିଗୁଣିତ।

ଅଧିକ ବିବରଣୀ ଓ ସହାୟତା ନିମନ୍ତେ ବ୍ଲକରେ ଅବସ୍ଥାପିତ ସହକାରୀ ମତ୍ସ୍ୟ ଅଧିକାରୀ କିମ୍ବା ନିକଟସ୍ଥ ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ।

ଜିଲ୍ଲା ମତ୍ସ୍ୟ ଅଧିକାରୀ ମୟୂରଭଞ୍ଜ, ଓଡ଼ିଶା

# ବିରଳା ଟାୟାର୍ସ ଶ୍ରମିକ ଆନ୍ଦୋଳନକୁ ଏଆଇଟିୟୁସିର ସମର୍ଥନ

ବାଲେଶ୍ୱର,୩୦।୮ (ନି.ପ୍ର): ବକେୟା ଦରମା ଓ ଅନ୍ୟାନ୍ୟ ଦାବି ନେଇ ଚଳିତ ଅଗଷ୍ଟମାସ ୧୮ ତାରିଖଠାରୁ ଧାରଣାରେ ବସିଥିବା ବିର୍ଲା ଟାୟାର୍ସ ଶ୍ରମିକଙ୍କ ପାଖରେ ଏଆଇଟିୟସିର କର୍ମକର୍ତ୍ତାମାନେ ଆଜି ପହଞ୍ଚିଥିଲେ। ଏ.ଆଇ.ଟି.ୟୁ.ସି. ସଂଗଠନର ଏକ ପ୍ରତିନିଧିଦଳ କାରଖାନା ସମ୍ମୁଖରେ ଆନ୍ଦୋଳନରତ ଶ୍ରମିକମାନଙ୍କୁ ସାକ୍ଷାତ କରି ସେମାନଙ୍କ ଦାବିକୁ ଦୃଢ଼ ସମର୍ଥନ ଜଣାଇଥିଲେ। ସୋମବାର ଦିନ କେନ୍ଦ୍ର ନିର୍ଦ୍ଦେଶାଳୟର ଏକ ଟିମ୍ କାରଖାନା ପରିଦର୍ଶନ କରି କାରଖାନା କର୍ତ୍ତୃପକ୍ଷ ଓ ଶ୍ରମିକ ପ୍ରତିନିଧିମାନଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ଥିବା ସଂପର୍କରେ ଶ୍ରମିକମାନେ ଏ.ଆଇ.ଟି.ୟୁ.ସି. ପ୍ରତିନିଧିଙ୍କୁ ଅବଗତ କରାଇଥିଲେ। ଗତ ଆଠମାସ ଧରି ଶ୍ରମିକମାନେ ନିଜର ବେତନ ପାଇନଥିବାରୁ ବହୁ ଦୁଃଖକଷ୍ଟରେ କାଳାତିପାତ କରୁଛନ୍ତି। ଅନ୍ୟପକ୍ଷରେ ଶ୍ରମିକମାନେ କାରଖାନାରୁ ମାସିକ ବେତନ ବାବଦରେ ପାଉଥିବା ପ୍ରାୟ ଛଅକୋଟି ଟଙ୍କା ବାଲେଶ୍ୱରର ବଜାର ଅର୍ଥନୀତିକୁ ସମୃଦ୍ଧ କରୁଥିଲା। କରୋନା ମହାମାରୀ ସଂକଟ ସମୟରେ ବିରଳା ଟାୟାର୍ସ ମାଲିକ କାରଖାନା ବନ୍ଦ କରିବା ଓ ଶ୍ରମିକମାନଙ୍କ ପ୍ରାପ୍ୟ ପ୍ରଦାନ କରୁନଥିବାରୁ ଏ.ଆଇ.ଟି.ୟୁ.ସି. ତରଫରୁ ଉଦ୍‌ବେଗ ପ୍ରକାଶ ପାଇଛି। ତେଣୁ ଏହି ବିବାଦର ଏକ ସୁସମାଧାନ ପାଇଁ କେନ୍ଦ୍ରୀୟ ଶ୍ରମ ସଂସ୍ଥାର ଅଧିକାରୀମାନେ ସୋମବାର ଦିନ ନିଷ୍ପତ୍ତିନେବାକୁ ଏ.ଆଇ.ଟି.ୟୁ.ସି. ତରଫରୁ ନିବେଦନ କରାଯାଇଛି। ଆନ୍ଦୋଳନରତ ଶ୍ରମିକମାନଙ୍କୁ ରାଜ୍ୟ ଏ.ଆଇ.ଟି.ୟୁ.ସି.ର ଉପସଭାପତି ଗୌରାଙ୍ଗ ପାଣିଗ୍ରାହୀ, ଜିଲ୍ଲା କମିଟିର ସଭାପତି ଭାଗବତ ପ୍ରତିହାରୀ, ସଂପାଦକ ଶ୍ୟାମସୁନ୍ଦର ଜେନା ଓ ଉପଦେଷ୍ଟା ନିରଞ୍ଜନ ପରିଡ଼ା ପ୍ରମୁଖ ସାକ୍ଷାତ କରି ଆଲୋଚନା କରିଥିଲେ।

## ରାଜ୍ୟରେ ବିଭିନ୍ନ ଜିଲ୍ଲାରେ କରୋନା ସ୍ଥିତି

ଭୁବନେଶ୍ୱର,୩୦।୮ (ନି.ପ୍ର): ଆଜି ଖୋର୍ଦ୍ଧା ଜିଲ୍ଲାରେ ୬୮୪ଟି ନୂଆ କରୋନା ମାମଲା ସାମନାକୁ ଆସିବା ପରେ ଜିଲ୍ଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢି ୧୬୧୪୬ ହୋଇଛି । ସେହିପରି ଗଂଜାମ ଜିଲ୍ଲାରେ ୨୧୬ କରୋନା ମାମଲା ସାମନାକୁ ଆସିବା ପରେ ଜିଲ୍ଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢି ୧୭୬୭୨ ରେ ପହଂଚିଛି । ରାଜା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଏହି ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଆଜି ସୁଦ୍ଧା ଅନୁଗୁଳ ଜିଲ୍ଲାରେ ୮୩୭, ବାଲେଶ୍ୱର ଜିଲ୍ଲାରେ ୩୫୯୭, ବରଗଡ ଜିଲ୍ଲାରେ ୨୦୬୭, ଭଦ୍ରକ ଜିଲ୍ଲାରେ ୨୫୮୫ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ବଲାଙ୍ଗିର ଜିଲ୍ଲାରେ ୧୭୮୬ . ବୌ ଦ୍ଧ ଜିଲ୍ଲାରେ ୬୦୦, କଟକ ଜିଲ୍ଲାରେ ୮୦୪୬, ଦେବଗଡ ଜିଲ୍ଲାରେ ୨୦୪, ଢେଙ୍କାନାଳ ଜିଲ୍ଲାରେ ୧୫୬୦. ଗଜପତି ଜିଲ୍ଲାରେ ୨୮୪୧, ଜଗତସିଂହପୁର ଜିଲ୍ଲାରେ ୧୭୬୯ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଯାଜପୁର ଜିଲ୍ଲାରେ ୩୬୯୦, ଝାରସୁଗୁଡା ଜିଲ୍ଲାରେ ୧୧୭୬, କଳାହାଣ୍ଡି ଜିଲ୍ଲାରେ ୧୨୭୦, କନ୍ଧମାଳ ୨୧୮୬, କେନ୍ଦ୍ରାପଡା ଜିଲ୍ଲାରେ ୧୬୨୬, କେନ୍ଦୁଝର ଜିଲ୍ଲାରେ ୧୭୬୫, ଖୋର୍ଦ୍ଧା ଜିଲ୍ଲାରେ ୧୬୧୪୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରେ ୩୩୫୯ , ମାଲକାନଗିରି ଜିଲ୍ଲାରେ ୨୨୯୩, ମୟୁରଭଂଜ ଜିଲ୍ଲାରେ ୩୩୭୦. ନବରଙ୍ଗପୁର ଜିଲ୍ଲାରେ ୧୦୬୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇ ସାରିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ନୟାଗଡ ଜିଲ୍ଲାରେ ୨୮୯୫, ନୂଆପଡା ଜିଲ୍ଲାରେ ୪୧୪ , ପୁରୀ ଜିଲ୍ଲାରେ ୩୪୫୪, ରାୟଗଡା ଜିଲ୍ଲାରେ ୪୭୬୯. ସମ୍ବଲପୁର ଜିଲ୍ଲାରେ ୨୭୪୫. ସୁବର୍ଣ୍ଣପୁର ଜିଲ୍ଲାରେ ୬୭୭ ଓ ସୁନ୍ଦରଗଡ ଜିଲ୍ଲାରେ ୪୪୦୦ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

# ବାଲେଶ୍ୱରର ବନ୍ୟା ପରବର୍ତ୍ତୀ ସ୍ଥିତିକୁ ନେଇ ବିଶାଳ ଦେବଙ୍କ ସମୀକ୍ଷା



ବାଲେଶ୍ୱର,୩୦।୮ (ନି.ପ୍ର): ଜିଲ୍ଲାର ସବୁ ନଦୀର ଜଳସ୍ତର କମିବା ସହ ବନ୍ୟାସ୍ଥିତି ଟଳି ଯାଇଥିଲେ ବି ବନ୍ୟା ଦୁର୍ଗତଙ୍କ ଅବସ୍ଥା ପରଖିବା ଓ ହୋଇଥିବା କ୍ଷୟକ୍ଷତି ସମ୍ପର୍କରେ ଅନୁଧ୍ୟାନ ପାଇଁ ରାଜ୍ୟ କ୍ରୀଡ଼ା ଓ ଯୁବ ବିକାଶ ବିଭାଗ ସଚିବ ବିଶାଳ ଦେବ ଆଜି ବାଲେଶ୍ୱରରେ ପହଞ୍ଚିଛନ୍ତି। ସେ ବନ୍ୟାଞ୍ଚଳ ଓ ବିଭିନ୍ନ ଆଶ୍ରୟସ୍ଥଳୀ ପରିଦର୍ଶନ କରିବା ସହିତ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ସଚିବ ଶ୍ରୀ ଦେବ ପ୍ରଥମେ ବୁଢ଼ାବଳଙ୍ଗ ନଦୀ ଅବବାହିକାସ୍ଥିତ ନଗ୍ରମ ପଞ୍ଚାୟତର ବିଭିନ୍ନ ଗ୍ରାମ ବୁଲି ଦେଖିଥିଲେ। ପରେ ମଥାନି ଓ ସୁବର୍ଣ୍ଣରେଖା ନଦୀ ଅବବାହିକାସ୍ଥିତ ବିଭିନ୍ନ ବ୍ଲକ ଅଞ୍ଚଳ ବୁଲି ଲୋକଙ୍କ ସ୍ଥିତି ସମ୍ପର୍କରେ ଅବଗତ ହୋଇଥିଲେ। ଏମିତିକି ଅଦ୍ୟାବଧି ବିଭିନ୍ନ ଆଶ୍ରୟସ୍ଥଳରେ ରହିଥିବା ତଳିଆ ଅଞ୍ଚଳର ଲୋକଙ୍କ ସମସ୍ୟା ସମ୍ପର୍କରେ ସେ ପଚାରି ବୁଝିଥିଲେ। ପରେ ସର୍କିଟ ହାଉସରେ ଆୟୋଜିତ ଏକ ସମୀକ୍ଷା ବୈଠକରେ ଜିଲ୍ଲାପାଳଙ୍କ ସମେତ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀ ଓ ବିଭାଗୀୟ ଅଧିକାରୀଙ୍କ ସହ ସଚିବ ଶ୍ରୀ ଦେବ ବନ୍ୟା ପରିସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷ କରି ବନ୍ୟାବେଳ ଉଦ୍ଧାର କାର୍ଯ୍ୟ ଓ ରିଲିଫ୍ ପରିଚାଳନା ଉପରେ ସେ ସମୀକ୍ଷା କରିଥିଲେ। ତେବେ ଚଳିତ ବନ୍ୟାସ୍ଥିତିକୁ ପରିଚାଳନାରେ ପ୍ରଶାସନର ସମୟୋପଯୋଗୀ ପଦକ୍ଷେପକୁ ନେଇ ସେ ସନ୍ତୋଷ ପ୍ରକାଶ କରିଥିଲେ।ଏହି ବନ୍ୟାରେ ଜିଲ୍ଲାର ମୋଟ ୮୨ ଗୋଟି ଗ୍ରାମର ୩୦ହଜାରରୁ ଅଧିକ ଲୋକ ପ୍ରଭାବିତ ହୋଇଥିବା ବେଳେ ୪୫ ଗୋଟି ଆଶ୍ରୟସ୍ଥଳ ବ୍ୟବହାର କରାଯାଇଥିଲା। ଜିଲ୍ଲାର ବିଭିନ୍ନ ତଳିଆ ଅଞ୍ଚଳରୁ ମୋଟ ୨୫ ଶହ ଲୋକଙ୍କୁ ଉଦ୍ଧାର ସହ ଆଶ୍ରୟସ୍ଥଳରେ ରଖାଯାଇଥିଲା। ସମ୍ପ୍ରତି ବଢ଼ିପାଣି କମିବା ସହ ଲୋକେ ନିଜ ନିଜର ଘରକୁ ପ୍ରତ୍ୟାବର୍ତ୍ତନ କରିଥିବା ବେଳେ ଆହୁରି ୮ଶହ ଲୋକ ଅଦ୍ୟାବଧି ଆଶ୍ରୟସ୍ଥଳରେ ଥିବା ସଚିବ ଶ୍ରୀ ଦେବ ସୂଚନା ଦେଇଛନ୍ତି। ତେବେ ବନ୍ୟାପରବର୍ତ୍ତୀ ପାନୀୟ ଜଳ ଓ ପରିମଳ ସମସ୍ୟା ସମାଧାନ ପାଇଁ ଆରଡବ୍ଲ୍ୟୁଏସଏସ ବିଭାଗ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଜାରି ରଖିଥିବା ବେଳେ ସମ୍ଭାବ୍ୟ ଡେଙ୍ଗୁ ଓ ଡାଇରିଆ ପ୍ରଭୃତିକୁ ନେଇ ପ୍ରଶାସନ ଅଗତୁରା ପଦକ୍ଷେପ ନେଇଛି ବୋଲି ଶ୍ରୀ ଦେବ କହିଛନ୍ତି। ତେବେ ବନ୍ୟା ସମୟରେ ଓ ବନ୍ୟା ପରବର୍ତ୍ତୀ ପ୍ରଶାସନର ପଦକ୍ଷେପ ସନ୍ତୋଷଜନକ ଥିବା ସେ କହିଛନ୍ତି। ଜିଲ୍ଲାର ବନ୍ୟା ପରିସ୍ଥିତି ପରିଚାଳନା ଓ ହୋଇଥିବା କ୍ଷୟକ୍ଷତି ଆକଳନ ରିପୋର୍ଟ ପ୍ରସ୍ତୁତ ସହ ସେ ଖୁବଶୀଘ୍ର ରାଜ୍ୟ ସରକାରଙ୍କୁ ପ୍ରଦାନ କରିବେ ବୋଲି ସଚିବ ଶ୍ରୀ ଦେବ ସୂଚନା ଦେଇଛନ୍ତି। ଆଜିର ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ, ଅତିରିକ୍ତ ଜିଲ୍ଲାପାଳ ସମ୍ବିତ୍ କୁମାର ନାୟକ, ବାଲେଶ୍ୱର ଉପ-ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ସଚିବଙ୍କୁ ବନ୍ୟା ସମ୍ପର୍କିତ ତଥ୍ୟ ପ୍ରଦାନ କରିଥିଲେ।

## କେନ୍ଦ୍ରମନ୍ତ୍ରୀ ଓ ବିଜେପି ଦଳର ବନ୍ୟାଞ୍ଚଳ ପରିଦର୍ଶନ



ଜଳେଶ୍ୱର, ୩୦/୮ (ନି.ପ୍ର) : ଗତ ଶନିବାର ବାଲେଶ୍ୱର ସାଂସଦ ତଥା କେନ୍ଦ୍ର ମନ୍ତ୍ରୀ ପ୍ରତାପ ଷଡଙ୍ଗୀ ସୁବର୍ଣ୍ଣରେଖା ବନ୍ୟାପରେ ଯନ୍ତ୍ର ଚାଳିତ ନୌକାରେ ଆସି ବାଇଗଣ ବାଡିଆ ଓ ଝାଡପିମ୍ପଳ ପଂଚାୟତ ନିକଟରେ ପହଞ୍ଚି ଉପସ୍ଥିତ ସରକାରୀ କର୍ମଚାରୀଙ୍କ ସହ ବନ୍ୟାର ସମୀକ୍ଷା ଓ ସହାୟତା ସଂପର୍କରେ ଆଲୋଚନା କରିଥିଲେ । ଏହି ଆଲୋଚନାରେ ବିଡିଓ ଦୀପ୍ତିରଂଜନ ସେଠୀ, ତହସିଲଦାର କ୍ଷୀରୋଦ କୁମାର ପଣ୍ଡା ଓ ଜଳସେଚନ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ । ମନ୍ତ୍ରୀଙ୍କ ଗସ୍ତପରେ ବିଜେପିର ଏକ ଟିମ୍ ବନ୍ୟା ପ୍ଲାବିତ ଅଞ୍ଚଳ ଖୁଲୁଡା, ବର୍ତ୍ତନା, ବଡ କସିଦା, ସାନ କସିଦା, ପଶ୍ଚିମବାର୍ଡ଼, ଝାଡପିମ୍ପଳ ଅଂଚଳ ବୁଲି ଦେଖିଥିଲେ । ସର୍ବଶ୍ରୀ ଜିଲା ମହିଳା ମୋର୍ଚ୍ଚାର ସାଧାରଣ ସଂପାଦିକା ସୁମତୀ ଦେ, ରାଷ୍ଟ୍ରିୟ ପରିଷଦ ସଭ୍ୟ ସମୀର ପାତ୍ର, ଶିଦ୍ଧାର୍ଥ ପାଳ, ପ୍ରତାପ ସେନାପତି, ତପନ ବିଶ୍ୱାଳ, ସାଧବ ପ୍ରଧାନ, ଜ୍ୟୋତିବ୍ରହ୍ମ ଦେ ପ୍ରମୁଖ ଗ୍ରାମାଂଚଳରେ ରହୁଥିବା ଲୋକଙ୍କ ଦୁର୍ଦ୍ଦଶା ଓ ଖରିଫ ଓ ପରିବା ଛାର କ୍ଷତି ବୁଲି ଦେଖିଥିଲେ ।

## ୭୦ନଂ ଜାତୀୟ ରାଜପଥ ଲକ୍ଷ୍ମଣନାଥ ଟୋଲ୍ ପ୍ଲାଜା କାର୍ ଦୁର୍ଘଟଣା ଗ୍ରସ୍ତ : ୧ ମୃତ ୧ ସ୍ଥାନାନ୍ତର



ଜଳେଶ୍ୱର,୩୦।୮ (ନି.ପ୍ର): ରବିବାର ଅପରାହ୍ନରେ ଡବ୍ଲୁବିଂ୦୮ଇ୦୮୮୮ ଏକ କାର୍‌ରେ ୨ଜଣ ବ୍ୟକ୍ତି ହାଓଡାରୁ ଯାଜପୁରସ୍ଥିତ ଟାଟା ଷ୍ଟିଲ କାରଖାନାକୁ ଯାଉଥିଲେ । ଏହି କାର୍‌କୁ ଟାଟା ଷ୍ଟିଲର ଜଣେ ମ୍ୟାନେଜର ଶିବାନୀ ଚୌଧୁରୀ ଚଳାଉଥିବା ଜଣାଯାଇଛି । କାର୍‌ଟି ଦ୍ରୁତ ବେଗରେ ଯାଉଥିବା ବେଳେ ନିୟନ୍ତ୍ରଣ ହରାଇ ୬୦ନଂ ଜାତୀୟ ରାଜପଥର ଜଳେଶ୍ୱରସ୍ଥିତ ଲକ୍ଷ୍ମଣନାଥ ଟୋଲ ପ୍ଲାଜା ନିକଟରେ ଶିବାନୀ ହୋଟେଲ ସମ୍ମୁଖରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟକୁ ବାଡେଇ ଯାଇଥିଲା । ଫଳରେ କାର୍‌ଟି ୩/୪ ପଲଟି ହେବା ପରେ ରାସ୍ତାକଡରେ ଛିଡା ହୋଇଥିବା ଅନ୍ୟଏକ ଟ୍ରକ୍‌ରେ ଲାଖି ରହିଯାଇଥିଲା । ସେଥିରେ ବସିଥିବା ଅମିତ୍ ନାମକ ପୁରୁଷ ଲୋକର ମୁଣ୍ଡ ଛେଚି ଯାଇଥିବାରୁ ଘଟଣାସ୍ଥଳରେ ତାର ମୃତ୍ୟୁ ଘଟିଥିଲା । ସ୍ଥାନୀୟ ଲୋକେ ଓ ପୁଲିସ୍ ୨ଜଣଙ୍କୁ ଜିକେ ଭଟ୍ଟର ହସ୍‌ପିଟାଲକୁ ଆଣିଥିବା ବେଳେ ଶିବାନୀ ଚୌଧୁରୀ ଗୁରୁତର ଥିବାରୁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ପଠାଇ ଦିଆଯାଇଛି । ଶିବାନୀ ଚୌଧୁରୀଙ୍କ ଘର ବିହାର ଅଂଚଳର ହୋଇଥିବା ବେଳେ ଅମିତ୍‌ଙ୍କ ଘର ହାଓଡା ଜିଲାର ସିଙ୍ଗୁଆ ଗାଁର ବୋଲି ପୁଲିସ୍ ସୂତ୍ରରୁ ଜଣାଯାଇଛି ।

## ଦିନକରେ ୧୩୮ କରୋନା ପଜିଟିଭ୍ ଚିହ୍ନଟ : ଜିଲ୍ଲାର ସଂକ୍ରମିତଙ୍କ ସଂଖ୍ୟା ୩୫୯୭କୁ ବୃଦ୍ଧି




ବାଲେଶ୍ୱର,୩୦।୮ (ନି.ପ୍ର): ସରକାରଙ୍କ ନିର୍ଦ୍ଦେଶ କ୍ରମେ ସମଗ୍ର ଦେଶରେ ଜାରି ଅନଲକ୍-୩ ଅବଧି ଆଉ ଦିନକ ପରେ ଶେଷ ହେବାକୁ ଯାଉଥିବା ବେଳେ କରୋନା ସଂକ୍ରମଣ ମଧ୍ୟ ଶୀର୍ଷକୁ ଯିବାରେ ଲାଗିଛି। ବାଲେଶ୍ୱରେ ବଢ଼ି ଚାଲିଥିବା ସ୍ଥାନୀୟ ସଂକ୍ରମଣ ଯୋଗୁଁ ଜିଲ୍ଲାର ସ୍ଥିତି ସଙ୍ଗୀନ ଆଡ଼କୁ ଯାଉଥିବା ଲକ୍ଷ୍ୟ କରାଯାଇଛି। ଗୋଟିଏ ଦିନରେ ୧୩୮ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଅଦ୍ୟାବଧି ଜିଲ୍ଲାର କରୋନା ସଂକ୍ରମିତଙ୍କ ସଂଖ୍ୟା ୩୫୯୭ରେ ପହଞ୍ଚିଛି। ଆଜି ସୁଦ୍ଧା ଜିଲ୍ଲାର ୨ହଜାର ୬୩୭ ଜଣ କରୋନା ରୋଗୀ ସୁସ୍ଥ ହୋଇଥିବା ବେଳେ ଏକ୍ଟିଭ୍ ଥିବା ୯୪୪ଜଣ ଆକ୍ରାନ୍ତଙ୍କୁ ଏବେ କୋଭିଡ୍ ହସପିଟାଲରେ ରଖି ଚିକିତ୍ସା କରାଯାଉଛି। ଅନ୍ୟପକ୍ଷରେ ଜିଲ୍ଲାର ସଂଖ୍ୟା ଏବେ ୧୧ରେ ସ୍ଥିର ରହିଛି। ତେବେ ଆଜି ଜିଲ୍ଲାରେ ଚିହ୍ନଟ ହୋଇଥିବା ୧୩୮ଜଣ ପଜିଟିଭ୍‌ଙ୍କ ମଧ୍ୟରୁ ବାଲେଶ୍ୱର ପୌରାଞ୍ଚଳରେ ୨୫ ଜଣ ଥିବା ଜଣାପଡ଼ିଛି। ଜିଲ୍ଲାରେ ନୂଆଭାବେ ଚିହ୍ନଟ ହୋଇଥିବା ସମସ୍ତ ଆକ୍ରାନ୍ତ ପୂର୍ବ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବା ଯୋଗୁଁ କରୋନା ପିଜିଟିଭ୍ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ବାଲେଶ୍ୱର ପୌରାଞ୍ଚଳର ମାନସିଂବଜାରରେ ୪ଜଣ, ସଦର ବ୍ଲକର ବାହାବଳପୁରରେ ୧୧ ଜଣ, ରଣସାହିରେ ୫ଜଣ ଓ ଦୁବୁଲାଗଡ଼ିରେ ୫ ଜଣ, ନୀଳଗିରି ବ୍ଲକର ମର୍ଦ୍ଦରାଜପୁରରେ ୯ଜଣ, ରେମୁଣାବ୍ଲକର ବାଲିଆ ଅଞ୍ଚଳରେ ୪ଜଣ ଏବଂ ସୋରବ୍ଲକର ପର୍ଶୁରାମପୁର ଅଞ୍ଚଳରେ ୫ ଜଣ ଏକକାଳୀନ ପିଟିଭ୍ ଚିହ୍ନଟ ସ୍ଥାନୀୟ ସଂକ୍ରମଣକୁ ଅଧିକ ସଂଗୀନ କରିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଅନଲକ୍-୪ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ମାର୍ଗଦର୍ଶିକା ଘୋଷଣା ହେବା ହୋଇଥିବା ବେଳେ ରାଜ୍ୟ ସରକାର ମଧ୍ୟ ଜେଇଇ ପରୀକ୍ଷା ଶେଷ ହେବା ପର୍ଯ୍ୟନ୍ତ ପରୀକ୍ଷା ସେଣ୍ଟର ହେଉଥିବା ଜିଲ୍ଲାମାନଙ୍କରେ ଲକ୍‌ଡାଉନ୍ ଓ ସପ୍ତାହାନ୍ତ ସଟ ଡାଉନ୍ ଉଠାଇଦେଇଛନ୍ତି। ତେବେ ବାଲେଶ୍ୱରରେ ଏନେଇ ପ୍ରଶାସନ ପକ୍ଷରୁ ବିଳମ୍ବରେ ଘୋଷଣା କରାଯିବା ଫଳରେ କଟକଣା ନଥାଇ ବି ଆଜି ସଟ୍ ଡାଉନ୍ ପାଳନ ହୋଇଥିବା ଦେଖିବାକୁ ମିଳିଥିଲା। ସତେବେ ଗତ କିଛିଦିନ ଧରି ଜିଲ୍ଲାରେ କ୍ରମାଗତ ଭାବେ ସ୍ଥାନୀୟ ସଂକ୍ରମଣର ସ୍ଥିତି ଆସନ୍ତା ସେପ୍ଟେମ୍ବର ମାସରେ କ'ଣ ରହିବ ତାହାକୁ ନେଇ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି।

# ବୈତରଣୀ ବନ୍ୟା ନିୟନ୍ତ୍ରଣାଧୀନ: ୨ଲକ୍ଷ ୭୦ ହଜାର ୫୧୫ ଲୋକ ପ୍ରଭାବିତ

ଭଦ୍ରକ,୩୦।୮ (ନି.ପ୍ର): ବୈତରଣୀ ନଦୀରେ ଆସିଥିବା ବନ୍ୟା ନିୟନ୍ତ୍ରଣ ହୋଇଛି। ନଦୀର ଜଳପତ୍ତନ ହ୍ରାସ ପାଇ ବିପଦ ସଂକେତରେ ବହୁ ତଳେ ପ୍ରବାହିତ ହେଉଛି। ତେବେ ଯେଉଁ ବନ୍ୟା ହୋଇଯାଇଛି, ଏଥିରେ ଜିଲ୍ଲାର ୭ଟି ବ୍ଲକ ଓ ୪ଟି ପୌରପାଳିକାର ୧୧୮ଟି ପଞ୍ଚାୟତର ୫୮୭ ଗ୍ରାମର ଓ ପୌରପାଳିକାର ୧୦ଟି ୱାର୍ଡ ପ୍ରଭାବିତ ହୋଇଛି। ଏଥିରେ ବସବାସ କରୁଥିବା ଲୋକଙ୍କ ମଧ୍ୟରୁ ୨ଲକ୍ଷ ୭୦ ହଜାର ୫୧୫ଜଣ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି। ମୋଟ ୧୭ ହଜାର ୬୪୮ ଲୋକଙ୍କୁ ସ୍ଥାନାନ୍ତର କରି ୧୦୬ଟି ବିଭିନ୍ନ କେନ୍ଦ୍ରରେ ରଖାଯାଇଥିବା ବେଳେ ଆଜି ସେମାନଙ୍କ ମଧ୍ୟରୁ କିଛି ଲୋକ ନିଜ ଘରକୁ ଫେରି ଯାଇଛନ୍ତି। ୯୬ଟି କେନ୍ଦ୍ର ୧୪ହଜାର ୧୦୦ଜଣ ଆଜି ମଧ୍ୟ ସ୍ଥାନାନ୍ତରିତ କେନ୍ଦ୍ରରେ ରହିଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ସେମାନଙ୍କୁ ମାଗଣାରେ ରନ୍ଧାଖାଦ୍ୟ ଯୋଗାଇ ଦିଆ ଯାଇଛି। ଆଜି ମଧ୍ୟ ଉଦ୍ଧାରକାର୍ଯ୍ୟ ପାଇଁ ଏନ୍‌ଡିଆର୍‌ଏଫ୍, ଓଡ୍ରାଫ୍ ଓ ଅଗ୍ନିଶମ ବାହିନୀ ନିୟୋଜିତ ରହିଛନ୍ତି। ଧାମନଗର, ଭଣ୍ଡାରିପୋଖରୀ ଓ ତିହିଡି ବ୍ଲକରେ ୨୩ଟି ବୋଟ ଉଦ୍ଧାର କାର୍ଯ୍ୟରେ ରହିଛି। ବନ୍ୟାରେ ୩ଜଣଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ଭଣ୍ଡାରିପୋଖରୀ ବ୍ଲକର ରହଣିଆ ପଞ୍ଚାୟତର ହରିହର ସାମଲ, ଷୋଳମପୁର ପଞ୍ଚାୟତର ବ୍ରାହ୍ମଣପଦା ଗ୍ରାମର ସନ୍ଦିପ ରାଉତ ଏବଂ ଧାମନଗର ବ୍ଲକର ହେମନ୍ତ ଜେନା। ଏହି ବନ୍ୟାରେ ୬୮ହଜାର ୨୮୪ ପଶୁ ସମ୍ପଦ ପ୍ରଭାବିତ ହୋଇଛନ୍ତି। ୪ଟି ପଶୁ ସମ୍ପଦର ମୃତ୍ୟୁ ଘଟିଛି। ପ୍ରାଥମିକ ଆକଳନ ଅନୁଯାୟୀ ୩୮ହଜାର ୭୦୭ ହେକ୍ଟର ଜମିର ଫସଲ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି। ୭ଟି ଯାକ ବ୍ଲକର ବନ୍ୟା ଅଞ୍ଚଳରେ ଭ୍ରାମ୍ୟମାଣ ମେଡିକାଲ ଟିମ୍ ନିୟୋଜନ ହେବା ସହିତ ବିଭିନ୍ନ ବ୍ଲକ ଅଞ୍ଚଳରେ ମଧ୍ୟ ମେଡିକାଲ ଟିମ ରହି ପ୍ରଭାବିତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଜାରି ରଖିଛନ୍ତି। ଯୁଦ୍ଧକାଳୀନ ଭିତ୍ତିରେ ପ୍ରଭାବିତ ଅଞ୍ଚଳର ନଳକୂପକୁ ବିଶୋଧନ କରାଯାଇ ପିଇବା ଉପଯୋଗୀ କରାଯାଉଛି। ପ୍ରାୟତଃ ସମସ୍ତ ପ୍ରଭାବିତଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଯଦି କେଉଁଠି କେହି ପାଣି ଘେରରେ ଥିବା ଖବର ମିଳେ ତୁରନ୍ତ ସଂପୃକ୍ତ ଅଞ୍ଚଳର ବିଡିଓ ମେସାନଙ୍କୁ ଉଦ୍ଧାର କରିବାକୁ ଜିଲ୍ଲାପାଳ ଡ. ଜ୍ଞାନ ଦାସ ନିର୍ଦ୍ଦେଶ ଦେଇଛନ୍ତି।

## ଜଗତସିଂହପୁର ଜିଲ୍ଲାପାଳଙ୍କ ବନ୍ୟାଞ୍ଚଳ ପରିଦର୍ଶନ



ପାରାଦ୍ୱୀପ ,୩୦।୮ (ନି.ପ୍ର): ଜଗତସିଂହପୁର ଜିଲ୍ଲା ଦେଇ ପ୍ରବାହିତ ମହାନଦୀ ଓ ଏହାର ଶାଖା ନଦୀ ଗୁଡିକରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ସମୀକ୍ଷା କରିଛନ୍ତି ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ର । ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ ଗୋପିଆକୁଦ, ଶଙ୍ଖେଶ୍ୱର ଆଦି ସ୍ଥାନରେ ପହଞ୍ଚି ବନ୍ୟାଜଳର ସ୍ଥିତି ପରଖିଥିଲେ । ବନ୍ୟା ଆଶ୍ରୟସ୍ଥଳରେ ସ୍ଥାନାନ୍ତରିତ ହୋଇ ରହିଥିବା ଲୋକ ମାନଙ୍କୁ ଆଦର୍ଶ କୋଭିଡ୍ ମାର୍ଗଦର୍ଶିକା ଅନୁଯାୟୀ ମାସ୍କ ପିନ୍ଧିବା, ସାମାଜିକ ଦ୍ୱରତ୍ୱ ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। କୁଜଙ୍ଗ ବ୍ଲକ ଜିଲ୍ଲାନାସୀ, ହରିପୁର ଅଞ୍ଚଳରେ ପହଞ୍ଚି ଲୋକମାନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିବା ସହ ମାସ୍କ ବଣ୍ଟନ କରିଥିଲେ । ବିଭିନ୍ନ ଆଶ୍ରୟସ୍ଥଳ ଗୁଡିକରେ ଥିବା ଗୋରୁ ଗାଇ ଙ୍କ ନିମେନ୍ତ ଗୋଖାଦ୍ୟ ବଣ୍ଟନ କରିଥିଲେ । ନଦୀ ବନ୍ଧ ଉପରେ ସତର୍କ ଦୃଷ୍ଟି ରଖିବାକୁ ରାତ୍ରୀକାଳୀନ ପେଟ୍ରୋଲିଂ ପାଇଁ ଅଧିକାରୀ ମାନଙ୍କୁ ପ୍ରଶାସନ ପକ୍ଷରୁ ନିୟୋଜିତ କରାଯାଇଥିବା ଜିଲ୍ଲା ପ୍ରଶାସନ ପକ୍ଷରୁ ଜଣାପଡିଛି । ଜିଲ୍ଲାପାଳଙ୍କ ସହିତ ଜଳସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ , ଅତିରିକ୍ତ ଚିକିତ୍ସାଧିକାରୀଙ୍କ ସମେତ ବିଡିଓ ଓ ତହସିଲଦାର ପ୍ରମୁଖ ଜିଲ୍ଲାପାଳଙ୍କ ସହିତ ବନ୍ୟାଞ୍ଚଳ ପରିଦର୍ଶନ କରିଥିଲେ ।

## ଗୋଟିଏ ଦିନରେ ୨୫୧୯ କରୋନା ଆକ୍ରାନ୍ତ ସୁସ୍ଥ

ଭୁବନେଶ୍ୱର, ୩୦ ଅଗଷ୍ଟ – ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗକୁ ଏକ ବଡ଼ ସଫଳତା ମିଳିଛି। ପ୍ଲାଜମା ଥେରାପି ମାଧ୍ୟମରେ ଚିକିତ୍ସିତ ହୋଇଥିବା ୧୦୪ ଆକ୍ରାନ୍ତ ଆଜି ସୁସ୍ଥ ହୋଇଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପ୍ଲାଜମା ଦାନ କରିଥିବା ବ୍ୟକ୍ତିମାନଙ୍କୁ ଶୁଭେଚ୍ଛା ଜଣାଇଛି। ଏଥି ସହିତ ରାଜ୍ୟରେ ରବିବାର ଦିନ ୨୫୧୯ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏଥିସହ ମୋଟ ସୁସ୍ଥଙ୍କ ସଂଖ୍ୟା ୭୩ ହଜାର ୨୩୩ରେ ପହଂଚିଛି। ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୪୧୯ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଗଂଜାମ ଜିଲ୍ଲାରୁ ୨୧୬ ଜଣ, ପୁରୀ ଜିଲ୍ଲାରୁ ୨୧୦ ଜଣ, ରାୟଗଡ଼ା ଜିଲ୍ଲାରୁ ୨୦୫ ଜଣ, କେରାପୁଟ ଜିଲ୍ଲାରୁ ୧୬୯ ଜଣ, ମୟୂରଭଂଜ ଜିଲ୍ଲାରୁ ୧୫୦ ଜଣ, କଟକ ଜିଲ୍ଲାରୁ ୧୨୯ ଜଣ ଓ ବାଲେଶ୍ୱର ଜିଲ୍ଲାରୁ ୧୦୦ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ସେହିପରି ନୟାଗଡ଼ ଜିଲ୍ଲାରୁ ୯୫ ଜଣ, ସମ୍ବଲପୁର ଜିଲ୍ଲାରୁ ୮୫ ଜଣ, ମାଲକାନଗିରି ଜିଲ୍ଲାରୁ ୮୪ ଜଣ,

▶▶ ପୃଷ୍ଠା ୭

## କ୍ଷୁଦ୍ର ବ୍ୟବସାୟକୁ ପ୍ରୋତ୍ସାହିତ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ଭୁବନେଶ୍ୱର,୩୦।୮ (ନି.ପ୍ର): ଆଜି ଜାତୀୟ କ୍ଷୁଦ୍ର ଉଦ୍ୟୋଗ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ, ଦେଶରେ କୋଭିଡ୍-୧୯ ମହାମାରୀ ପ୍ରଭାବିତ ଅର୍ଥନୀତିର ପୁନରୁଦ୍ଧାର ନିମିତ କ୍ଷୁଦ୍ରଶିଳ୍ପଗୁଡ଼ିକ ଦେଶରେ ବ୍ୟାପକ ପରିବର୍ତ୍ତନର ଅଗ୍ରଦୂତ ହୋଇପାରିବେ । କ୍ଷୁଦ୍ରଶିଳ୍ପଗୁଡ଼ିକ ଆମ ଅର୍ଥନୀତିର ସଶକ୍ତ ସ୍ତମ୍ଭ ଭାବରେ ଉଭା ହେବା ଦିଗରେ ବିଭିନ୍ନ କ୍ଷୁଦ୍ର ବ୍ୟବସାୟର ପ୍ରୋତ୍ସାହନ ଓ ପରିପାଳନ ନିମନ୍ତେ ସେ ସମସ୍ତଙ୍କୁ ଆହ୍ୱାନ ଜଣାଇଛନ୍ତି ।

## ବନ୍ୟା ପ୍ରପୀଡିତଙ୍କ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହେବେ ବିଜେପି କାର୍ଯ୍ୟକର୍ତ୍ତା : ସମୀର ମହାନ୍ତି

ଭୁବନେଶ୍ୱର,୩୦।୮ (ନି.ପ୍ର): ରାଜ୍ୟର ବିଭିନ୍ନ ଜିଲ୍ଲାରେ ଦେଖାଦେଇଥିବା ବନ୍ୟା ପରିସ୍ଥିତିରେ ରାଜ୍ୟବାସୀଙ୍କୁ ସର୍ତ୍ତକତା ଅବଲମ୍ବନ କରିବା ନିହାତି ଦରକାର । ଏହା ସହ ବନ୍ୟା ସମୟରେ ନିଜକୁ ସୁରକ୍ଷିତ ରଖିବା ପାଇଁ ବନ୍ୟା ଆଶ୍ରୟସ୍ଥଳ କିମ୍ବା ଉଚ୍ଚା ସ୍ଥାନରେ ଆଶ୍ରୟ ନେବାକୁ ଜନସାଧାରଣଙ୍କୁ ରାଜ୍ୟ ସଭାପତିଶ୍ରୀ ସମୀର ମହାନ୍ତି ନିବେଦନ କରିଛନ୍ତି । ଶ୍ରୀ ମହାନ୍ତି କହିଛନ୍ତି ଯେ, ଚଳିତ ବନ୍ୟାରେ ରାଜ୍ୟର ଅନେକ ସ୍ଥାନରେ ଘାଇ ସୃଷ୍ଟି ହୋଇଛି । ବନ୍ୟା ଯୋଗୁଁ ଲକ୍ଷ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି । ଏହାଦ୍ୱାରା ଅନେକ ଧନଜୀବନ କ୍ଷତି ହୋଇଛି । ବିଶେଷ କରି ତଳିଆ ଅଂଚଳରେ ବନ୍ୟା ପ୍ରଭାବିତ ଲୋକଙ୍କ ପାଖରେ ପ୍ରଶାସନ ଏଯାବତ୍ ପହଂଚି ନଥିବା ଘଟଣା ବିଭିନ୍ନ ଗଣମାଧ୍ୟମରେ ପ୍ରସାରଣ ହେଉଛି। ଏଭଳିବନ୍ୟା ବିପତି ସମୟରେ ପ୍ରଶାସନ ପହଂଚି ନଥିବା ସ୍ଥାନରେ ଜନସାଧାରଣଙ୍କୁ ସଚେତନ କରାଇବା ଏବଂ ଉଦ୍ଧାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବା ସହ ବନ୍ୟା ପ୍ରପିଡିତ ଲୋକଙ୍କୁ ଶୁଖିଲା ଖାଦ୍ୟ, ପାଣି, ଔଷଧ ଆଦି ଯୋଗାଇବା କାର୍ଯ୍ୟରେ ନିଜକୁ ନିୟୋଜିତ କରିବା ପାଇଁ କାର୍ଯ୍ୟକର୍ତ୍ତାମାନଙ୍କୁ ଶ୍ରୀ ମହାନ୍ତି ଆହ୍ୱାନ ଦେଇଛନ୍ତି। ରାଜ୍ୟର ଜଳମଗ୍ନ ହୋଇଥିବା ଅଂଚଳରେ ପ୍ରଶାସନ ପହଂଚି ବନ୍ୟା ପ୍ରପୀଡିତ ଲୋକଙ୍କୁ ଉଦ୍ଧାର କରି ସେମାନଙ୍କ ପାଖରେ ରିଲିଫ ସାମଗ୍ରୀ ପହଂଚାଇବାର ବ୍ୟବସ୍ଥା କରୁ।


❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo